- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-28 ◆TUESDAY ◆22 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୮ ◆ମଙ୍ଗଳବାର ◆୨୨ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ପଇସା




କାହାଣୀ ପାଇଁ ଅଟକିଛି 'ଏସ୍ଏସ୍ଏମ୍ବି୨୯'ର ସୁଟିଂ

▶ପୃଷ୍ଠା ୧୧ ଦେଖନ୍ତୁ...

## କଲେଜ ଉପରେ ଖସିଲା ବାଂଲାଦେଶ ବାୟୁସେନା ବିମାନ



**୧୯ ମୃତ, ୧୬୦ ଆହତ**

■ **ଢାକା, ୨୧।୭(ଏଜେନ୍ସି):** ବାଂଲାଦେଶ ରାଜଧାନୀ ଢାକାରେ ସୋମବାର ଏକ ବିମାନ ଦୁର୍ଘଟଣା ଘଟିଛି। କ୍ଲାସ ଚାଲିଥିବା ବେଳେ ବାଂଲାଦେଶ ବାୟୁସେନାର ଏକ ବିମାନ ଉତ୍ତରାସ୍ଥିତ ମାଇଲଷ୍ଟୋନ କଲେଜ ଉପରେ ଖସି ପଡ଼ିଥିଲା। ପାଇଲଟଙ୍କ ସମେତ ୧୯ ଜଣ ମୃତ୍ୟୁବରଣ କରିଛନ୍ତି ଓ ୧୬୪ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ପ୍ରାଣ ହରାଇଥିବା ଲୋକମାନଙ୍କ ମଧ୍ୟରେ ୧୬ ଜଣ ଛାତ୍ରଛାତ୍ରୀ, ଦୁଇ ଜଣ ଶିକ୍ଷକ ଓ ଜେଟ୍ ପାଇଲଟ୍ ଅଛନ୍ତି। ବିମାନଟି ଅପରାହ୍ଣ ୧.୦୬ରେ ଟେକ୍ ଅଫ୍ କରିଥିଲା ଓ ୧.୩୦ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଆହତ ହୋଇଥିବା ଲୋକଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ପାଇଲଟ ଫ୍ଲାଇଟ୍ ଲେଫ୍ଟନାଣ୍ଟ ମହମ୍ମଦ ତୌଉକିର ଇସ୍ଲାମଙ୍କ ସମେତ ୧୬ ଛାତ୍ର ଓ ଦୁଇଜଣ ଶିକ୍ଷକ ମୃତ୍ୟୁବରଣ କରିଛନ୍ତି। ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଲୋକଙ୍କର ଦେହ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡିଯାଇଛି ଏବଂ ▶ପୃଷ୍ଠା-୭

## ଶପଥ ନେଲେ ଜଷ୍ଟିସ ମାନସ ରଞ୍ଜନ ପାଠକ

**ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି**

■ **କଟକ, ୨୧।୭ (ସମିସ):** ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଥିବା ବେଳେ ସେ ଆଜି ବିଧିବଦ୍ଧ ଭାବେ ଶପଥ ଗ୍ରହଣ କରିଛନ୍ତି। ଜଷ୍ଟିସ୍ ପାଠକଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଶପଥ ପାଠ କରାଇଥିଲେ। ହାଇକୋର୍ଟ ସମ୍ମିଳନୀ କକ୍ଷରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ସମସ୍ତ ବିଚାରପତି, ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଡେପୁଟି ସଲିସିଟର୍ ଜେନେରାଲ ପ୍ରସନ୍ନ କୁମାର ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ହାଇକୋର୍ଟ ବାର୍ କର୍ମକର୍ତ୍ତାଙ୍କ ସମେତ ବହୁ ପୂର୍ବତନ ବିଚାରପତି ଏବଂ ଆଇନଜୀବୀମାନେ ଯୋଗ ଦେଇଥିଲେ। ▶ପୃଷ୍ଠା-୭



**ସଂସଦର ମୌସୁମୀ ଅଧିବେଶନ**

# ଆରମ୍ଭରୁ ହଙ୍ଗାମା

- ◆ ସଂସଦରେ ଉଠିଲା ଓଡ଼ିଶା ପ୍ରସଙ୍ଗ
- ◆ ପହଲଗାମ, ବିହାର ଉପରେ ଆଲୋଚନା ଦାବି
- ◆ ଉଭୟ ଗୃହ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ



■ **ନୂଆଦିଲ୍ଲୀ, ୨୧।୭:** ଆରମ୍ଭରୁ କମ୍ପିଲା ସଂସଦର ମୌସୁମୀ ଅଧିବେଶନ। ଆଜି ବୈଠକ ଆରମ୍ଭ ହେବାମାତ୍ରେ ଉଭୟ ଗୃହରେ ବିରୋଧୀ ଦଳମାନେ ପହଲଗାମ, ଅପରେସନ ସିନ୍ଦୂର ଏବଂ ବିହାର ପ୍ରସଙ୍ଗରେ ଆଲୋଚନା ଦାବିରେ ହୋହାଲ୍ଲା କରିଥିଲେ। ସମସ୍ତ କାର୍ଯ୍ୟ ବନ୍ଦ ରଖି ଏହିସବୁ ପ୍ରସଙ୍ଗ ଉପରେ ତୁରନ୍ତ ଆଲୋଚନା କରିବାକୁ ସେମାନେ ଦାବି କରିଥିଲେ। ଏଥିପାଇଁ ସରକାର ରାଜି ନହେବାରୁ ଗୃହରେ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଉଭୟ ଗୃହକୁ ମୁଲତବୀ ରଖାଯାଇଥିଲା।

ଲୋକସଭା ଆରମ୍ଭ ହେବାମାତ୍ରେ କଂଗ୍ରେସ ସଭ୍ୟ ମଣିକମ୍ ଟାଗୋର ଉପରୋକ୍ତ ପ୍ରସଙ୍ଗ ଆଲୋଚନା ପାଇଁ ନୋଟିସ ଦେଇଥିଲେ। ରାଜ୍ୟସଭାରେ ମଧ୍ୟ ଦଳୀୟ ସାଂସଦ ରଣଦୀପ ସୂର୍ଯ୍ୟେୱାଲା ନିୟମ ୨୬୭ ଅନୁଯାୟୀ ନୋଟିସ ଦେଇଥିଲେ। ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ପହଲଗାମରେ ଆକ୍ରମଣ କରିଥିବା ଆତଙ୍କବାଦୀ କୁଆଡ଼େ ଗଲେ? ସେମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ କାହିଁକି? ଉପରାଜ୍ୟପାଳ କହୁଛନ୍ତି ଯେ ଗୁଇନ୍ଦା ବିଫଳତା ଯୋଗୁଁ ପହଲଗାମ ଆକ୍ରମଣ ହେଲା, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ୨୪ ଥର କହିଲେଣି ଯେ ତାଙ୍କ ମଧ୍ୟସ୍ଥତା ଯୋଗୁଁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ହୋଇଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ କିଛି କହୁ ନାହାନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତୁରନ୍ତ ଆଲୋଚନା ହେଉ ଏବଂ ପ୍ରଧାନମନ୍ତ୍ରୀ ଏହା ଉପରେ ଉତ୍ତର ରଖନ୍ତୁ। ସେହିଭଳି ଲୋକସଭା ମୁଲତବୀ ହେବାପରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଗୃହରେ ତାଙ୍କୁ କହିବା ଲାଗି ସୁଯୋଗ ଦିଆଯାଉ ନାହିଁ। ମନ୍ତ୍ରୀ ଓ ସେମାନଙ୍କ (ବିଜେପି) ସଭ୍ୟଙ୍କୁ କହିବାକୁ ଦିଆଯାଉଛି। କିନ୍ତୁ ସେ ବିରୋଧୀ ଦଳର ନେତା ହେବା ସତ୍ତ୍ୱେ କହିବାକୁ ସୁଯୋଗ ଦିଆଉ ନାହିଁ।

ମିଳିଥିବା ସୂଚନା ଅନୁଯାୟୀ ସରକାର ଅପରେସନ ସିନ୍ଦୂର ପ୍ରସଙ୍ଗରେ ଆସନ୍ତା ସପ୍ତାହ ଆଲୋଚନା କରିବାକୁ ରାଜି ହୋଇଛନ୍ତି। ଲୋକସଭାରେ ଏଥିପାଇଁ ୧୬ ଘଣ୍ଟା ଏବଂ ରାଜ୍ୟସଭାରେ ୯ ଘଣ୍ଟା ସମୟ ଦିଆଯାଇଛି। ଅନ୍ୟାନ୍ୟ ସରକାରୀ ବିଲ ଉପରେ ଆଲୋଚନା ପାଇଁ ୧୨ ଘଣ୍ଟା ସମୟ ନିର୍ଦ୍ଧାରିତ କରାଯାଇଥିବା ଜଣାପଡ଼ିଛି। ଚଳିତ ସପ୍ତାହ ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରେ ଯାଉଥିବାରୁ ଅସନ୍ତା ସପ୍ତାହ ଏହା ଉପରେ ଆଲୋଚନା ହେବ ବୋଲି କୁହାଯାଉଛି। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅକ୍ଷତାରେ ଅନୁଷ୍ଠିତ ଗୃହ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ଲୋକସଭାରେ ହଟ୍ଟଗୋଳ ମଧ୍ୟରେ କଂଗ୍ରେସ ସାଂସଦ ସପ୍ତଗିରି ଉଲାକା ବାଲେଶ୍ୱର ▶ପୃଷ୍ଠା-୭

**ସିଦ୍ଧରମୈୟାଙ୍କ ପତ୍ନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ**

## ଇଡିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



■ **ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି):** ସୁପ୍ରିମକୋର୍ଟ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ତୀବ୍ର ଭର୍ତ୍ସନା କରିଛନ୍ତି। ରାଜନୈତିକ ଲଢେଇ ନିର୍ବାଚନରେ ଲଢ଼ିବା ଉଚିତ, ଯାଞ୍ଚ ଏଜେନ୍ସିଙ୍କ ମାଧ୍ୟମରେ ନୁହେଁ। ଇଡିକୁ ଏପରି ଭାବେ କାହିଁକି ବ୍ୟବହାର କରାଯାଉଛି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ମହୀଶୂର ସହାର ବିକାସ ବୋର୍ଡ (ମୁଡା) ମାମଲାରେ ଇଡି ପକ୍ଷରୁ ଦାଏର ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପତ୍ନୀଙ୍କୁ ଇଡି ଜାରି କରାଯାଇଥିବା ସମନକୁ ମଧ୍ୟ କୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ କର୍ଣ୍ଣାଟକ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ। ମାତ୍ର ଇଡି ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲା। ଏହାର ଶୁଣାଣି କରି ରାଜନୈତିକ ସଂଘର୍ଷରୁ ଦୂରେଇ ରହିବା ପାଇଁ ଇଡିକୁ ସର୍ବୋଚ୍ଚ ନ୍ୟାୟାଳୟ ଚେତାବନୀ ଦେଇଛନ୍ତି।

ଇଡି ପକ୍ଷରୁ ହାଜର ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁଙ୍କୁ କଡ଼ା ବାଣୀ ଶୁଣାଇଛନ୍ତି। ମୁହଁ ଖୋଲିବାକୁ ସୁପ୍ରିମକୋର୍ଟଙ୍କୁ ବାଧ କରନାହିଁ ବୋଲି କହିଛନ୍ତି।

ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ ଯେ ଆମ ମୁହଁ ଖୋଲିବାକୁ ଚେଷ୍ଟା କରନ୍ତୁ ନାହିଁ। ନଚେତ, ଇଡି ଉପରେ କଠୋର ଟିପ୍ପଣୀ ଦେବାକୁ ବାଧ ହେବୁ। ମୋ ପାଖରେ ମହାରାଷ୍ଟ୍ରର କିଛି ଅଭିଜ୍ଞତା ରହିଛି। ରାଜନୈତିକ ଲଢେଇ ନିର୍ବାଚନରେ ଲଢନ୍ତୁ। ରାଜନୈତିକ ସଂଘର୍ଷ ପାଇଁ ଏଜେନ୍ସିକୁ କାହିଁକି ଅପବ୍ୟବହାର କରୁଛନ୍ତି। ଆପଣ ସାରା ଦେଶରେ ଏହି ହିଂସାକୁ ବ୍ୟାପକ ହେବାକୁ ଦିଅନାହିଁ। କୌଣସି ଚାଲାବାଜି କରିବାର ଆବଶ୍ୟକତା ନାହିଁ। ଏହାପରେ ▶ପୃଷ୍ଠା-୭

## ନାବାଳିକା ହକି ଖେଳାଳିଙ୍କୁ ଗଣଦୁଷ୍କର୍ମ!



**ପ୍ରଶିକ୍ଷକଙ୍କ ସମେତ ୪ ଅଭିଯୁକ୍ତ ଅଟକ**

■ **ଯାଜପୁର, ୨୧।୭ (ସମିସ):** ସାରା ରାଜ୍ୟରେ ଏବେ ନାରୀ ନିର୍ଯାତନାକୁ ନେଇ ହୁଲସ୍ଥୁଲ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଯାଜପୁରରେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ହକି ପଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକଙ୍କ ଦ୍ୱାରା ଜଣେ ନାବାଳିକା ଖେଳାଳିଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିବା ସହ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଛି।

ଅଭିଯୋଗ ମୁତାବକ, ଯାଜପୁର ଥାନା ଅଞ୍ଚଳର ନାବାଳିକା ହକି ଖେଳାଳିଙ୍କୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ପ୍ରଶିକ୍ଷକ ବାରମ୍ବାର ଅସଦାଚାରଣ କରୁଥିଲେ। ଏନେଇ ସଂପୃକ୍ତ ନାବାଳିକା ପ୍ରତିବାଦ କରିଥିଲେ। ତେବେ ଗତ ଜୁଲାଇ ୩ ତାରିଖରେ ସଂପୃକ୍ତ ନାବାଳିକା ଘରକୁ ଫେରୁଥିବା ବେଳେ କୋଚ ସିଦ୍ଧାର୍ଥ ରାଉତ, ସନ୍ଦୀପ ସ୍ୱାଇଁ ଏବଂ ସାଗର ବିଭିନ୍ନ ବାହାନା କରି ତାଙ୍କୁ ଏକ ବାଇକ୍‌ରେ ବସାଇ ଜ୍ୟୋତି ଲଜ୍‌କୁ ନେଇ ଯାଇଥିଲେ। ଲଜ୍‌ରେ ସାଗର ଓ ସାର୍ଥକ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇ ଛାଡ଼ି ଦେଇଥିଲେ। ଏ ସଂକ୍ରାନ୍ତରେ ନାବାଳିକାଜଣଙ୍କ ରବିବାର ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୁକ୍ତଙ୍କ ବିରୋଧରେ ବିଏନ୍‌ଏସ୍‌ର ଧାରା ୭୦(୨), ୩୫୧(୨), ୭୪,୩(୫) ଏବଂ ୬ ଧାରା ରୁଜୁ ହୋଇଥିବା ଜଣାପଡିଛି। ନାବାଳିକାର ବୟାନ ରେକର୍ଡ କରିବା ସହିତ ଘଟଣାର ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚାରାଉତୁରା ଜାରି ରଖିଛି। ସଂପୃକ୍ତ ନାବାଳିକାକୁ ଡାକ୍ତରମାଇନା ▶ପୃଷ୍ଠା-୭

## ଜେଲ ଗଲେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି



■ **ଭୁବନେଶ୍ୱର,୨୧।୭(ସମିସ):** ଦୁଷ୍କର୍ମ ମାମଲାରେ ଗତକାଲି ଗିରଫ ହୋଇଥିବା ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ଆଜି ଝାରପଡ଼ା ଜେଲ ଯାଇଛନ୍ତି। ପୁଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ମେଡ଼ିକାଲ ପରୀକ୍ଷା କରିବା ପରେ କୋର୍ଟରେ ହାଜର କରି ଜେଲ ପଠାଇ ଦେଇଛି। ମେଡ଼ିକାଲ ପରୀକ୍ଷା ପାଇଁ ଯିବା ସମୟରେ ଉଦିତ୍ କହିଛନ୍ତି ଯେ, ଏହା ତାଙ୍କ ବିରୋଧରେ ସରକାରଙ୍କ ଡ଼ଢଯନ୍ତ୍ର। ମେଡ଼ିକାଲ ରିପୋର୍ଟ ଆସିବା ପରେ ସତ ପଦାକୁ ଆସିବ ବୋଲି କହିଛନ୍ତି।

ଅନ୍ୟପଟରେ ଉଦିତ ଜେଲ ଯିବା ପରେ ଥାନାରେ ଅଭିଯୋଗ କରିଥିବା ପୀଡ଼ିତା ଏବଂ ଅନ୍ୟ ୩ଜଣଙ୍କ ଭିଡ଼ିଓ ଭାଇରାଲ ହୋଇଛି। ଏହି ଭିଡ଼ିଓରେ ପୀଡ଼ିତା ଓ ତଙ୍କର ବାନ୍ଧବୀଙ୍କ ସହ ଉଦିତ୍ ଓ ତାଙ୍କର ▶ପୃଷ୍ଠା-୭

**▶▶ ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ**

## ବଢ଼ିଲା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା

**ମନ୍ତ୍ରୀ ହେବେ ୨ ମହିଳାଙ୍କ ସହ ମୋଟ ୬**

**ଅଧିକାଂଶ ମନ୍ତ୍ରୀଙ୍କ ବିଭାଗ ପରିବର୍ତ୍ତନ ଚର୍ଚ୍ଚା**



■ **ଭୁବନେଶ୍ୱର, ୨୧।୭ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସନ୍ଧ୍ୟାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସାକ୍ଷାତକୁ ସୌଜନ୍ୟମୂଳକ କୁହାଯାଉଥିଲେ ହେଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ରାଜ୍ୟରେ ବିଜେପି ସରକାର ଗଠନକୁ ଇତିମଧ୍ୟରେ ୧୩ ମାସ ବିତିଯାଇଥିଲେ ମଧ୍ୟ ପୂର୍ଣ୍ଣାଙ୍ଗ ମନ୍ତ୍ରୀମଣ୍ଡଳ ଗଠନ ହୋଇ ପାରିନାହିଁ। ଯାହାକୁ ନେଇ ରାଜ୍ୟ ସରକାର ସମାଲୋଚିତ ହୋଇ ଆସୁଥିବା ବେଳେ ଦଳୀୟ ମହଲରେ ମଧ୍ୟ ଏନେଇ ଅସନ୍ତୋଷ ବଢ଼ିବାରେ ଲାଗିଥିଲା। ତେବେ ରାଜ୍ୟପାଳ-ମୁଖ୍ୟମନ୍ତ୍ରୀ ଭେଟଘାଟ ପରେ ଚଳିତ ସପ୍ତାହରେ ମନ୍ତ୍ରୀମଣ୍ଡଳ ▶ପୃଷ୍ଠା-୭

**ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା**

## ପେଟ୍ରୋଲ ରହସ୍ୟ ଖୋଜୁଛି କ୍ରାଇମବ୍ରାଞ୍ଚ



■ **ବାଲେଶ୍ୱର, ୨୧।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍‌ର ତଦନ୍ତ ସୋମବାର ୫ମ ଦିନରେ ପହଞ୍ଚିଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ଇମାମ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଦୁଇଜଣିଆ ଟିମ୍ ଆଜି ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ କିଛି ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ପଚରାଉଚରା କରିଛନ୍ତି। ଘଟଣା ଦିନ ସୌମ୍ୟାଶ୍ରୀ କଲେଜ ଆସିଥିବା ବେଳେ ସାଙ୍ଗରେ ପେଟ୍ରୋଲ ଆଣିଥିଲେ ନା ତାଙ୍କୁ କିଏ ପେଟ୍ରୋଲ ଦେଇଥିଲା, ସେନେଇ ଛାତ୍ରଛାତ୍ରୀଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପଚାରିଥିଲା। ଏନେଇ ଡିଏସ୍‌ପି ଶ୍ରୀମତୀ ନାୟକ କହିଛନ୍ତି, ଏପର୍ଯ୍ୟନ୍ତ କାହାରିକୁ ସେମିତି ଅଟକ ରଖାଯାଇନାହିଁ। ସବୁ ଦିଗରୁ ତଦନ୍ତ ଜାରି ରହିଛି। କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀ କହିଛନ୍ତି, ଆଜି ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ କଲେଜରେ ତଦନ୍ତ ଜାରି ରଖିଛି। କଲେଜର ୧୦ରୁ ୧୫ଜଣ କର୍ମଚାରୀଙ୍କ ସହ କିଛି ଛାତ୍ରଛାତ୍ରୀଙ୍କୁ ମଧ୍ୟ ପଚରାଉଚରା କରାଯାଉଛି।

**ପୁଲିସ ଦେଲାନି ନ୍ୟାୟ**

## ଥାନାରେ ବିଷ ପିଇଲେ ଯୁବତୀ



■ **ନୟାଗଡ଼, ୨୧।୭(ସମିସ):** ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ପୁଲିସଠାରୁ ନ୍ୟାୟ ନ ପାଇ ଜଣେ ଯୁବତୀ ଥାନା ପରିସରରେ ବିଷ ପିଇଦେବା ଭଳି ଘଟଣା ଆଜି ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଥାନା ପରିସରରେ ଯୁବତୀଜଣଙ୍କ କୀଟନାଶକ ପିଇବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ଇଟାମାଟି ଥାନା ଶରଧାପୁର ଗାଁର ଛବି ମାଝୀଙ୍କ ଝିଅ ପିଙ୍କି ସେହି ଗାଁର ବୈକୁଣ୍ଠ ସ୍ୱାଇଁଙ୍କ ପୁଅ ଆଲୋକଙ୍କୁ ଭଲ ପାଉଥିଲେ। ଆଲୋକ ବିବାହ ପ୍ରତିଶ୍ରୁତି ଦେଇ ପିଙ୍କିଙ୍କ ସହ ସମ୍ପର୍କ ରଖିଥିଲେ। କିନ୍ତୁ ପରେ ଆଲୋକ ବିବାହ କରିବାକୁ ରାଜି ନହେବାରୁ ପିଙ୍କି ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ୍ ଆଲୋକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୁଲିସ ଦଫା କୋହଳ କରିଥିବାରୁ ଆଲୋକଙ୍କୁ ଶୀଘ୍ର ଜାମିନ ମିଳିଗଲା ବୋଲି ପିଙ୍କି ଅଭିଯୋଗ କରିଛନ୍ତି। ଆଲୋକ ଜଣେ ସିଆର୍‌ପିଏଫ୍ ଯବାନ ବୋଲି ସୂଚନା ମିଳିଛି। ଜାମିନ ପାଇବା ପରେ ସେ ତାଙ୍କ ଡ୍ୟୁଟିରେ ରହିଥିବା ସୂଚନା ମିଳିଛି। ମାତ୍ର ଯୁବତୀଜଣଙ୍କ ଆଲୋକଙ୍କ ନାଁରେ ବାରମ୍ବାର ଅଭିଯୋଗ କରିଆସୁଥିବା ଜଣାପଡ଼ିଛି। ଯୁବତୀଜଣଙ୍କ ବାରମ୍ବାର ଥାନାକୁ ଆସି ଆଲୋକ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ବିରୁଦ୍ଧରେ ଏତଲା ପରେ ଏତଲା ଦେଇଆସୁଥିଲେ। ଏହାକୁ ପୁଲିସ ଅନୁଧ୍ୟାନ କରିବା ବେଳେ ମିଛ ବୋଲି ଜାଣିବାକୁ ପାଇଥିଲା।

ଗତ କିଛି ଦିନ ହେବ ଆଲୋକ ଜାମିନ ପାଇବା ପରେ ତାଙ୍କ ପରିବାର ପିଙ୍କିଙ୍କ ପରିବାର ସଦସ୍ୟଙ୍କୁ ହଇରାଣ କରିବା ସହ ମାରପିଟ୍ କରୁଥିବା ଅଭିଯୋଗ କରିଥିଲେ। ରବିବାର ପିଙ୍କିଙ୍କ ଭାଇଙ୍କୁ ଆଲୋକଙ୍କ ପରିବାର ମାଡ଼ ମାରିଥିବା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଉଭୟଙ୍କୁ ସୋମବାର ଥାନାକୁ ଡାକିଥିଲା। ଥାନାରେ କିଛି ପୁଲିସ ପିଙ୍କିଙ୍କୁ ଧମକାଇବା ସହ ତାଙ୍କ ଭାଇଙ୍କୁ ଗିରଫ କରିବାକୁ ଧମକ ଦେଇଥିବା ପିଙ୍କି ଅଭିଯୋଗ କରିଛନ୍ତି। ଏହାପରେ ହଠାତ୍ ପିଙ୍କି ଏକ କୀଟନାଶକ ଔଷଧ ଆଣି ଥାନା ପରିସରରେ ପିଇ ଦେଇଥିଲେ। ପୁଲିସ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଯୁବତୀଙ୍କ ଅବସ୍ଥା ସ୍ଥିର ଥିଲେ ମଧ୍ୟ ବିପଦ ଆଶଙ୍କା ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବା ଡାକ୍ତର କହିଛନ୍ତି। ନୟାଗଡ଼ ତହସିଲ୍‌ଦାର ରାଜେଶ କେଶରୀ ସ୍ୱାଇଁ ଡାକ୍ତରଖାନାରେ ପହଞ୍ଚି ଯୁବତୀଙ୍କ ବୟାନ ରେକର୍ଡ କରିଛନ୍ତି।

## ଦୁର୍ଘଟଣା ନେଲା ୩ ଜୀବନ

**କାଉଡିଆ ଗାଡ଼ି ଓଲଟି ଜଣେ ମୃତ, ୭ ଗୁରୁତର**

**ବାଇକ୍‌କୁ ଧକ୍କା ଦେଲା ଟ୍ରକ୍; ୨ ମୃତ**

■ **ଯୋଡ଼ା, ୨୧।୭(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅଞ୍ଚଳରେ ଆଜି ଦିନକରେ ୩ଟି ପୃଥକ୍ ଦୁର୍ଘଟଣାରେ ୩ଜଣ ପ୍ରାଣ ହରାଇଥିବା ବେଳେ ୮ଜଣ ଗୁରୁତର ଆହତ ହୋଇଛନ୍ତି।


ସୂଚନାନୁଯାୟୀ, ଶ୍ରାବଣ ଦ୍ୱିତୀୟ ସୋମବାର ଅବସରରେ ରାଉରକେଲା ସେକ୍ଟର୍-୨ରୁ ୮ଜଣ କାଉଡ଼ିଆ ବିଲେଇପଦାସ୍ଥିତ ମୁର୍ଗା ମହାଦେବଙ୍କୁ ଜଳ ଅର୍ପଣ କରି ଘଟଗାଁ ମା' ତାରିଣୀଙ୍କୁ ଦର୍ଶନ କରିବା ପାଇଁ ଏକ ଗାଡ଼ିରେ ଯାଉଥିଲେ। ୫୨୦ନମ୍ବର ଜାତୀୟ ରାଜପଥର ତୋଡୁଆପାଳ ନିକଟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ କାଉଡ଼ିଆଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଆହତ ▶ପୃଷ୍ଠା-୭





## ଭି ଅଚ୍ୟୁତାନନ୍ଦନଙ୍କ ପରଲୋକ

ତିରୁବନନ୍ତପୁରମ, ୨୧।୭(ଏଜେନ୍ସି): କେରଳ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବୟୋବୃଦ୍ଧ କମ୍ୟୁନିଷ୍ଟ ନେତା ଭିଏସ୍ ଅଚ୍ୟୁତାନନ୍ଦନ ସୋମବାର ୧୦୧ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ହୃଦ୍‌ଘାତର ଶିକାର ହେବା ପରେ ତାଙ୍କୁ ଜୁନ୍ ୨୩ରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ଦୀର୍ଘଦିନ ଧରି ଚିକିତ୍ସିତ ହେବା ପରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଓ ସିପିଏମ୍ ରାଜ୍ୟ ସମ୍ପାଦକ ଏମ୍‌ଭି ଗୋବିନ୍ଦନ ହସ୍ପିଟାଲ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହ ଶୋକବ୍ୟକ୍ତ କରିଛନ୍ତି। ୨୦୧୯ରେ ସେ ମାଇନର ଷ୍ଟ୍ରୋକର ଶିକାର ହେବା ପରେ ରାଜନୀତି ତଥା ସାଧାରଣ ଜୀବନରୁ ଦୂରେଇ ଯାଇଥିଲେ। ସେ ୨୦୦୬ରୁ ୨୦୧୧ ମଧ୍ୟରେ କେରଳ ମୁଖ୍ୟମନ୍ତ୍ରୀ ଭାବେ ସଫଳତାର ସହ ଦାୟିତ୍ୱ ସମ୍ଭାଳିଥିଲେ। ୧୯୩୮ରେ କଂଗ୍ରେସ୍‌ରେ ଯୋଗ ଦେଇ ରାଜନୀତିରେ ପ୍ରବେଶ କରିଥିଲେ। ସେ ମଧ୍ୟ ଏକାଧିକ ପୁସ୍ତକ ଲେଖିଛନ୍ତି। ୪୦ ବର୍ଷର ରାଜନୈତିକ କ୍ୟାରିଅରରେ ସେ ୭ଧର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ କେରଳକୁ ଏକ ମୁସ୍‌ଲିମ ବହୁଳ ରାଜ୍ୟ ଭାବେ ପରିଣତ କରିବାକୁ ଷଡ଼ଯନ୍ତ୍ର କରାଯାଉଛି ବୋଲି ମନ୍ତବ୍ୟ ଦେଇ ହଇଚଇ ସୃଷ୍ଟି କରିଥିଲେ।



## ମଦ ପାର୍ଟିରେ ଚଢ଼ଉ; ୩୯ ଯୁବକଯୁବତୀ ଗିରଫ

ଅହମଦାବାଦ, ୨୧।୭(ଏଜେନ୍ସି): ୬୫ ବର୍ଷ ହେବ ଗୁଜରାଟରେ ମଦକୁ ପ୍ରତିବନ୍ଧ କରାଯାଇଥିବା ବେଳେ ଅହମଦାବାଦ ଜିଲ୍ଲାର ସାନନ୍ଦରେ ରବିବାର ବିଳମ୍ବିତ ରାତିରେ ରେଡ୍ ରିସୋର୍ଟରେ ଚାଲିଥିବା ଏକ ହାଇପ୍ରୋଫାଇଲ ମଦ ପାର୍ଟି ଉପରେ ପୁଲିସ ଚଢ଼ାଉ କରିଥିଲା। ପ୍ରବଳ ନିଶାରେ ଥିବା ୧୩ ଯୁବକ ଓ ୨୬ ଯୁବତୀଙ୍କୁ ପୁଲିସ ଗିରଫ କରିଛି। ସମସ୍ତଙ୍କୁ ମେଡିକାଲ ଚେକ୍‌ଅପ୍ ପାଇଁ ସିଭିଲ ହସ୍ପିଟାଲ ପଠାଯାଇଛି। ପରେ ଭୋର ୩ଟାରେ ସମସ୍ତଙ୍କୁ ସାନନ୍ଦ ଥାନକୁ ନିଆଯାଇଥିଲା। ମାମଲା ରୁଜୁ କରି ପୁଲିସ ସମସ୍ତଙ୍କୁ ଗିରଫ କରିଛି। ସହରର ନାମୀଦାମୀ ବିଲ୍ଡର ପ୍ରତୀକ ସାନ୍ଧିଙ୍କ ଜନ୍ମଦିନ ପାଳନ ଅବସରରେ ଏହି ମଦ ପାର୍ଟି ରଖାଯାଇଥିଲା ବୋଲି କୁହାଯାଇଛି। ଏହି ପାର୍ଟିରେ ପାଖାପାଖି ୧୦୦ ଜଣ ଉପସ୍ଥିତ ଥିଲେ। ତେବେ ୫୦ଜଣଙ୍କୁ ଗିରଫ୍ କରାଯାଇଛି ବୋଲି ପୁଲିସ କହିଛି। ସୂଚାନ ମିଳିବା ପରେ ହିଁ ଯୁବକ ଓ ଯୁବତିଙ୍କ ପରିବାର ଲୋକ ଥାନରେ ପହଞ୍ଚିଥିଲେ।ଏଥିସହ ସିଲ୍ ହୋଇଥିବା ୫ଟି ମଦ ବୋତଲ ଜବତ କରାଯାଇଥିଲା। ବିଲ୍ଡର ପ୍ରତୀକ ରିୟଲ ଇଷ୍ଟେଟ ବ୍ୟବସାୟ ସହ ଫ୍ରୋଜନ ଫୁଟ୍ କମ୍ପାନୀ ମଧ୍ୟ ପରିଚାଳନା କରିନ୍ତି। ଉଲ୍ଲେଖଥାଉ କି, ୧୯୬୦ ମେ ୧ରୁ ଗୁଜରାଟ୍‌ରେ ମଦ ଉପରେ ବ୍ୟାନ ଲଗାଯାଇଛି ଏବଂ ମଦର ଉତ୍ପାଦନ, ବିକ୍ରି ଓ ସେବନ ଉପରେ ପ୍ରତବନ୍ଧ ଲଗାଯାଇଛି।

## ୮ ରେଳବାଇ କର୍ମଚାରୀଙ୍କୁ ୫ ବର୍ଷ ଜେଲ୍

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ଆସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟର ଲିଖିତ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇ ଏକ କୋର୍ଟ ରେଳବାଇର ପୂର୍ବତନ ୮ ଜଣ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ କୋର୍ଟ ପ୍ରତ୍ୟେକ କର୍ମଚାରୀଙ୍କ ଉପରେ ୫ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ୨୦୦୨ ଅଗଷ୍ଟ ୧୭ରେ ସିବିଆଇ ଏମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା ଓ ୨୦୦୩ ଜୁଲାଇ ୨୮ରେ ଅଭିଯୋଗ ପତ୍ର ଦାଖଲ କରାଯାଇଥିଲା। ୮ ଜଣ କର୍ମଚାରୀଙ୍କୁ ବାଦ୍ ଦେଲେ ଆଉ ଜଣେ ଅଭିଯୁକ୍ତଙ୍କ ଦେହାନ୍ତ ହୋଇଛି। ଏମାନଙ୍କ ବିରୋଧରେ ଅପରାଧିକ ଷଡ଼ଯନ୍ତ୍ର, ଚୋରି, ଅସାଧୁ ଉପାୟ ଅବଲମ୍ବନ, ପ୍ରମାଣ ନଷ୍ଟ କରିବାର ଅଭିଯୋଗ ହୋଇଥିଲା। ଲିଖିତ ପରୀକ୍ଷା ପ୍ରଶ୍ନପତ୍ର ଦେବା ପାଇଁ ଏହି କର୍ମଚାରୀମାନେ ପ୍ରାର୍ଥୀ ପିଛା ୫୦, ୦୦୦ ଟଙ୍କା ଆଦାୟ କରିଥିବାର ଅଭିଯୋଗ ହୋଇଥିଲା।

## ହସ୍ପିଟାଲରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍

ଚେନ୍ନାଇ, ୨୧।୭(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କୁ ସୋମବାର ସ୍ଥାନୀୟ ଗ୍ରିମ୍ସ ରୋଡସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋମବାର ନିୟମିତ



ପ୍ରାତଃଭ୍ରମଣ କରିବା ବେଳେ ହାଲ୍‌କା ମୁଣ୍ଡ ବୁଲାଇବା କାରଣରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ତାଙ୍କର ଆବଶ୍ୟକୀୟ ଟେଷ୍ଟ ତଥା ରୁଟିନ ଚେକ୍‌ଅପ୍ କରାଯାଉଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ଗୋଟିଏ କିମ୍ବା ଦୁଇଦିନ ହସ୍ପିଟାଲରେ ରହିବେ ବୋଲି କୁହାଯାଇଛି। ୭୨ ବର୍ଷୀୟ ଷ୍ଟାଲିନ୍ ୨୦୨୧ରୁ ତାମିଲନାଡୁର ୮ମ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱରେ ରହିଛନ୍ତି।

## ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): କ୍ୟାସ ମାମଲାରେ ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ବିରୋଧରେ ସୋମବାର ସଂସଦରେ ମହାଅଭିଯୋଗ ପାରିତ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଜଷ୍ଟିସ ବର୍ମାଙ୍କୁ ହଟାଇବା ଲାଗି ଲୋକସଭାରେ ଅଧ୍ୟକ୍ଷ ଓମ ବିର୍ଲାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହିପରି ରାଜ୍ୟସଭାରେ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ମହାଅଭିଯୋଗ ପ୍ରସ୍ତାବରେ ସ୍ୱାକ୍ଷର କରିଛନ୍ତି। ମଙ୍ଗଳବାର ଏକ ଯାଞ୍ଚ କମିଟି ଗଠନ କରି ଲୋକସଭା ଅଧ୍ୟକ୍ଷ ବିର୍ଲା ପ୍ରସ୍ତାବକୁ ଆଗକୁ ବଢ଼ାଇବେ ବୋଲି ଆଶା କରାଯାଉଛି। କୌଣସି ବିଚାରପତିଙ୍କୁ ହଟାଇବା ପାଇଁ ଅତିକମ୍‌ରେ ଲୋକସଭାର ୧୦୦ ଓ ରାଜ୍ୟସଭାର ୫୦ ସଦସ୍ୟଙ୍କ ସ୍ୱାକ୍ଷର ଆବଶ୍ୟକ ହୋଇଥାଏ।



## ୩୭ ଦିନ ପରେ ଫେରିବାକୁ ବ୍ରିଟେନ ଲଢୁଆ ବିମାନ ପ୍ରସ୍ତୁତ

ତିରୁବନନ୍ତପୁରମ, ୨୧।୭(ଏଜେନ୍ସି): ୩୭ ଦିନରେ ତିରୁବନନ୍ତପୁରମ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଫସି ରହିବା ପରେ ବ୍ରିଟେନ ରୟାଲ ନେଭିର ଏଫ୍- ୩୫ବି ଫାଇଟର ଜେଟ୍ ଶେଷରେ ଉଡାନ ଭରି ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତୁତ ହୋଇଛି। ଗତ ଜୁନ୍ ୧୪ରେ ଖରାପ ପାଗ, ଇନ୍ଧନ ଜନିତ ସମସ୍ୟା ଓ ବୈଷୟିକ ତ୍ରୁଟି କାରଣରୁ ଏହି ବିମାନ ଜରୁରୀ ଅବତରଣ କରିଥିଲା। ବିମାନକୁ ଠିକ୍ କରିବା ଓ ତା'ର ମରାମତି ପାଇଁ ୫ ସପ୍ତାହରୁ ଅଧିକ ସମୟ ଲାଗିଥିଲା। ବ୍ରିଟେନର ୨୫ ଜଣ ଇଞ୍ଜିନିୟରଙ୍କୁ ନେଇ ଗଠିତ ଦଳ ଏହାକୁ ଠିକ୍ କରିବାକୁ ସମର୍ଥ ହୋଇଛନ୍ତି। ଏବେ ଏହି ଜେଟ ଉଡାଣ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ବୋଲି କୁହାଯାଇଛି। ୫ମ ପିଢ଼ିର ଏହି ଲଢୁଆ ବିମାନର ମୂଲ୍ୟ ୯୧୫ କୋଟି ଟଙ୍କା। ଏହି ଘଟଣାକ୍ରମରେ ଭାରତୀୟ ବାୟୁସେନା ବ୍ରିଟେନକୁ ସହାୟତା ପ୍ରଦାନ କରିଥିଲା। ବ୍ରିଟିଶ ହାଇକମିଶନର ମଧ୍ୟ ଏଥିପାଇଁ ଭାରତକୁ ଧନ୍ୟବାଦ ଜଣାଇଛନ୍ତି। ୩୭ ଦିନ ଧରି ବିମାନବନ୍ଦରରେ ରହିଥିବାରୁ ଏବେ ବ୍ରିଟେନକୁ ପାର୍କିଂ ପାଉଣା ଦେବାକୁ ହେବ। ଏହିକ୍ରମରେ ବ୍ରିଟେନକୁ ଦିନକୁ ୨୬, ୨୬୧ ଟଙ୍କା ଓ ମୋଟ ଉପରେ ୯.୧୯ ଲକ୍ଷ ଟଙ୍କା ତିରୁବନନ୍ତପୁରମ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦେବାକୁ ହେବ।

## ସବୁ ସୀମା ଅତିକ୍ରମ କରୁଛି ଇଡି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ସୁପ୍ରିମକୋର୍ଟ କଠୋର ଭାଷାରେ ସମାଲୋଚନା କରିଛନ୍ତି। ଏହି କେନ୍ଦ୍ରୀୟ ଏଜେନ୍ସି ସବୁ ସୀମା ପାର୍ କରିଯାଉଛି ବୋଲି କହିଛନ୍ତି। ଭୁଲ୍ ହୋଇଥିଲେ ବି ଜଣେ ଓକିଲ ଏବଂ ମହକିଲଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଶେଷ ହୋଇଥାଏ। ଏହାକୁ ନେଇ ଓକିଲଙ୍କ ବିରୋଧରେ କେମିତି ନୋଟିସ୍ ଜାରି କରାଯାଇପାରିବ ନାହିଁ। ଏଭଳି ମାମଲାରେ ଇଡି ପାଇଁ ମାର୍ଗଦର୍ଶିକା ଜାରି କରାଯିବା ଉଚିତ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଆଇନଗତ ପରାମର୍ଶ ଦେଇଥିବା ଜଣେ ଓକିଲଙ୍କୁ ଇଡି ସମନ ପଠାଇବା ମାମଲାର ବିଚାର କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ଉପରେ କୋର୍ଟ ଚିନ୍ତା ଏବଂ ଅସନ୍ତୋଷ ପ୍ରକାଶ କରିଛନ୍ତି। ତଦନ୍ତ ସମୟରେ ଆଇନଗତ ପରାମର୍ଶ ଦେବା କିମ୍ବା ମହକିଲଙ୍କ ପକ୍ଷରୁ ଉପସ୍ଥିତ ହୋଇଥିବା ବରିଷ୍ଠ ଓକିଲ ଅରବିନ୍ଦ ଦତାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ଇଡି ସମନ ପଠାଇ ଥିଲା। ଆଇନଗତ ବୃତ୍ତିର ସ୍ୱାଧୀନତା ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରଭାବ ସମ୍ବନ୍ଧିତ ମାମଲାର ନିଜ ଆଡୁ ଶୁଣାଣି କରି ମାର୍ଗଦର୍ଶିକା ଆଣିବା ପାଇଁ କୋର୍ଟ କହିଛନ୍ତି। ୨୯ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଆଜିର ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ ଯେ ଅନେକ ମାମଲାରେ ଇଡି ନିଜ ସୀମା ଲଙ୍ଘନ କରୁଥିବା ଦେଖାଯାଉଛି। ଆମେ କିଛି ଜାଣିନାହୁଁ ବୋଲି ଭାବନାହିଁ। ଆମେ ଖବର ଦେଖୁନାହୁଁ। ୟୁଟ୍ୟୁବରେ ସାକ୍ଷାତାକାର ବି ଦେଖୁନାହୁଁ। ସରକାର ଏବଂ ଇଡି ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କ ମନ୍ତବ୍ୟ ଉପରେ

### ଓକିଲଙ୍କୁ ସମନ ପଠାଇଥିଲା ଏଜେନ୍ସି
### ଇଡି ପାଇଁ ମାର୍ଗଦର୍ଶିକା ହେବା ଉଚିତ

ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହି ପ୍ରସଙ୍ଗକୁ ଉଚ୍ଚ ସ୍ତରରେ ରଖାଯାଇଛି। ତଦନ୍ତକାରୀ ସଂସ୍ଥାକୁ ଆଇନଗତ ପରାମର୍ଶ ଦେବା ପାଇଁ ଓକିଲମାନଙ୍କୁ ନୋଟିସ୍ ଜାରି ନ କରିବାକୁ କୁହାଯାଇଛି। ମିଥ୍ୟା କାହାଣୀ ଗଢ଼ି ପ୍ରତିଷ୍ଠାନଗୁଡ଼ିକୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ଅନେକ ସମୟରେ ବିଭିନ୍ନ ମାମଲାକୁ ଆଧାର କରି ଭୁଲ ଭାବେ ଉପସ୍ଥାପନ କରାଯାଇଥାଏ। ଏହା ମୁଁ କହୁଛି, ଇଡି ନୁହେଁ। ଏକ ପ୍ରତିଷ୍ଠାନ ବିରୁଦ୍ଧରେ କାହାଣୀ ଗଢ଼ିବା ପାଇଁ ଷଡ଼ଯନ୍ତ୍ର ହେଉଛି। କୋର୍ଟ କିଛି ମାମଲାରୁ ଏହା ଜାଣିପାରିବେ। ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣି ମଧ୍ୟ କହିଥିଲେ ଯେ ସେ ଇଡି ଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ଓକିଲମାନଙ୍କୁ ସମନ ପଠାଇବା ଭୁଲ ଥିଲା। କାରଣ ଆଇନଗତ ପରାମର୍ଶ ଦେବା ପାଇଁ ଓକିଲମାନଙ୍କୁ ସମନ କରାଯାଇପାରିବ ନାହିଁ। ସେହିପରି ମେହେଟ୍ଟା ଗଣମାଧ୍ୟମ ରିପୋର୍ଟକୁ ନେଇ ସତର୍କ କରାଇ ଥିଲେ। ସେ ଦୁର୍ନୀତି ଅଭିଯୁକ୍ତ ରାଜନେତାଙ୍କ ବିଷୟରେ ଉଲ୍ଲେଖ କରିବାରୁ ଏହାକୁ ରାଜନୀତିକରଣ ନ କରିବା ପାଇଁ ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ ବୋଲି ସିଜେଆଇ ଉଲ୍ଲେଖ କରିଥିଲେ।

ସୁପ୍ରିମକୋର୍ଟ ଓକିଲ ସଂଘର ଅଧ୍ୟକ୍ଷ ବିକାଶ ସିଂହ ଚୀନ୍ ଏବଂ ତୁର୍କୀର ଉଦାହରଣ ଦେଇ କହିଥିଲେ ଯେ ଆଇନଗତ ବୃତ୍ତିର ସ୍ୱାଧୀନତା ଉପରେ ଆକ୍ରମଣ କରୁଥିବା ଦେଶର ମାର୍ଗରେ ଭାରତ ନ ଯିବା ଉଚିତ। ଏହାକୁ ସବୁଦିନ ପାଇଁ ରଦ୍ଦ କରିଦିଆଯିବା ଉଚିତ। ତୁର୍କୀ ଏବଂ ଚୀନ୍ ଓକିଲ ସଂଘକୁ ଭାଙ୍ଗି ଦେଇଥିବା କୁହାଯାଉଛି। ଆଇନଗତ ରାୟ ଦେବା ପାଇଁ ଓକିଲଙ୍କୁ ସମନ ଘଟଣା ବିପଜ୍ଜନକ ଉଦାହରଣ ସୃଷ୍ଟି କରିଛି। ନଚେତ, ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଏହାର ନକରାତ୍ମକ ପ୍ରଭାବ ପଡ଼ିବ। ଓକିଲ ସ୍ୱାଧୀନ ଭାବେ ପରାମର୍ଶ ଦେଇପାରିବେ ନାହିଁ।

## ରାଜନୈତିକ ଲଢ଼େଇ କୋର୍ଟ ବାହାରେ ଲଢ଼: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ରାୟ ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିପ୍ପଣୀକୁ ନେଇ ଅଦାଲତ ଅବମାନନା ପ୍ରକ୍ରିୟା ଆରମ୍ଭ କରିବାକୁ ଆବେଦନ କରାଯାଇଛି। ସୁପ୍ରିମକୋର୍ଟ ସୋମବାର ଏହି ମାମଲାର ଶୁଣାଣି କରି ନ୍ୟାୟିକ ପ୍ରକ୍ରିୟାକୁ ରାଜନୀତିକରଣ କରିବାକୁ ନେଇ ଚେତାବନୀ ଦେଇଛନ୍ତି। ରାଜନୈତିକ ଲଢ଼େଇ କୋର୍ଟ ବାହାରେ ଲଢ଼ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଦାତବ୍ୟ ସଂସ୍ଥା ଆତ୍ମଦୀପ ପକ୍ଷରୁ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଆବେଦନରେ କୁହାଯାଇଥିଲା ଯେ ସୁପ୍ରିମକୋର୍ଟଙ୍କ ରାୟ ଉପରେ ମମତା ନ୍ୟାୟପାଳିକାର ଅଧିକାରକୁ ଦୁର୍ବଳ କରିବା ଭଳି ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ତେଣୁ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଆଟର୍ଣ୍ଣି ଜେନେରାଲଙ୍କୁ ନିର୍ଦ୍ଦେଶ ଦେବାକୁ କହିଥିଲେ। ଏହାକୁ ନେଇ ଖଣ୍ଡପୀଠ ଆବେଦନକାରୀଙ୍କ ଓକିଲକୁ ପଚାରି ଥିଲେ ଯେ ଅନୁମତି ମିଳିଯିବ ବୋଲି ଆପଣ ନିଶ୍ଚିତ ତ! କୋର୍ଟଙ୍କ ସାମ୍ନାରେ ରାଜନୀତି କରିବାକୁ ଚେଷ୍ଟା କରନାହିଁ। ରାଜନୈତିକ ଲଢେଇ ଆଉ କୋଉଠିକୁ ଯାଇ ଲଢିନିଅ। ଚାରି ସପ୍ତାହ ପରେ ଏହି ମାମଲାର ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଥିଲେ।

### ଅହମଦାବାଦ ବିମାନ ଦୁର୍ଘଟଣା

## ବିଭ୍ରାନ୍ତ କରୁଛନ୍ତି ବିଦେଶୀ ଗଣମାଧ୍ୟମ

ନୂଆଦିଲ୍ଲୀ/ଅହମଦାବାଦ, ୨୧।୭(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ନେଇ କେନ୍ଦ୍ର ସରକାର ତରବରରେ କୌଣସି ନିଷ୍କର୍ଷ ନ ବାହାର କରିବାକୁ ମତ ଦେଇଛନ୍ତି। ପାଇଲଟ୍‌ଙ୍କ ତ୍ରୁଟି ପାଇଁ ଦୁର୍ଘଟଣା ହୋଇଛି ବୋଲି ପ୍ରକାଶିତ ଖବରକୁ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ର ମନ୍ତ୍ରୀ ରାମମୋହନ ନାଇଡୁ ଭୁଲ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ବିଦେଶୀ ଗଣମାଧ୍ୟମକୁ ସଂଯମ ରକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏୟାର ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ରାଞ୍ଚ୍ (ଏଏଆଇବି) ବିମାନ ଦୁର୍ଘଟଣାର ଯାଞ୍ଚ ଜାରି ରଖିଛି। ତେଣୁ ଅନ୍ତିମ ରିପୋର୍ଟ ଜାରି ନ ହେବା ପର୍ଯ୍ୟନ୍ତ ଏ ନେଇ କୌଣସି ମନ୍ତବ୍ୟ ନ ଦେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁଁ ଦୁର୍ଘଟଣା ହୋଇଥିଲା ବୋଲି ବିଦେଶୀ ଗଣାମାଧ୍ୟମଗୁଡ଼ିକ ଖବର ପରିବେଷଣ କରିଥିଲେ। ବିମାନର ବ୍ଲାକ ବକ୍ସର ଡାଟାକୁ ଡିକୋଡ କରାଯାଇଛି। ପ୍ରଥମଥର ପାଇଁ ଦେଶରେ ଏପରି ହୋଇଛି। ଏହି କାର୍ଯ୍ୟ ମଧ୍ୟ ଏଏଆଇବି କରିଛି। ଏଏଆଇବିର ଉପରେ ଆମର ପୂରା ବିଶ୍ୱାସ ଓ ଭରସା ରହିଛି। ପୂର୍ବରୁ ବ୍ଲାକ ବକ୍ସର ତଥ୍ୟକୁ ଡିକୋଡ କରିବା ପାଇଁ ଆମେ ବିଦେଶ ଯାଉଥିଲୁ। କିନ୍ତୁ ଏବେ ସେକଥା ଆଉ ନାହିଁ। ଏଏଆଇବି ଦୁର୍ଘଟଣା ସଂକ୍ରାନ୍ତରେ

### ଅନ୍ତିମ ଯାଞ୍ଚ ରିପୋର୍ଟକୁ ଅପେକ୍ଷା କରିବାକୁ ସରକାରଙ୍କ ପରାମର୍ଶ

ପ୍ରାଥମିକ ରିପୋର୍ଟ ଜାରି କରିଛି। ଟେକ୍ ଅଫ୍‌ର ୯ ସେକେଣ୍ଡ ପର୍ଯ୍ୟନ୍ତ ସବୁକିଛି ଠିକ୍ ଥିଲା। କିନ୍ତୁ ଏହାପରେ ସମସ୍ୟା ଆସିଥିଲା ବୋଲି କୁହାଯାଇଛି। ଅହମଦାବାଦ ବିମାନ ଦୁର୍ଘଟଣାରେ ମୋଟ୍ ୨୬୦ ଲୋକ ପ୍ରାଣ ହରାଇଥିଲେ। ଜଣେ ଯାତ୍ରୀ ସୌଭାଗ୍ୟବଶତଃ



ବଞ୍ଚିଯାଇଥିଲେ। ଉଲ୍ଲେଖଥାଉ କି, ଜୁଲାଇ ୧୭ରେ ଆମେରିକାର ଜଣାଶୁଣା ଗଣମାଧ୍ୟମ ୱାଲ ଷ୍ଟ୍ରିଟ ଜର୍ନାଲରେ ବିମାନ ଦୁର୍ଘଟଣା ନେଇ ରିପୋର୍ଟ ପ୍ରକାଶ କରିଥିଲା। ଏଥିରେ ପାଇଲଟ୍ କ୍ୟାପଟେନ୍ ସୁମିତ ସଭରବାଲ ଦୁଇଟି ଯାକ ଇଞ୍ଜିନର ଫୁଏଲ ସପ୍ଲାଇକୁ ରୋକିଥିଲେ ବୋଲି ଆଶଙ୍କା ପ୍ରକାଶ କରାଯାଇଥିଲା।

## ଏୟାର ଇଣ୍ଡିଆକୁ ୬ ମାସରେ ୯ ନୋଟିସ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଏୟାର ଇଣ୍ଡିଆର ସମସ୍ୟା ବଢ଼ିବାରେ ଲାଗିଛି। ସୁରକ୍ଷାସମ୍ବନ୍ଧିତ ନିୟମଉଲ୍ଲଙ୍ଘନକୁ ନେଇ ଗତ ୬ ମାସରେ ଏହି ଏୟାରଲାଇନ୍ସକୁ ୯ ଥର ନୋଟିସ ପଠାଗଲାଣି। ରାଜ୍ୟ ସଭାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ଏହି ସୂଚନା ଦେଇଛନ୍ତି। ଗୋଟିଏ ମାମଲାରେ ପ୍ରବର୍ତ୍ତନ ଜନିତ କାର୍ଯ୍ୟାନୁଷ୍ଠାନ ଶେଷ ହୋଇଯାଇଥିବାବେଳେ ଅନ୍ୟ ମାମଲାର ତଦନ୍ତ ଜାରି ରହିଛି। ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏହି ଏୟାର ଲାଇନ୍ସ ସୁରକ୍ଷା ଯାଞ୍ଚର କେନ୍ଦ୍ରରେ ରହିଛି। କେନ୍ଦ୍ରମନ୍ତ୍ରୀ ସଂସଦର ପ୍ରଥମ ଦିନରେ ଅହମଦାବାଦ ଦୁର୍ଘଟଣାକୁ ନେଇ ବିବୃତ୍ତି ରଖିଛନ୍ତି। ସରକାର ମାମଲାର ଗହନ ଯାଞ୍ଚ ପାଇଁ ପ୍ରତିବଦ୍ଧ ବୋଲି କହିଛନ୍ତି।

## ରନୱେରୁ ଖସିଲା ଏୟାର ଇଣ୍ଡିଆ ବିମାନ; ବର୍ତ୍ତିଲେ ଯାତ୍ରୀ

ମୁମ୍ବାଇ, ୨୧।୭ (ଏଜେନ୍ସି): ଦେଶର ସବୁଠୁ ବ୍ୟସ୍ତ ବହୁଳ ମୁମ୍ବାଇ ବିମାନବନ୍ଦରରେ ସୋମବାର ସକାଳ ୯ଟା ୨୭ରେ ବଡ଼ ଅଘଟଣ ଘଟିଛି। ଅବତରଣ ସମୟରେ ଏୟାର ଇଣ୍ଡିଆ ବିମାନ (ଏଆଇ ୨୭୪୪) ରନୱେରୁ ଖସି ଯାଇଛି। ଏଥିଯୋଗୁଁ ବିମାନ ରନୱେରୁ ୧୬ରୁ ୧୭ ମିଟର ଦୂରରେ ଥିବା ଘାସକୁ ଚାଲି ଯାଇଛି। ଏଥିରେ ବିମାନର ଇଞ୍ଜିନ କ୍ଷତିଗ୍ରସ୍ତ ହୋଇଛି। ବିମାନର ତିନୋଟି ଟାୟାର ଫାଟି ଯାଇଛି। ଡେଣା ଏବଂ ରନୱେ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି ରନୱେରେ ବିମାନ ଚଳାଚଳ ବନ୍ଦ କରିଦିଆଯାଇଛି। ରନୱେ ପାର୍ଶ୍ୱରେ ଥିବା ତିନୋଟି ସାଇନ୍ ବୋର୍ଡ ଏବଂ ଚାରୋଟି ଲାଇଟ ମଧ୍ୟ ଭାଙ୍ଗି ଯାଇଛି। ତେବେ ଅଳ୍ପକେ ସମସ୍ତ ଯାତ୍ରୀଙ୍କ ଜୀବନ ବଞ୍ଚି ଯାଇଛି। କେହି ମୃତାହତ ହୋଇନାହାନ୍ତି। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ମୁମ୍ବାଇରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଭାଇରଲ ଫଟୋ ଏବଂ ଭିଡିଓରୁ ଜଣାପଡୁଛି ଯେ ଡାହାଣ ଇଞ୍ଜିନର ନାସାଲ କ୍ଷତିଗ୍ରସ୍ତ ହୋଇଛି। ଏହା ପରେ ବିମାନକୁ ପାର୍କିଂକୁ ନିଆଯାଇଥିଲା। ଏଠାରେ ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କୁ ବାହାର କରାଯାଇଥିଲା। ଏହି ମାମଲାର ଯାଞ୍ଚ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ଏକ ଟିମ୍ ବିମାନବନ୍ଦରରେ ପହଞ୍ଚିଛି। ବିମାନର ଯାଞ୍ଚ ଜାରି ରହିଛି। ଉଭୟ ପାଇଲଟଙ୍କୁ ହଟାଇ ଦିଆଯାଇଛି। ଦୁର୍ଘଟଣାର କାରଣ ଯାଞ୍ଚ କରାଯାଉଛି। ବିମାନ ପରିଚାଳନା ଜାରି ରଖିବା ପାଇଁ ଅନ୍ୟ ଏକ ରନୱେ ଆରମ୍ଭ କରାଯାଇଛି।



## ମୁମ୍ବାଇ ସିରିଜ ଟ୍ରେନ୍ ବିସ୍ଫୋରଣ: ୧୨ ଅଭିଯୁକ୍ତ ଖଲାସ

ମୁମ୍ବାଇ, ୨୧।୭(ଏଜେନ୍ସି): ବହୁ ଚର୍ଚ୍ଚିତ ୨୦୦୬ ମୁମ୍ବାଇ ସିରିଜ ଟ୍ରେନ୍ ବସ୍ଫୋରଣ ମାମଲାରେ ହାଇକୋର୍ଟ ସୋମବାର ସବୁ ୧୨ଜଣ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ଦୀର୍ଘ ୧୯ ବର୍ଷ ପରେ ହାଇକୋର୍ଟ ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ସରକାର ଓକିଲ ଦୋଷ ପ୍ରମାଣ କରିବାର ବିଫଳ ହୋଇଛନ୍ତି ବୋଲି କୋର୍ଟ କହିଛନ୍ତି। ଅଭିଯୁକ୍ତମାନେ ଅପରାଧ କରିଛନ୍ତି ବୋଲି କହିବା କଷ୍ଟକର। ତେଣୁ ଏମାନଙ୍କୁ ଖଲାସ କରାଯାଉଛି। ଯଦି ଏମାନେ ଅନ୍ୟ କୌଣସି ମାମଲାରେ ଅଭିଯୁକ୍ତ ନୁହଁନ୍ତି, ତେବେ ସେମାନଙ୍କୁ ତୁରନ୍ତ ଖଲାସ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଥାଉ କି, ୨୦୦୬ ଜୁଲାଇ ୧୧ରେ ମୁମ୍ବାଇର ୱେଷ୍ଟର୍ଣ୍ଣ ସବ ଅର୍ବାନ ଟ୍ରେନ୍‌ର ୭ଟି ବଗିରେ କ୍ରମାଗତ ବିସ୍ଫୋରଣ ହୋଇଥିଲା। ଏଥିରେ ୧୮୯ ଯାତ୍ରୀ ମୃତ୍ୟୁବରଣ କରିଥିଲେ ଓ ୮୨୪ ଜଣ ଆହତ ହୋଇଥିଲେ। ଫାର୍ଷ୍ଟକ୍ଲାସ କୋଚ୍ ଗୁଡିକରେ ହିଁ ସବୁ ବିସ୍ଫୋରଣ ହୋଇଥିଲା।

ସନ୍ଧ୍ୟା ୬.୨୪ରୁ ୬.୩୫ ମିନିଟ୍ ମଧ୍ୟରେ ଗୋଟିଏ



ପରେ ଗୋଟିଏ ବିସ୍ଫୋରଣ ହୋଇଥିଲା। ଲୋକାଲ ଟ୍ରେନ୍‌ର ଫାର୍ଷ୍ଟକ୍ଲାସ ବଗିରେ ଗୁଡିକରେ ଏହି ବିସ୍ଫୋରଣ କରାଯାଇଥିଲା। ଖାର, ବାନ୍ଦ୍ରା, ଜାଗେଶ୍ୱରୀ, ମହିମ, ବୋରିବାଲି, ମାଟୁଙ୍ଗା ଓ ମୀରା- ଭାୟାନ୍ଦର ରେଳ ଷ୍ଟେସନ ନିକଟ୍‌ରେ ଏହି ସବୁ ବିସ୍ଫେରୋଣ ହୋଇଥିଲା। ଟ୍ରେନ୍‌ରେ ଲଗା ଯାଇଥିବା ବମ୍‌ରେ ଆରଡିଏକ୍ସ, ଆମୋନିୟମ ନାଇଟ୍ରେଟ୍, ଫୁଏଲ ତେଲ ଓ ଲୁହା କଣ୍ଟାର ବ୍ୟବହାର ହୋଇଥିଲା। ୭ଟି ପ୍ରେସର କୁକରରେ ରଖାଯାଇ ବମ୍‌ଗୁଡିକ ଟାଇମର ଦ୍ୱାରା ଉଡାଇ ଦିଆଯାଇଥିଲା।

ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋହିବାର ଆଜମ ଚିମା ପାକିସ୍ତାନସ୍ଥିତ ନିଜ ବାହବଲପୁର ଘରୁ ସିମି ଓ ଲସ୍କରର ଦୁଇଟି ଗ୍ରୁପ୍ ସହ ମିସି ଷଡ଼ଯନ୍ତ୍ର କରି ଏହି ବିସ୍ଫୋରଣ ଘଟାଇଥିଲା ବୋଲି ପୁଲିସ ତା'ର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲା। ଏଥିପାଇଁ ବାହବଲପୁରରୁ ୫୦ଜଣ ଯୁବକଙ୍କୁ ଭାରତ ପଠାଯାଇଥିଲା। ୧୨ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଛନ୍ତି। ଏବେ ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ ବୋଲି କୁହାଯାଇଛି। ୨୦୦୬ରେ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୯ ବର୍ଷ କେସ୍ ଚାଲିବା ପରେ ସ୍ପେଶାଲ କୋର୍ଟ ୨୦୧୫ ସେପ୍ଟେମ୍ବର ୧୧ରେ ରାୟ ଦେଇଥିଲେ। ୧୩ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ଫାସୀ ଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ୭ଜଣଙ୍କୁ ଆଜୀବନ କରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଜଣେ ଅଭିଯୁକ୍ତଙ୍କୁ କୋର୍ଟ ମୁକ୍ତ କରିଥିଲେ। ଏହାପରେ ୨୦୧୬ରେ ସବୁ ଅଭିଯୁକ୍ତ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସ୍ୱାମୀଙ୍କୁ ମାରି ଟାଇଲ ତଳେ ପୋତିଲେ ସ୍ତ୍ରୀ ଓ ପ୍ରେମିକ

ପାଲଘର, ୨୧।୭(ଏଜେନ୍ସି): ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ବଲିଉଡ୍ ସୁପର ହିଟ୍ ସିନେମା 'ଦୃଶ୍ୟମ' ଶୈଳୀରେ ଏକ ହତ୍ୟାକାଣ୍ଡ ଘଟିଛି। ପ୍ରେମିକଙ୍କ ସହାୟତାରେ ଜଣେ ପତ୍ନୀ ନିଜ ସ୍ୱାମୀଙ୍କୁ ହତ୍ୟା କରି ନିଜ ଘରର ଟାଇଲ ତଳେ ପୋତିବା ସହ ମୃତଦେହକୁ ଲୁଚାଇବାକୁ ପ୍ରୟାସ କରିଛନ୍ତି। ୩୫ ବର୍ଷୀୟ ବିଜୟ ଚାଭନ ଗତ ୧୫ ଦିନ ହେବ ନିଖୋଜ ଥିଲେ। ମୁମ୍ବାଇଠାରୁ ୭୦କିମି ଦୂର ନାଲାସୋପାରା ଇଷ୍ଟର ଗଡ଼ଗାପଡ଼ା ଅଞ୍ଚଳରେ ବିଜୟ ଓ ତାଙ୍କ ୨୮ ବର୍ଷୀୟ ପତ୍ନୀ କୋମଲ ଚାଭନ ରହୁଥିଲେ। ସୋମବାର ସକାଳେ ବିଜୟଙ୍କ ଭାଇ ତାଙ୍କୁ ଖୋଜିବାକୁ ଆସି ଘରେ ପହଞ୍ଚିଥିଲେ। କିନ୍ତୁ ଘର ଚଟାଣର କୋଡୋଟି ଟାଇଲ ଅନ୍ୟଗୁଡିକ ସହ ମେଳ ଖାଉ ନଥିବା ସେ ଲକ୍ଷ୍ୟ କରିଥିଲେ। ସନ୍ଦେହ ହେବାରୁ ସେ ମେଳ ଖାଉ ନଥିବା ଭିନ୍ନ ରଙ୍ଗର ଟାଇଲକୁ କାଢ଼ି ଦେବା ପରେ ଏକ ସାର୍ଟ ପୋତା ହୋଇଥିବା ଦେଖିଥିଲେ ଓ ଉତ୍କଟ ଦୁର୍ଗନ୍ଧ ହେବାର ଜାଣି ପରିଥିଲେ। ଏହାପରେ ସେ ପୁଲିସ୍‌କୁ ସୂଚନା ଦେଇଥିଲେ। ପୁଲିସ ବିଜୟ ମୃତଦେହ ଟାଇଲ ତଳୁ ଉଦ୍ଧାର କରିଥିଲା।



କଟକ


ବ୍ରହ୍ମପୁର


ସମ୍ବଲପୁର

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଏଫଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାର ପ୍ରତିବାଦ

# ତିନି ଆର୍‌ଡିସି ଅଫିସ ଆଗରେ ଗର୍ଜିଲା ବିଜେଡି

ଭୁବନେଶ୍ୱର,୨୧।୭(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି, ମହିଳା ବିରୋଧୀ ଅପରାଧ ବୃଦ୍ଧି ଏବଂ ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସୋମବାର ବିଜେଡି ପକ୍ଷରୁ ରାଜ୍ୟର ୩ ଆର୍‌ଡିସି ଅଫିସ ଘେରଓ କରାଯାଇଛି। ଏଫ୍‌ଏମ୍ କଲେଜର ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ଆର୍‌ଡିସି ଅଫିସ ସମ୍ମୁଖରେ ଦଳ ବିକ୍ଷୋଭ, ପ୍ରତିବାଦ ପ୍ରଦର୍ଶନ କରିଛି। କଲେଜ ଛାତ୍ରୀ ଆତ୍ମାହୁତି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ଦଳ। ବିଜେଡିର ହଜାର ହଜାର କର୍ମୀ ଏଥିରେ ସାମିଲ ହୋଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରିଥିବା ବେଳେ ଦଳ ପକ୍ଷରୁ ଆର୍‌ଡିସିଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଦଳ ପକ୍ଷରୁ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିବା ସହିତ ନାରୀ, ଛାତ୍ରୀ ଓ ଶିଶୁମାନଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଇଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସମଗ୍ର ରାଜ୍ୟକୁ ବ୍ୟଥିତ କରିଥିଲା ବେଳେ ନ୍ୟାୟ ପାଇଁ ଦୀର୍ଘ ୬ ମାସ ଲଢ଼ିବା ପରେ ଶେଷରେ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଦେବା ଘଟଣା ସମଗ୍ର ଦେଶରେ ରାଜ୍ୟ ପାଇଁ ଲଜ୍ଜା ଓ ନିନ୍ଦା ଆଣିଛି। ଏଫଏମ କଲେଜ ଘଟଣା ରାଜ୍ୟବାସୀଙ୍କ ମନରୁ ନ ଲିଭୁଣୁ, ପୁରୀ ଜିଲ୍ଲାର ବଳଙ୍ଗାଠାରେ ଗୋଟିଏ ନାବାଳିକାକୁ ଜିଅନ୍ତା ଜାଳିଦେବା ଉଦ୍ୟମ ଭଳି ହୃଦୟବିଦାରକ ଘଟଣା ଲୋକଲୋଚନକୁ ଆସିଛି। ଦୁଷ୍କର୍ମ, ଗଣଦୁଷ୍କର୍ମ ସଂପ୍ରତି ରାଜ୍ୟରେ ଏକ ନିତିଦିନିଆ ଘଟଣା ହୋଇଛି। ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି।

କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ବିକ୍ଷୋଭରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଜେନା, ସୁଦାମ ମାରାଣ୍ଡି, ପ୍ରଣବ ବଳବନ୍ତରାୟ, ସୁଲୋଚନା ଦାସ, ସୁବାସ ସିଂ, ଦେବାଶିଷ ସାମନ୍ତରାୟ, ପ୍ରଫୁଲ୍ଲ ସିଂ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ସୁଭାଶିଷ ଖୁଣ୍ଟିଆ,

**ଛାତ୍ରୀ ଆତ୍ମାହୁତି ଘଟଣାରେ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି**

ସଞ୍ଜୀବ ମଲ୍ଲିକ, ସୁଶାନ୍ତ ରାଉତ, ପ୍ରଶାନ୍ତ ବେହେରା, ଗଣେଶ୍ୱର ବେହେରା, ଧ୍ରୁବଚରଣ ସାହୁ, ସାରଦା ଜେନା, ରମାକାନ୍ତ ଭୋଇ, ରମେଶ ବେହେରା, ମଞ୍ଜୁଲତା ମଣ୍ଡଳ, ପ୍ରଫୁଲ୍ଲ ସାମଲ, ଅଂଶୁମାନ ମହାନ୍ତି, ସୁକାନ୍ତ ନାୟକ,ସ୍ୱରୂପ ଦାସ, ଡ. ଲେଖାଶ୍ରୀ ସାମନ୍ତସିଂହାର, ଅଶୋକ ପଣ୍ଡା, ରାଜେନ୍ଦ୍ର ସାହୁ, ପ୍ରଦୀପ ସାହୁ, ରୁଦ୍ର ମହାରଥୀ, ତୁଷାରକାନ୍ତି ବେହେରା, ବିଜୟ ନାୟକ, ଶର୍ମିଷ୍ଠା ସେଠୀ, କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ରାଜେନ୍ଦ୍ର ଦାସ, ବାସନ୍ତୀ ହେମ୍ବ୍ରମ, ସାନନ୍ଦ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

ସମ୍ବଲପୁର ଆର୍‌ଡିସି ଅଫିସ୍ ସାମ୍ନାରେ ବିଜେଡିର ବିକ୍ଷୋଭରେ ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଦେବେଶ ଆଚାର୍ଯ୍ୟ, ରୋହିତ ପୂଜାରୀ, କଳିକେଶ ନାରାୟଣ ସିଂହଦେଓ, ପ୍ରଦୀପ ଅମାତ, ରଜନୀକାନ୍ତ ସିଂ, ନଳିନୀକାନ୍ତ ପ୍ରଧାନ, ବର୍ଷା ସିଂ ବରିହା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୀତା ସାହୁ, ଅଳକା ମହାନ୍ତି, ସାରଦା ନାୟକ, ସୁଧୀର ସାମଲ, ମୁକେଶ ପାଲ୍, ମହେଶ ସାହୁ, ଆୟୁବ ଖାନ୍, ଅଧିରାଜ ପାଣିଗ୍ରାହୀ, ଲମ୍ବୋଦର ନିଆଲ ପ୍ରମୁଖ ସାମିଲ ଥିଲେ।

ବ୍ରହ୍ମପୁର ଆର୍‌ଡିସି ଅଫିସ୍ ସମ୍ମୁଖରେ ବିଜେଡିର ବିକ୍ଷୋଭରେ ସଞ୍ଜୟ କୁମାର ଦାସବର୍ମା, ଚନ୍ଦ୍ରଶେଖର ସାହୁ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରବି ନାରାୟଣ ନନ୍ଦ, ପ୍ରଦୀପ ମାଝୀ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ମନୋହର ରନ୍ଧାରୀ, ମାନସ ମାଡକାମୀ, ଝିନ ହିକକା, ରୂପେଶ ପାଣିଗ୍ରାହୀ, ଭାସ୍କର ରାଓ, ଜଗନ୍ନାଥ ସାରକା, ଚକ୍ରମଣୀ କହଁର, ବିକ୍ରମ ଆରୁଖ, ଲତିକା ପ୍ରଧାନ, ରଞ୍ଜିତା ସାହୁ, ସଙ୍ଘମିତ୍ରା ଦଳେଇ,ପ୍ରଫୁଲ୍ଲ ପାଙ୍ଗୀ, ପ୍ରଦୀପ କୁମାର ଦିଶାରୀ, ପୁଷ୍ପେନ୍ଦ୍ର ସିଂହଦେଓ, ପଦ୍ମିନୀ ଦିଆନ, ମନୋରମା ମହାନ୍ତି, ରଘୁନାଥ ଗମାଙ୍ଗୋ, ରମେଶ ମାଝୀ, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣ ସ୍ୱାଇଁ, ମଞ୍ଜୁଳା ସ୍ୱାଇଁ, ସୁବାସ ବେହେରା, ବିପ୍ଳବ ପାତ୍ର, ସୂର୍ଯ୍ୟମଣୀ ବୈଦ୍ୟ, ଦ୍ୟୁମ୍ନାଥ ପଣ୍ଡା, ଚକ୍ରମଣୀ କହଁର, ପ୍ରଭୁ ଜାନି, ନନ୍ଦିନୀ ଦେବୀ, ଶ୍ରୀ ଶ୍ରୀରୂପ ଦେବ ଅନୁସୂୟା ମାଝୀ ପ୍ରମୁଖ ସାମିଲ ଥିଲେ।

---

### ଗମ୍ଭାରିମାଳିଆ ଟ୍ରିପଲ ମର୍ଡର ମାମଲା

## ହାଇକୋର୍ଟରେ ଫାଶୀ ଦଣ୍ଡାଦେଶ ରଦ୍ଦ

**■ ଦୁଇ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କଲେ ଅଦାଲତ**
**■ ମୃତକଙ୍କ ନାବାଳିକା ଝିଅକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ**

କଟକ, ୨୧।୭ (ସମିସ): ବହୁଚର୍ଚ୍ଚିତ ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ଗମ୍ଭାରିମାଳିଆ ଗ୍ରାମରେ ସଂଗଠିତ ଟ୍ରିପଲ ମର୍ଡର୍ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏଥିସହ ଆଠମଲ୍ଲିକ ଅତିରିକ୍ତ ଦୌରା ଅଦାଲତଙ୍କ ଫାଶୀ ଦଣ୍ଡାଦେଶକୁ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଯୁକ୍ତ ପ୍ରକାଶ ବେହେରା ଓ ନନ୍ଦକିଶୋର ସେଠୀଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି। ଏହାସହ ମୃତ ଦମ୍ପତିଙ୍କ ନାବାଳିକା ଝିଅଙ୍କୁ ୩୦ଲକ୍ଷ ଟଙ୍କା ପୀଡ଼ିତା କ୍ଷତିପୂରଣ ଆଇନ ଅନୁସାରେ ପ୍ରଦାନ କରିବାକୁ ଅନୁଗୋଳ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ।

ଅଦାଲତ କହିଛନ୍ତି ଯେ ଅପରାଧୀମାନେ ଯେଉଁମାନେ ବି ହୁଅନ୍ତୁ ନା କାହିଁକି, ସେମାନେ ତିନି ଜଣଙ୍କ ଜୀବନ ନେଇଛନ୍ତି। ଯେଉଁଥିରେ ଜଣେ ନାବାଳକ ବାଳକ ମଧ୍ୟ ଅଛନ୍ତି। ତେବେ ଏହି ମାମଲାରେ ଆବେଦନକାରୀ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ ପାଇଁ କୌଣସି ସନ୍ତୋଷଜନକ ପ୍ରମାଣ ଉପସ୍ଥାପନ କରାଯାଇନାହିଁ। ଫୌଜଦାରୀ ନ୍ୟାୟଶାସ୍ତ୍ର ଅନୁସାରେ ଅପରାଧ ଯେତେ ଗମ୍ଭୀର ହେଉ, ପ୍ରମାଣର ପରିମାଣ ସେତେ କଠୋର ହେବା ଉଚିତ। ସରକାରୀ ପକ୍ଷ ଯେଉଁ ଯୁକ୍ତି ଉପସ୍ଥାପନ କରିଛନ୍ତି, ତାହା ଅନୁମାନ ଏବଂ ସନ୍ଦେହ ଉପରେ ଆଧାରିତ। କେତେକ ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ଯେତେବେଳେ ଜବତ ସାମଗ୍ରୀଗୁଡ଼ିକ ଆବେଦନକାରୀଙ୍କ ବିରୋଧରେ ପ୍ରମାଣ ଭାବରେ ବ୍ୟବହାର କରାଯାଇପାରିବ ନାହିଁ, ସେତେବେଳେ ଡିଏନଏ ପରୀକ୍ଷା ରିପୋର୍ଟ ବି ସେମାନଙ୍କ ବିରୋଧରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, ଗତ ୨୦୧୭ ଅକ୍ଟୋବର ୧୦ ତାରିଖରେ କିଶୋରନଗର ଥାନା ଗମ୍ଭାରିମାଳିଆ ଗ୍ରାମର ବିରଞ୍ଚି ନାୟକ, ପତ୍ନୀ ତାରଣୀ ନାୟକ ଓ ୭ ବର୍ଷୀୟ ନାବାଳକ ପୁତ୍ର ଏକଲବ୍ୟକୁ ଅଭିଯୁକ୍ତ ଆବେଦନକାରୀ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତକଙ୍କ ଘରେ ପଶି ଡକାୟତି କରିବା ସହ ସେମାନଙ୍କୁ ମାରଣାସ୍ତ୍ରରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଘରୁ ତାରଣୀଙ୍କ ମୃତଦେହ ମିଳିଥିବା ବେଳେ ବିରଞ୍ଚି ଓ ତାଙ୍କ ପୁଅକୁ ଅପହରଣ କରିନେଇ ହତ୍ୟା କରାଯାଇଥିଲା। ଆବେଦନକାରୀ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିବା ବେଳେ ନିମ୍ନ ଅଦାଲତ ଗତ ୨୦୨୪ ସେପ୍ଟେମ୍ବର ୨୭ରେ ଆଇପିସିର ଦଫା ୩୦୨ରେ ଫାଶୀ ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏହାକୁ ଚାଲେଞ୍ଜ କରି ଉଭୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଏସ.ଆର.ମୁଳିଆ ଓ ରମେଶ ଚନ୍ଦ୍ର ମହାରଣା ମାମଲା ପରିଚାଳନା କରୁଥିଲେ।

---

**■ ଆସୁଛି ପଛକୁ ପଛ ଦୁଇ ଲଘୁଚାପ**

## ୨୩ରୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୧।୭ (ସମିସ): ଆସନ୍ତା ୨୩ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ୨୪ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାକୁ ଥିବାବେଳେ ଏଥିପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆକଳନ କରିଯାଇଛି। ୨୩ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବା ସହ ୨୪ ଓ ୨୫ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ୨୩ରୁ୨୬ ତାରିଖ ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ। କିଛି କିଛି ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଏଥିପାଇଁ କେନ୍ଦ୍ର ପକ୍ଷରୁ ଆସନ୍ତା ୨୩ଠାରୁ ବିଭିନ୍ନ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।



ଅନ୍ୟପଟେ ବର୍ତ୍ତମାନ ଦକ୍ଷିଣ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟର ପ୍ରଭାବ ରହିଛି। ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ବର୍ଷାର ପ୍ରଭାବ ଅନୁଭୂତ ହେଉଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷା ଦେଖିବାକୁ ମିଳିଛି। ମଙ୍ଗଳବାର ମଧ୍ୟ ଅନେକ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ବିଶେଷ କରି କୋରାପୁଟ ଓ ମାଲକାନଗିରି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

---

## ଏମ୍ସରେ ବଳଙ୍ଗା ପୀଡ଼ିତାଙ୍କୁ ଭେଟିଲେ ବିଜେଡି ପ୍ରତିନିଧିମଣ୍ଡଳୀ

### ଡାକ୍ତରଙ୍କ ସହ ଆଲୋଚନା, ପରିବାର ସଦସ୍ୟଙ୍କୁ ଆଶ୍ୱାସନା




ଭୁବନେଶ୍ୱର,୨୧।୭(ସମିସ): ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ପୁରୀ ଜିଲ୍ଲା ବଳଙ୍ଗାର ପୀଡ଼ିତାଙ୍କୁ ଭେଟିଛନ୍ତି ବିଜେଡିର ରାଜ୍ୟସଭା ସଂସଦୀୟ ପ୍ରତିନିଧି ଦଳ। ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସସ୍ମିତ ପାତ୍ର, ମାନସରଞ୍ଜନ ମଙ୍ଗରାଜ, ସୁଲତା ଦେଓ ଓ ନିରଞ୍ଜନ ବିଶି ପ୍ରମୁଖ ଏମ୍ସରେ ବଳଙ୍ଗା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଅବସରରେ ସାଂସଦମାନେ ଡାକ୍ତରଙ୍କ ସହ ପୀଡ଼ିତାଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ତାଙ୍କ ସମ୍ପର୍କୀୟ ଓ ପରିବାର ସଦସ୍ୟମାନଙ୍କୁ ପ୍ରତିନିଧିମଣ୍ଡଳୀ ଆଶ୍ୱାସନା ପ୍ରଦାନ କରିଛନ୍ତି।

---

### ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

## କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକ ନିଲମ୍ବିତ

ରଘୁନାଥପୁର, ୨୧।୭(ସମିସ): ଛାତ୍ରୀ ନିର୍ଯାତନା ଅଭିଯୋଗରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥ ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ଗଣିତ ଅଧ୍ୟାପକ ଶାଶ୍ୱତ ମହାନ୍ତିଙ୍କୁ ସୋମବାର ନିଲମ୍ବନ କରାଯାଇଛି। ଜିଲ୍ଲାପାଳଙ୍କ ଜରିଆରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପକ୍ଷରୁ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

ସୂଚନା ମୁତାବକ, ଗତ ଜାନୁଆରୀ ୧୫ ତାରିଖରେ କଲେଜର ଜଣେ ଛାତ୍ରୀ ଗଣିତ ଅଧ୍ୟାପକ ଶ୍ରୀ ମହାନ୍ତିଙ୍କ ବିରୁଦ୍ଧରେ ଅସଦାଚରଣ ନେଇ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀ ସାହୁ ତୁରନ୍ତ ଏକ କମିଟି ଗଠନ କରି ସମ୍ପୃକ୍ତ ଅଧ୍ୟାପକ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ୍ ମାଗିଥିଲେ। କମିଟି ମଧ୍ୟ ଏ ସମ୍ପର୍କରେ ତଦନ୍ତ କରି ଅଧ୍ୟକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏପ୍ରିଲ ୨ ତାରିଖରେ ଛାତ୍ରୀଜଣଙ୍କ ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ଏକ ଲିଖିତ ଦରଖାସ୍ତ ପ୍ରଦାନ କରିଥିଲେ। ସେଥିରେ ଅଧ୍ୟାପକ ଶ୍ରୀ ମହାନ୍ତି ତାଙ୍କର ଭୁଲ ବୁଝି ପାରି କ୍ଷମା ପ୍ରାର୍ଥନା କରିଥିବା ଓ ଆପୋଷ ସମାଧାନ ହୋଇଥିବା ସମ୍ପର୍କରେ ଦର୍ଶାଇଥିଲେ। ଏଣୁ ଉକ୍ତ ଅଭିଯୋଗକୁ ଆଉ ଆଗକୁ ନନେଇ ପରିସମାପ୍ତି କରିବା ପାଇଁ ଛାତ୍ରୀଜଣଙ୍କ ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ।

ଅପରପକ୍ଷେ, କିଛି ଦିନ ତଳେ, ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଏନେଇ ଅଭିଯୋଗ ହୋଇଥିଲା। ଗତ ୧୯/୭/୨୦୨୫ରେ ଜିଲ୍ଲାପାଳଙ୍କ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ୩ଦିନ ମଧ୍ୟରେ ଘଟଣା ସମ୍ପର୍କିତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ରିପୋର୍ଟ ସନ୍ତୋଷଜନକ ନଥିବାରୁ ଉଭୟ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଅନ୍ୟପକ୍ଷରେ ଛାତ୍ରୀଙ୍କ ବାପାଙ୍କ ପକ୍ଷରୁ ସୋମବାର କଲେଜ କର୍ତ୍ତୃପକ୍ଷଙ୍କୁ ଏକ ଦରଖାସ୍ତ ଦିଆଯାଇଛି। ସେଥିରେ ସେ ତାଙ୍କ ଜ୍ଞାତସାରରେ ସମାଧାନ ତଥା ପରିସମାପ୍ତି ହୋଇଥିବା ଉକ୍ତ ବିଷୟକୁ ଗଣମାଧ୍ୟମରେ ଅଧିକ ଚର୍ଚ୍ଚିତ ନ କରିବା ପାଇଁ ଅନୁରୋଧ କରିଛନ୍ତି। ଏହାକୁ ସହ୍ୟ କରି ନପାରି ଝିଅ ଯଦି କିଛି ଅଘଟଣ କରି ବସେ, ତେବେ ଏଥିପାଇଁ କିଏ ଦାୟୀ ରହିବ? ସମ୍ପୃକ୍ତ ଗଣମାଧ୍ୟମ ନା କଲେଜ କର୍ତ୍ତୃପକ୍ଷ ନା ସରକାର ବୋଲି ଛାତ୍ରୀଙ୍କ ବାପା ପ୍ରଶ୍ନ କରିଛନ୍ତି।

### ଛାତ୍ରୀଙ୍କୁ ଅସଦାଚରଣ, ଦୁଇ ଶିକ୍ଷକ ଅଟକ

ଜଳେଶ୍ୱର ବ୍ଲକ୍, ୨୧।୭ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚାମାରଗାଁସ୍ଥିତ ପୃଥୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ରାଇବଣିଆ ପୁଲିସ୍ ସ୍କୁଲର ପ୍ରଧାନଶିକ୍ଷକ ଓ ଗଣିତ ଶିକ୍ଷକଙ୍କୁ ପୁଲିସ ଥାନାରେ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ଗଣିତ ଶିକ୍ଷକ କୈଳାସ ଚନ୍ଦ୍ର ବେଜ ଦୀର୍ଘ ଦିନ ଧରି ସମ୍ପୃକ୍ତା ଛାତ୍ରୀଙ୍କୁ ଅସଦାଚରଣ କରି ଆସୁଥିଲେ। ଏ ସଂପର୍କରେ ଘରେ ଜଣାଇଲେ ଫେଲ୍ କରିଦେବାର ଧମକ ଦେଉଥିଲେ। ତେବେ ଛାତ୍ରୀଜଣଙ୍କ ସାହସ ଜୁଟାଇ ଏ ସଂପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ରବିବାର ସନ୍ଧ୍ୟାରେ ଛାତ୍ରୀ ଓ ତାଙ୍କ ବାପା-ମା' ରାଇବଣିଆ ଥାନାରେ ପହଞ୍ଚି ଘଟଣା ବାବଦରେ ଲିଖିତ ଅଭିଯୋଗ କରିଥିଲେ। ପରେ ରାଇବଣିଆ ପୁଲିସ ପ୍ରଧାନ ଶିକ୍ଷକ ଓ ଗଣିତ ଶିକ୍ଷକଙ୍କୁ ଥାନାକୁ ଉଠାଇ ଆଣିଥିଲା। ସୋମବାର ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ଡିଏସ୍‌ପି ନିର୍ମଳା ଗୋଛାୟତ, ଏସ୍‌ଡିପିଓ ସୁବ୍ରତ ବେହେରା, ଏଡିଇଓ ପୂର୍ଣ୍ଣିମା ମହାପାତ୍ର, ବିଇଓ ଜଗବନ୍ଧୁ ଜେନା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଶାନ୍ତ ରାଉତ ବିଦ୍ୟାଳୟରେ ପହଞ୍ଚି ପୀଡ଼ିତ ଛାତ୍ରୀ ଓ ଅଭିଭାବକଙ୍କୁ ଭେଟି ପଚରାଉଚରା କରିଥିଲେ। ଖବର ଲେଖାହେବା ବେଳକୁ ଦୁଇ ଶିକ୍ଷକ ଥାନାରେ ଅଟକ ରହିଛନ୍ତି।

---

## ମହିଳା ହିଂସା ପ୍ରସଙ୍ଗରେ 'ଶୂନ୍ୟ ସହନଶୀଳ' ନୀତି: କଂଗ୍ରେସ



**■ ଏଫ୍‌ଏମ୍ ଆତ୍ମାହୁତି ପ୍ରସଙ୍ଗରେ ଆନ୍ଦୋଳନ ଅବ୍ୟାହତ ରହିବ**
**■ ନିମାପଡ଼ା ଘଟଣାରେ ଅଭିଯୁକ୍ତ ଧରା ନ ପଡ଼ିବାରୁ ବର୍ଷିଲେ ଭକ୍ତ**

ଭୁବନେଶ୍ୱର,୨୧।୭(ସମିସ): ବାଲେଶ୍ୱର ସୌମ୍ୟାଶ୍ରୀ ଆତ୍ମାହୁତି, ନିମାପଡ଼ା ପୋଡ଼ି ଘଟଣା ତଥା ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଏବଂ ସରକାରଙ୍କ ନିରବତା ବିରୋଧରେ କଂଗ୍ରେସ ଦଳ ଆଦୌ ସାଲିସ୍ କରିବ ନାହିଁ। ମହିଳା ହିଂସା ପ୍ରସଙ୍ଗରେ କଂଗ୍ରେସ ଦଳ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରି ଆସୁଛି। ତେଣୁ ଏଫ୍‌ଏମ୍ ଆତ୍ମାହୁତି ପ୍ରସଙ୍ଗରେ ଦଳ ପକ୍ଷରୁ ଜାରି ରହିଥିବା ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି।

ରବିବାର ରାତିରେ ଛାତ୍ର କଂଗ୍ରେସ ସଭାପତିଙ୍କୁ ଏକ ଦୁଷ୍କର୍ମ ଅଭିଯୋଗରେ ଗିରଫ କରାଯିବା ପରେ କଂଗ୍ରେସର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିଥିଲା। ବିଶେଷ କରି ଦଳ ପକ୍ଷରୁ ନାରୀ ନ୍ୟାୟ ନାଁରେ ଜାରି ରହିଥିବା ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଜାରି ରହିବ ନାଁ ଏଥିରେ ଦଳ ବ୍ୟାକ୍‌ଫୁଟ୍‌କୁ ଚାଲିଯିବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସରକାରୀ ବିଜେପିର ଛାତ୍ର ଓ ଯୁବ ସଂଗଠନ ମଧ୍ୟ କଂଗ୍ରେସ ଦଳକୁ ନୈତିକତାର ପାଠ ପଢ଼ାଇବା ଆରମ୍ଭ କରି ଦଳକୁ ଅଡୁଆ ସ୍ଥିତିରେ ଛିଡ଼ା କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସୋମବାର ପିସିସି ସଭାପତିଙ୍କ ସମେତ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସମେତ ବହୁ ବରିଷ୍ଠ ନେତା କଂଗ୍ରେସ ଭବନରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଭକ୍ତ ସରକାରଙ୍କୁ ଚେତାଇ ଦେଇଛନ୍ତି ଯେ ଯଦି ସେମାନେ କଂଗ୍ରେସ ଦଳକୁ ଦୁର୍ବଳ ବୋଲି ଚିନ୍ତା କରୁଛନ୍ତି ତେବେ ଏହା ମସ୍ତବଡ଼ ଭୁଲ। କଂଗ୍ରେସ ବିରୋଧରେ ଷଡ଼ଯନ୍ତ୍ରର ହୀନ ପ୍ରୟାସ କଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଇତ୍ୟାଦି ସମସ୍ତଙ୍କ କଥା ବାହାରିବ ଏବଂ ସେଥିପାଇଁ ସରକାର ପ୍ରସ୍ତୁତ ରହିବା କଥା। ସେ ଆହୁରି କହିଛନ୍ତି ଯେ ଏବିଭିପି ନିଜ ଛାତ୍ରୀନେତ୍ରୀଙ୍କୁ ସୁରକ୍ଷା ଦେଇ ପାରିଲା ନାହିଁ; କିନ୍ତୁ ଆମ ଦଳ ଛାତ୍ର ସଭାପତି ଗିରଫ ହେବାର ସାଙ୍ଗେ ସାଙ୍ଗେ ନିଲମ୍ବନ କରିଛି। ନାରୀ ପ୍ରତି ଅନ୍ୟାୟ କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ଘୋଷଣା କରିବା ସହିତ ପ୍ରଦେଶ କଂଗ୍ରେସ ପକ୍ଷରୁ ମହିଳା ଉପସଭାପତି ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ୬ ଜଣିଆ କମିଟି ଗଠନ କରି ତୁରନ୍ତ ପୀଡ଼ିତାଙ୍କୁ ଭେଟି ସତ୍ୟାସତ୍ୟ ଜାଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ବାଲେଶ୍ୱର ପୀଡ଼ିତା, ମୁଖ୍ୟମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଦି ସମସ୍ତଙ୍କୁ ନିବେଦନ କରିବା ସତ୍ତ୍ୱେ ସାହାଯ୍ୟ କରିବା ଦୂରେ ଥାଉ, କେହିବି କର୍ଣ୍ଣପାତ କରିନଥିଲେ। ପୁଲିସ କାହିଁକି ଏଫଆଇଆର ଗ୍ରହଣ କଲା ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଜବାବ ଦେବାକୁ ପଡ଼ିବ ଏବଂ ଏହି ପ୍ରଶ୍ନ ଯୁଗ ଯୁଗ ପର୍ଯ୍ୟନ୍ତ ରହିବ ବୋଲି ଶ୍ରୀ ଦାସ କହିଛନ୍ତି।

## ଚେନ୍ନାଇରେ ଦାଦନ ଖଟୁଛି ସ୍ୱାମୀ

# ପାହାଡ଼ ତଳେ ଜରି କାନ୍ଥ ଘରେ ଏକୁଟିଆ ପରିବାର

ଯଖପୁରା,୨୧।୭ (ସମିସ)



ଶିଳ୍ପାଞ୍ଚଳରୁ ଦାଦନ ଶ୍ରମିକ

କଳିଙ୍ଗନଗର ଗଢି ଉଠିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, କଳକାରଖାନା ଗଢିଉଠିଲେ ସ୍ଥାନୀୟ ବାସିନ୍ଦା ସେମାନଙ୍କ ନିଯୁକ୍ତି ହେବ ବା ଅନ୍ୟ କୌଣସି ମାଧ୍ୟମ ଦ୍ୱାରା ସ୍ଥାୟୀ ରୋଜଗାରର ପନ୍ଥା ବାହାରିପଡିବ। କିନ୍ତୁ ଏଠାରେ ସ୍ଥାନୀୟ ବାସିନ୍ଦାମାନଙ୍କୁ ନିଯୁକ୍ତି ନ ମିଳିବାରୁ ସେମାନେ ବାଧହୋଇ ନିଜର ପରିବାର ପ୍ରତିପୋଷଣ କରିବା ପାଇଁ ସୁଦୂର ଚେନ୍ନାଇ ଯିବାକୁ ପଡୁଛି। କଳିଙ୍ଗନଗରରେ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ନ ଦିଆଯାଇ ବାହାର ଜିଲ୍ଲା ତଥା ରାଜ୍ୟରୁ ନିଯୁକ୍ତି ଦିଆଯାଉଛି। ସେମିତି ଏକ ପରିବାରକୁ ଏକୁଟିଆ ପାହାଡ଼ ତଳେ ଛାଡି ସୁଦୂର ଚେନ୍ନାଇକୁ ଦାଦନ ଖଟିବାକୁ ଯାଇଛି ଜଣେ ନିରୁପାୟ ଶ୍ରମିକ।

ଦାନଗଦି ବ୍ଲକ ଚାନ୍ଦିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝୁମ୍ପୁରୀ ପାହାଡ ତଳେ ଘର କରି ରହିଥିବା ଟୁକୁନା ପାତ୍ର (୪୨)ଙ୍କ ପରିବାର। ସ୍ତ୍ରୀ ରିନା ପାତ୍ର (୪୧) ଉପରେ ପରିବାରର ସମସ୍ତ ଦାୟିତ୍ୱ ଦେଇ ନିଜେ ପରିବାର ମୁହଁରେ ଦାନା ଯୋଗାଡ଼ କରିବା ପାଇଁ ଚେନ୍ନାଇରେ ଦାଦନ ଖଟୁଛି। ଟୁକୁନାର ଚାରୋଟି ଛୁଆ ପିଲା ଥିବାବେଳେ ବଡ଼ ଝିଅ ଲକ୍ଷ୍ମୀ (୮ମ), ମଝିଆଁ ଝିଅ ସରସ୍ୱତୀ (୭ମ), ସାନ ଝିଅ ଲଭଲି (୫ମ)ରେ ପାଖ ଗୋଲାଗାଁ ବିଦ୍ୟାଳୟରେ ପଢୁଥିବା ବେଳେ ସାନ ପୁଅ (୪ବର୍ଷ) ଅଙ୍ଗନବାଡ଼ି କେନ୍ଦ୍ରରେ ପଢୁଛନ୍ତି। ନିଜ ନାମରେ ଜମି ଖଣ୍ଡେ ନଥିବାରୁ ଗୋଲାଗାଁରେ ଥିବା ଏକ ଅନାବାଦୀ ଜମିରେ ମାଟି କାନ୍ଥରେ ଘରଟିଏ ତିଆରି କରି ରହିଆସୁଥିଲା। ପାଖରେ ଅନ୍ୟମାନଙ୍କ ଚାଷ ଜମିଥିବାରୁ ସେମାନେ ଧିରେ ଧିରେ ତା' ଘର ପାଖକୁ ମାଡି ଆସିବାରୁ ଚଳପ୍ରଚଳ କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଲେ। ବାଧହୋଇ ମାଟି କାନ୍ଥ ଘରକୁ ଛାଡ଼ି ପାଖ ଝୁମ୍ପିରୀ ପାହାଡ ତଳେ ମୁଣ୍ଡ ଗୁଞ୍ଜିବା ପାଇଁ ଚାଲିଗଲେ। ସେଠାରେ ଏକ ପାଲ ଛପର ଘର ତିଆରି କରି ନିଜ ପରିବାରକୁ ରଖିଲେ। ଗତ ୭ବର୍ଷ ହେବ ଏହି ପାଲ ଛପର ଓ ପାଲରେ ଆବଦ୍ଧ କାନ୍ଥ ଘରେ ରହି ଆସୁଛି ଏହି ନିରାଶ୍ରୟ ପରିବାର। ଟୁକୁନାର ରୋଜଗାର ହିସାବରେ କେବଳ ପରିବାର ମୁହଁରେ ଦାନା ଦେବା ବିନା ଗୋଟିଏ ହେଲେ ଟଙ୍କା ବଳୁନଥିଲା। ତେଣୁ ତା' ପକ୍ଷେ ଘରଟିଏ ତିଆରି କରିବା ସମ୍ଭବପର ନଥିଲା। ପ୍ରଶାସନକୁ ବହୁବାର ଅନୁରୋଧ କରିଥିଲେ ମଧ୍ୟ ତାକୁ ଘର ଖଣ୍ଡ ମିଳିପାରିନାହିଁ। ଧୀରେ ଧୀରେ ପିଲାମାନେ ବଡ଼ ହେବାରୁ ପରିବାରର ଖର୍ଚ୍ଚ ବଢ଼ିବାରେ ଲାଗିଲା। ପିଲାମାନଙ୍କୁ ପ୍ରତିପୋଷଣ କରିବା ଦିନକୁ ଦିନ ଟୁକୁନା ପାଇଁ ବୋଝ ହେବାରେ ଲାଗିଲା।

ଶିଳ୍ପନଗରରେ ଏତେ ସଂଖ୍ୟାରେ କଳକାରଖାନା ସ୍ଥାପନ କରାଯାଇଥିଲେ ସୁଦ୍ଧା ସ୍ଥାନୀୟ ଗରିବ, ଶ୍ରମିକମାନଙ୍କୁ ଏହାର କୌଣସି ପ୍ରକାର ଉପକାରିତା ମିଳିପାରିଲା ନାହିଁ। ଏଠାରେ ସ୍ଥାନୀୟ ବାସିନ୍ଦାମାନଙ୍କୁ ଅଗ୍ରାଧିକାର ନ ଦିଆଯାଇ ଜିଲ୍ଲା ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ନିଯୁକ୍ତି ମିଳୁଛି। କଳିଙ୍ଗନଗରରେ ଯାହାର ଯେତେ ସମ୍ଭବ ରାଜନୈତିକ ସମ୍ପର୍କଥିବ ସେ ସେହି ଅନୁସାରେ ଲାଭବାନ ହୋଇପାରିବ। ମାତ୍ର ଏଠାରେ ଗରିବଟିଏ ଆହୁରି ଗରିବ ପଛେ ହୋଇଚାଲିବ କିନ୍ତୁ ତା ଦୁଃଖ ବୁଝିବା ପାଇଁ କେହି ନାହାଁନ୍ତି। ଏହିପରି ଏକ ଶିକାର ହେଉଛି ଗୋଲାଗାଁର ଟୁକୁନା ପାତ୍ର। ଏଠାରେ ପ୍ରତ୍ୟେକ ଦିନ ମଜୁରୀ ନମିଳିବାରୁ ପରିବାର ମୁହଁରେ ଭଲରେ ଟିକେ ଖାଦ୍ୟ ଯୋଗାଡ଼ କରିପାରିଲା ନାହିଁ। ଶେଷରେ ବାଧହୋଇ ତିନୋଟି ଝିଅ ଓ ଗୋଟିଏ ୪ ବର୍ଷର ଛୁଆକୁ ସ୍ତ୍ରୀ ହାତରେ ଛାଡ଼ି ସୁଦୂର ଚେନ୍ନାଇ ଦାଦନ ଖଟିବାକୁ ଚାଲିଯାଇଛି। ଝୁମ୍ପୁରି ପାହାଡ଼ ତଳେ ଏକୁଟିଆ ପାଲ ଛପର ଓ ପାଲରେ ଆବଦ୍ଧ କାନ୍ଥ ଥିବା ଘରେ ଚାରୋଟି ଛୁଆଙ୍କୁ ଧରି କେତେ ଯେ କଷ୍ଟରେ ଜୀବନ ଅତିବାହିତ କରୁଛି ତାହା କେବଳ ମା' ରୀନା ପାତ୍ର ହିଁ ଜାଣିଛି।

ଟୁକୁନାର ପରିବାର ୬ ଜଣ ସଦସ୍ୟଙ୍କ ମଧ୍ୟରୁ ପୁଅକୁ ଛାଡି ବାକି ୫ ଜଣଙ୍କ ରାସନ କାର୍ଡ ଥିବାବେଳେ ପ୍ରଶାସନ ପକ୍ଷରୁ ଏହା ବ୍ୟତୀତ ଅନ୍ୟ କୌଣସି ସରକାରୀ ସୁବିଧା ସୁଯୋଗ ପାଇପାରିନାହିଁ। ଏ ନେଇ ରୀନା କୁହନ୍ତି, ଘର ପାଖରେ ଏତେ କଳକାରଖାନା ଥାଇ ମଧ୍ୟ କାମ ନମିଳିବାରୁ ସ୍ୱାମୀ ବାଧହୋଇ ଘର ସଂସାର ଛାଡି ଚେନ୍ନାଇ ଚାଲିଯାଇଛନ୍ତି। ସେଠାରୁ ଯାହାକିଛି ଟଙ୍କା ପଠାଉଛନ୍ତି ସେତିକିରେ ଚାରୋଟି ଛୁଆଙ୍କୁ ପାଳିବା କଷ୍ଟ ହେଉଛି। ସେଥିରୁ ବଳିଲେ ସିନା ଘର କରିବା କଥା ଚିନ୍ତାକରିବୁ। ପ୍ରଶାସିକ ଏଥିପ୍ରତି ଦୃଷ୍ଟି ଦେଇ ବଣଜଙ୍ଗଲରେ ପାଲ କୁଡିଆରେ ରହିଥିବା ଅସହାୟ ପରିବାରକୁ ତୁରନ୍ତ ଘରଟିଏ ପ୍ରଦାନ କରାଇଲେ ଗରିବ ପରିବାରଟି ରହିବା ପାଇଁ ଆଶ୍ରା ପାଇଯାଆନ୍ତା।

## ରାସ୍ତାରେ ପାଣି ଜମି ଯାତାୟାତରେ ସମସ୍ୟା



ରଗଡ଼ି,୨୧।୭ (ସମିସ): କୋରେଇ ବ୍ଲକ ଅସନଝର ପଞ୍ଚାୟତରେ ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ ରାସ୍ତାରେ ସର୍ବଦା ପାଣି ଜମି ରହୁଛି। ଲଗାଣ ବର୍ଷା ହେଲେ ଅବସ୍ଥା ଆହୁରି ଖରାପ୍। ତିନିଫୁଟରୁ ଊର୍ଦ୍ଧ୍ୱ ପାଣି ଜମିରହେ। ଯାହା ଫଳରେ ଯାତାୟାତରେ ଏହା ଘୋର ସମସ୍ୟା ସୃଷ୍ଟି କରେ। ଏହା ଦୀର୍ଘ ଦିନର ସମସ୍ୟା ହୋଇଥିଲେ ମଧ୍ୟ ଏଥି ପ୍ରତି କେହି ନଜର ଦେଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଗ୍ରାମବାସୀ ଅଧିକ ସମସ୍ୟା ଭୋଗୁଛନ୍ତି। ଅସନଝର ପଞ୍ଚାୟତ ବଛିପୁର ଗ୍ରାମରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ପୂର୍ବକୋଟ-ଖଜୁରୀ ନାଳୁଆ ରାସ୍ତା ବଛିପୁର ଗ୍ରାମଦେଇ ଅତିକ୍ରମ କରିଛି। ନିର୍ମାଣରେ ତ୍ରୁଟି, ଖାଲୁଆ ଜାଗା ଓ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ୫୦ଫୁଟ ରାସ୍ତାରେ ସର୍ବଦା ପାଣି ଜମି ରହୁଛି। ଏହା ଯେ କେବଳ ଯାତାୟାତରେ ସମସ୍ୟା ସୃଷ୍ଟି କରିଛି ତା' ନୁହେଁ; ପାଣି ଜମି ରହିବା ଓ ଏଥିରେ ଅଳିଆ ଆବର୍ଜନା ମିଶି ପଚିବା ଫଳରେ ଏଥିରୁ ଦୁର୍ଗନ୍ଧ ବାହାରି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ପୋକଜୋକ ମଧ୍ୟ ଏଥିରେ ରହି ଭୟ ସୃଷ୍ଟି କରିଛନ୍ତି। ଡ୍ରେନେଜ ବ୍ୟବସ୍ଥା ଓ ଖାଲୁଆ ରହିଥିବା ରାସ୍ତାର ମରାମତି କରାଯାଇ ପାଣି ନିଷ୍କାସନ ପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଯାଜପୁର,୨୧।୭ (ସମିସ): ଚଳିତ ବର୍ଷ ୭୯ତମ ଯାଜପୁର ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶୋକ କୁମାର ବେହୁରିଆ, ଯାଜପୁର ପୌର ପରିଷଦ ଅଧକ୍ଷା ରଞ୍ଜୁଲତା ହୋତା ଯୋଗଦେଇ ଆଲୋଚନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଜିଲ୍ଲା ସଦର ମହକୁମା ସ୍ଥିତ ପ୍ରଶାସନିକ ଭବନ ପଡ଼ିଆରେ ଚଳିତ ବର୍ଷ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରାଯିବ। ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷରୁ ରାମଧୁନ ପରିବେଷଣ, ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ, ପ୍ରାଥମିକ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଚିତ୍ରାଙ୍କନ ଓ ମାଧ୍ୟମିକ, ଉଚ୍ଚବିଦ୍ୟାଳୟ ସ୍ତରରେ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ସେହିପରି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ସ୍ୱାଧୀନତା ଦିବସ ପ୍ୟାରେଡ଼ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେଥିପାଇଁ ଅଗଷ୍ଟ ୧୦ ତାରିଖରେ ସାଂସ୍କୃତିକ ଦଳ ଚୟନ ନିମନ୍ତେ ପ୍ରତିଯୋଗିତା ଓ ଓପନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅଭ୍ୟାସ ପ୍ୟାରେଡ଼ ୧୧, ୧୨, ୧୩ ତାରିଖରେ ହେବ। ସ୍ୱାଧୀନତା ଦିବସ ଉପଲକ୍ଷେ ସକାଳ ୫.୩୦ ମିନିଟ ଠାରୁ ୬.୩୦ ମିନିଟ ପର୍ଯ୍ୟନ୍ତ ସଦର ମହକୁମା ଓ ବ୍ଲକ ସ୍ତରରେ ପ୍ରଭାତ ଫେରୀ ଆୟୋଜନ ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ନିରୀକ୍ଷକ ଟାଉନ ଥାନା ଶରତ ଚନ୍ଦ୍ର ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସମେତ ବୁଦ୍ଧିଜୀବୀ, ଆଇନଜୀବୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଗଣ ମାଧ୍ୟମ ପ୍ରତିନିଧ ବୃନ୍ଦ ଉପସ୍ଥିତ ଥିଲେ।




## ଜାରକା ଇନରହୁଇଲ କ୍ଲବର ଅଭିଷେକ ଉତ୍ସବ

ଧର୍ମଶାଳା,୨୧।୭ (ସମିସ): ଧର୍ମଶାଳା ଷ୍ଟାଡିଅମ ପରିସରରେ ଜାରକା ଇନରହୁଇଲ କ୍ଲବର ଅଭିଷେକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ଉଦ୍‌ଘାଟକ ଭାବେ ଯୋଗଦେଇ କ୍ଲବର ଲୋଗୋକୁ ଉନ୍ମୋଚନ କରିଥିଲେ। ଇନରହୁଇଲ କ୍ଲବର ପୂର୍ବତନ ସଭାପତି ମିନତୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ସଭାପତି ରଶ୍ମିତା ନାୟକ ଅଧକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ରୋଟାରି ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଇନରହୁଇଲ କ୍ଲବ ଅଧକ୍ଷା ମଧୁସ୍ମିତା ତ୍ରିପାଠୀ, ସହାୟକ ଗଭର୍ଣ୍ଣର ସୁବାସ ଚନ୍ଦ୍ର ମହାପାତ୍ର ଓ ଜୋନାଲ ଅଧକ୍ଷ ସୁଦିପ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ସଭାପତି ରଶ୍ମିତା ନାୟକ ନବ ନିର୍ବାଚିତ ସଭାପତି ଲୋପାମୁଦ୍ରା ଷେଣ୍ଡ଼ ଓ ସମ୍ପାଦକ ପ୍ରଭାତ ନଳିନୀ ସାହୁଙ୍କୁ ଚଳିତବର୍ଷ ନିମନ୍ତେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଉତ୍ସବର ପ୍ରାରମ୍ଭରେ ପୂର୍ବତନ ସଭାପତି ମାଧୁରୀ ଶତପଥୀ ବେଦ ପାଠ କରିଥିଲେ। ପୂର୍ବତନ ସମ୍ପାଦକ ବିଶ୍ୱାମିତ୍ରା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅର୍ଚ୍ଚନା ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ନିମନ୍ତ୍ରିତ ଅତିଥିଭାବେ ଧର୍ମଶାଳା ବିଡିଓ ଜୋତିର୍ମୟ କର, ଭୁବନେଶ୍ୱରର ଏସିପି ଅମିତାଭ ମହାପାତ୍ର, ଡା. ସୁଧୀର କୁମାର ସାହୁ, ଧର୍ମଶାଳା ମହାବିଦ୍ୟାଳୟର ଅଧକ୍ଷ ସ୍ୱରୂପାନନ୍ଦ ପଣ୍ଡା ଯୋଗ ଦେଇଥିଲେ। ଏତଦବ୍ୟତୀତ ଭୁବନେଶ୍ୱର, କଟକ, ଯାଜପୁର ଟାଉନ, ବିରଜାକ୍ଷେତ୍ର, ବ୍ୟାସନଗର, କଳିଙ୍ଗ ନଗର, କେନ୍ଦୁଝର, ଭଦ୍ରକ, ବ୍ରହ୍ମପୁର ଆଦି କ୍ଲବର କର୍ମକର୍ତ୍ତାଙ୍କ ସମେତ ଆମ ଆଶ୍ରମ, ଅସହାୟର ବନ୍ଧୁ, ଅଂଶୁମାନ ମେମୋରିଆଲ ଟ୍ରଷ୍ଟ, ବରିଷ୍ଠ ନାଗରିକ ମଞ୍ଚର ପ୍ରମୁଖ ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବାହ୍ନରେ କ୍ଲବ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ଓ ଫିଜିଓଥେରାପି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ଯାଜପୁର ଜିଲ୍ଲାର ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଶତପଥୀ ଯୋଗଦେଇ ଉଦଘାଟନ କରିଥିଲେ। ପୂର୍ବତନ ସଭାପତି ଶୁଭଲକ୍ଷ୍ମୀ କର ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷତ୍ରିୟ ଖଣ୍ଡାୟତ ସମାବେଶ ୨୭ରେ

ସିଂହପୁର,୨୧।୭ (ସମିସ): କ୍ଷତ୍ରିୟ ଖଣ୍ଡାୟତ ଗରିମା ଓ ଐକ୍ୟତା ରକ୍ଷା ନିମନ୍ତେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ସାଇ ମଣ୍ଡପ ପରିସରରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆଲୋକ ବଳିଆର ସିଂହଙ୍କ ଆବାହକରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଧର ଜେନା, କୃଷ୍ଣଚନ୍ଦ୍ର ଥଟୋଇ, ସୁଶାନ୍ତ କୁମାର ନାୟକ, ପ୍ରଦୀପ କୁମାର ଜେନା, ଚନ୍ଦ୍ରଶେଖର ନାୟକ, ସୁବାସ ଚନ୍ଦ୍ର ପ୍ରଧାନ, ମଳୟ କୁମାର ଥାଟୋଇ, ଭରତ ଚନ୍ଦ୍ର ନାୟକ, ରାମନାରାୟଣ ବଳିଆରସିଂହ, ଅନଙ୍ଗ ଉଦୟ ବେଉରିଆ, କୈଳାସ ସାମଲ, ରାଜୀବ ଲୋଚନ ବେଉରିଆ, ଉତ୍କଳ କୁମାର ନାୟକ, ଅମରେନ୍ଦ୍ର ଜେନା, ଜ୍ଞାନେନ୍ଦ୍ର ବେଉରିଆ, ନିର୍ମଳ ଜେନା, ଦୀନବନ୍ଧୁ ଥାଟୋଇଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କ୍ଷତ୍ରିୟ ବ୍ୟକ୍ତି ଯୋଗ ଦେଇଥିଲେ। ଆଗମୀ ୨୭ ତାରିଖ ସିଂହପୁରରେ ଏକ ବଡ଼ଧରଣର ବୈଠକ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସମାରୋହରେ ପାଳନ କରାଯିବ ସେ ସଂପର୍କରେ ଆଲୋଚନା କରଯାଇଥିଲା।

## କାମରେ ଲାଗୁନି କଲ୍ୟାଣ ମଣ୍ଡପ ଓ ମାର୍କେଟ କମ୍ପ୍ଲେକ୍ସ



ରଗଡ଼ି,୨୧।୭ (ସମିସ): କୋରେଇ ବ୍ଲକ ପଛିକୋଟ ପଞ୍ଚାୟତ ମା' କାମୁଡ଼େଇ କଲ୍ୟାଣ ମଣ୍ଡପ ଓ ମାର୍କେଟ କମ୍ପ୍ଲେକ୍ସ କାମରେ ଲାଗୁନି। ଯାହା ଦ୍ୱାରା ପଞ୍ଚାୟତ ଆୟ ବୃଦ୍ଧିରେ ଏହା ସହାୟକ ହୋଇପାରୁନି। ୨୦୧୬ ମସିହାରେ ୩୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କୋରେଇର ତତ୍କାଳୀନ ବିଧାୟକ ଆକାଶ ଦାସ ନାୟକଙ୍କ ଦ୍ୱାରା ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ତେବେ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଏହାର ଆନୁଷଙ୍ଗିକ ପାନୀୟଜଳ, ବିଦ୍ୟୁତ କରଣ, ରୋଷେଇ ଶାଳା ଓ ପାଚେରୀ ବ୍ୟବସ୍ଥା ନଥିବାରୁ ଏହା କାମରେ ଲାଗି ପାରୁନାହିଁ। ଏସବୁ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଭାବେ ପଞ୍ଚାୟତ ପକ୍ଷରୁ ଦିଆଯାଇଛି। ବର୍ତ୍ତମାନର ବିଧାୟକଙ୍କ ଦ୍ୱାରା କାର୍ଯ୍ୟର ଶୁଭାରମ୍ଭ କରାଯାଇଥିବା ବେଳେ ବାକି ରହିଥିବା କାର୍ଯ୍ୟ ପ୍ରତି ସେ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ହାତୀବାରିରେ ଅଗ୍ନିକାଣ୍ଡ

ହାତୀବାରି,୨୧।୭ (ସମିସ): ହାତୀବାରି ଗ୍ରାମ ମହାଦେବ ସାହିର ପ୍ରଦୀପ ପ୍ରଧାନ (ଅଲ୍ଲା)ଙ୍କ ଘରେ ଅଗ୍ନିକାଣ୍ଡ ଘଟି ଘରର ସବୁ ଆସବାବପତ୍ର ପୋଡ଼ିଯାଇଛି। ପ୍ରଦୀପ ଖିରାବେଳେ ଶୋଇଥିବା ସମୟରେ ହଠାତ ଲାଇନ୍ କଟିଯିବାରୁ ଗରମ ସହ୍ୟ ନ କରିପାରି ପଦାକୁ ଚାଲିଯାଇଥିଲେ। କିଛି ସମୟ ପରେ ଲାଇନ୍ ଆସି କେଉଁଠାରୁ ସର୍ଟ୍‌ସର୍କିଟ ହୋଇ ଘର ପୋଡ଼ିଯାଉଥିଲା। ତାଙ୍କ ସ୍ତ୍ରୀ ଘର କବାଟ ଖୋଲିଲା ବେଳକୁ ଘର ଭିତରେ ସବୁ ଜଳୁଥିବା ଦେଖି ଜୋରରେ ଡାକ ଛାଡିଲା ପରେ ଲୋକମାନେ ଅଗ୍ନିଶମ ବିଭାଗକୁ ଫୋନ କରିବା ପରେ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲିଭିଲା ବେଳକୁ ପ୍ରାୟତଃ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ ହୋଇ ଯାଇଥିଲା। ପ୍ରଦୀପଙ୍କ କିଡ୍‌ନୀ ଖରାପ ହୋଇ ଡାଇଲାସିସ୍ ଚାଲୁଥିବା ସମୟରେ ଏ ବିପଦ ପରିବାରକୁ ଦୁଃଖ ମଧ୍ୟକୁ ଠେଲି ଦେଇଛି। ପ୍ରଶାସନ ସହଯୋଗ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅଖିଳ ଚକ୍ର ପକ୍ଷରୁ ଆଲୋଚନାଚକ୍ର

ପ୍ରୀତିପୁର,୨୧।୭ (ସମିସ): ଅଖିଳଚକ୍ର ପକ୍ଷରୁ ଏକ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଖିଳଚକ୍ରର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆମ ଦେଶର ଆଇନ୍, ସାମ୍ବିଧାନିକ ବ୍ୟବସ୍ଥା ଶାସକ, ପ୍ରଶାସକ ଓ ଆଇନ ମଧ୍ୟରେ ଥିବା ବ୍ୟତିକ୍ରମ ସଂପର୍କରେ ଏଥିରେ ଆଲୋଚନା କରାଯାଇଥିଲା। ଏଥିରେ ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ, ସୁବାସ ଚନ୍ଦ୍ର ସାହାଣୀ, ପଣ୍ଡିତ ମହେଶ୍ୱର ନନ୍ଦ, ସାମ୍ବାଦିକ ଅଜୟ କୁମାର ଦାସ, ଗୌରାଙ୍ଗ ସ୍ୱାଇଁ, ମୀନାକ୍ଷୀ ଦ୍ୱିବେଦୀ, ଶରତ କୁମାର ନାୟକ, ସନ୍ତୋଷ ବେହୁରିଆ, କବି ଧନେଶ୍ୱର ରାଉତ, ଶିକ୍ଷା ମହାପାତ୍ର, ଡ. ଶ୍ରୀହରି ଧଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରବୀନ୍ଦ୍ର କୁମାର ପରିଡା ଧନ୍ୟବାଦ ଦେଇଥିଲେ।

## ଦୁର୍ଗାପୂଜା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

କାଳିଆପାଣି,୨୧।୭ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖଣିଅଞ୍ଚଳରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ବଡ଼ ଧୁମ୍‌ଧାମରେ ଦୁର୍ଗାପୂଜା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୌରିକ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ପ୍ରଥମ ପ୍ରସ୍ତୁତି ବୈଠକ ଆଜି କଲରଙ୍ଗିଅତା ଦୁର୍ଗା ପୂଜା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ କିପରି ଯାକଜମକରେ ହେବ ସେ ବିଷୟରେ ପ୍ରତ୍ୟେକ ପଦପଦବୀରେ ଥିବା ବ୍ୟକ୍ତି ତାଙ୍କର ମତାମତ ଦେଇଥିଲେ। ଆଜିର ଏହି ବୈଠକରେ ସୌରିକ ସାର୍ବଜନୀନ ଦୁର୍ଗାପୂଜା କମିଟିର ଭରତ ଚନ୍ଦ୍ର ମହାନ୍ତ, ପ୍ରଭାତ ରଞ୍ଜନ ପ୍ରଧାନ, ଅଜୟ କୁମାର ନାୟକ, ବୈକୁଣ୍ଠ ମହାନ୍ତ, ବିଶ୍ୱଜିତ ମହାନ୍ତି, ଆଶିଷ କୁମାର ଜେନା, ନରେନ୍ଦ୍ର ଦାସ, ଦଶରଥ ମହାନ୍ତ, ମାନସ ରଞ୍ଜନ ଭଞ୍ଜ, ମୋତିଲାଲ ମହାନ୍ତ, ସମ୍ରାଟ ସାମଲ, ଜଗବନ୍ଧୁ ମହାନ୍ତ, ବିଭୂତି ପ୍ରଧାନ ଏବଂ ଜିଲ୍ଲା ପରିଷଦ ସଭ୍ୟା ଜେମା ଚାଖି, ରାଁସୋଳ ସରପଞ୍ଚ କନକଲତା ସର୍ଦ୍ଦାର, କାଳିଆପାଣି ସରପଞ୍ଚ ବିକାଶ କୁମାର ପାତ୍ର, ଚିଙ୍ଗୁଡ଼ିପାଳ ସରପଞ୍ଚ ଅଞ୍ଜଳି ଦେହୁରୀ, କଂସ ସରପଞ୍ଚ ରାଜାରାଣୀ ଦେହୁରୀ, କାଙ୍କଡ଼ପାଳ ସରପଞ୍ଚ ସଞ୍ଜୟ ପରିଡ଼ା ଓ ସମସ୍ତ ଯାତ୍ରା କମିଟି, ପୂଜା କମିଟି, ମୀନାବଜାର କମିଟି ସଦସ୍ୟ ଉପସ୍ଥିତ ରହି ପୂଜା ଆଲୋଚନା କରିଥିଲେ।

## ପୁସ୍ତକରୁ ପାଇକ୍ ବିଦ୍ରୋହ ବାଦ ପଡ଼ିବାକୁ ପ୍ରତିବାଦ

ପ୍ରୀତିପୁର,୨୧।୭ (ସମିସ): ଇତିହାସ ପୁସ୍ତକରେ ପୂର୍ବରୁ ସ୍ଥାନ ପାଇଥିବା ଓଡ଼ିଶାର ପାଇକ୍ ବିଦ୍ରୋହ ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ବାଦ୍ ଦେବା ଘଟଣାକୁ ପ୍ରତିବାଦ କରିଛି ଅଖିଳଚକ୍ର ସାରସ୍ୱତ ସଂଗଠନ। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅଧୀନସ୍ଥ ସଂସ୍ଥା ଏନସିଇଆରଟି ପକ୍ଷରୁ ଏବେ ସେ ବିଷୟକୁ ବାଦ୍ ଦିଆଯାଇଥିବାରୁ ଅନୁଷ୍ଠାନର ଉପସଭାପତି ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ, ଡ. ଶ୍ରୀହରି ଧଳ, ସହ ସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ସହସଂପାଦକ ରବୀନ୍ଦ୍ର କୁମାର ପରିଡା, ଅଭୟ କୁମାର ଖୁଣ୍ଟିଆ, ଅଟଳବିହାରୀ ନାୟକ, ସୂର୍ଯ୍ୟମଣୀ ବିଶ୍ୱାଳ ପ୍ରମୁଖ ଏହାର ପ୍ରତିବାଦ କରି କେନ୍ଦ୍ର ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ସମ୍ପାଦକ ହରେକୃଷ୍ଣ ପଣ୍ଡା କେନ୍ଦ୍ର ସରକାର ଏହାର ପୁନର୍ବିଚାର ପାଇଁ ଦାବି ଜଣାଇଛନ୍ତି। କେନ୍ଦ୍ର ସରକାର ଓ କେନ୍ଦ୍ରର ଶିକ୍ଷା ବିଭାଗ ଓଡିଶାର ସ୍ୱାଧୀନତା ସଂଗ୍ରାମର ଇତିହାସକୁ ଯଥା ମାନ୍ୟତା ଦେବାକୁ ଶ୍ରୀ ପଣ୍ଡା ଦାବି ଜଣାଇଛନ୍ତି।

## ଶ୍ରୀବନ୍ତ ସରକାରୀ ସ୍କୁଲରେ ବୃକ୍ଷରୋପଣ

ସିଂହପୁର,୨୧।୭ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁରରେ ବନମହୋତ୍ସବ ସପ୍ତାହ ପ୍ରଧାନଶିକ୍ଷକ ସତ୍ୟବ୍ରତ ମିଶ୍ରଙ୍କ ତତ୍ତ୍ୱାବଧାନରେ ତଥା ଇକୋ କ୍ଲବର ଇନଚାର୍ଜ ନଳିନୀପ୍ରଭା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଇତ୍ୟବସରରେ ବିଦ୍ୟାଳୟର ଇକୋ କ୍ଲବର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣଜ୍ଞାନ, ଚିତ୍ରକଳା, ତର୍କ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀମାନଙ୍କୁ ଇକୋ କ୍ଲବ ପକ୍ଷରୁ ପୁରସ୍କାର ସ୍ୱରୂପ ଗଛର ଚାରା ପ୍ରଦାନ କରାଯାଇଥିଲା। ମା'ପାଇଁ ଗଛଟିଏ' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ମଧ ଅନୁଷ୍ଠିତ ହୋଇଥିଲା।

## ଆମ ବ୍ୟାଙ୍କ ସେବା ବ୍ୟବସ୍ଥା ବନ୍ଦ

ରଗଡ଼ି,୨୧।୭ (ସମିସ): ଗ୍ରାମାଞ୍ଚଳ ଲୋକଙ୍କୁ ହାତ ପାଆନ୍ତାରେ ବ୍ୟାଙ୍କ ସେବା ଯୋଗାଇ ଦେବାପାଇଁ ପୂର୍ବ ବିଜେଡି ସରକାର ଯେଉଁ ସବୁ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ନାହିଁ ସେଠାରେ ଆମ ବ୍ୟାଙ୍କ ସେବା (ସିପିଏସ୍ ପ୍ଲସ) ଆଉଟ ଲେଟ ନାମରେ ଲୋକଙ୍କୁ ବ୍ୟାଙ୍କ ସୁବିଧା ଦେବାର ବ୍ୟବସ୍ଥା କରିଥିଲେ। ଏଥିପାଇଁ ସ୍ୱତନ୍ତ୍ରଭାବେ ବ୍ୟାଙ୍କ ଗୃହ ନିର୍ମାଣ ନିମନ୍ତେ ୫୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ୫ଟି ଜାତୀୟ କରଣ ବ୍ୟାଙ୍କ ଏହି ସେବା ଯୋଗାଇ ଦେବା ପାଇଁ ସରକାରଙ୍କ ସହ ଚୁକ୍ତି ହୋଇଥିଲା। ଏହି ଭିତ୍ତିରେ କୋରେଇ ବ୍ଲକରେ ୧୦ରୁ ଊର୍ଦ୍ଧ୍ୱ ମୋ ବ୍ୟାଙ୍କ ସେବା ବ୍ୟବସ୍ଥା ଚୂଡ଼ାନ୍ତ ହୋଇ ୨୮ ନଭେମ୍ବର ୨୦୨୩ ଫେବୃୟାରୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମାଧ୍ୟମରେ ଏହାର ଲୋକାର୍ପଣ କରିଥିଲେ। ତେବେ ଏ ସବୁ ବ୍ୟବସ୍ଥା ଏବେ ବନ୍ଦ। ପଛିକୋଟ ପଞ୍ଚାୟତରେ ୟୁନିଅନ ବ୍ୟାଙ୍କ୍‌କୁ ଏହି ସେବା ଯୋଗାଇ ଦେବାକୁ ଦାୟିତ୍ୱ ଦିଆଯାଇଥିଲା। ପ୍ରାୟ ଦୁଇମାସ ବ୍ୟାଙ୍କ ସେବା ଚାଲିବା ପରେ ଏଠାରେ ନିଯୁକ୍ତି ପାଇଥିବା କର୍ମଚାରୀ ଆଉ ଆସିଲେନାହିଁ। ଯାହା ଫଳରେ ବ୍ୟାଙ୍କ ଘରେ ଏବେ ତାଲା ଝୁଲୁଛି। କେଉଁଠି ଗୃହ ନିର୍ମାଣ ଶେଷ ହୋଇଥଲେ ମଧ କର୍ମଚାରୀ ନିଯୁକ୍ତି ପାଇ ନଥିବା ବେଳେ କେଉଁଠି ଗୃହ ନିର୍ମାଣ ଚାଲିଛି ତ ଆଉ କେଉଁଠି କର୍ମଚାରୀ ନିଯୁକ୍ତି ପରେ ଆଉ ଆସୁନାହାନ୍ତି। ଯାହା ଫଳରେ ତତ୍କାଳୀନ ସରକାରଙ୍କ ମହତାକାଂକ୍ଷୀ ଯୋଜନା ଲୋକଙ୍କ ସେବାରେ ଲାଗି ପାରୁନାହିଁ। ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଯୁବମୋର୍ଚ୍ଚା ସଭାପତିଙ୍କ ବିରୋଧରେ ଥାନାରେ ଏତଲା

ବିଞ୍ଝାରପୁର,୨୧।୭ (ସମିସ): ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା କଂଗ୍ରେସ ଦଳକୁ ବଳାତ୍କାରୀ ଦଳ କହିବା ଓ ଲୋକସଭାର ବିରୋଧିଦଳର ନେତା ରାହୁଲ ଗାନ୍ଧୀଙ୍କୁ ଦେଶଦ୍ରୋହୀ କହିଥିଲେ। କଂଗ୍ରେସ ଦଳ ଓ ଲୋକସଭାର ବିରୋଧିଦଳର ନେତାଙ୍କୁ ବିଜେପି ଯୁବମୋର୍ଚ୍ଚା ସଭାପତିଙ୍କ ଦାୟିତ୍ୱହିନ କଟୁ ମନ୍ତବ୍ୟକୁ ବିରୋଧ କରି ସୋମବାର ଅପରାହ୍ନରେ ଏଆଇସିସି ସଭ୍ୟ ପଦ୍ମାକର ଗୁରୁ ବିଞ୍ଝାରପୁର ଥାନାରେ ଏକ ଏତଲା ଦେଇଛନ୍ତି। ଏହି ଏତଲା ଦେବା ସମୟରେ ବିଞ୍ଝାରପୁର କଂଗ୍ରେସ ଦଳର ଛାମୁଆ ନେତା ସରୋଜ ନାୟକ, ବିଜୟ ଦାସ, ପ୍ରକାଶ ଦାସ, ଶେଖ୍ ଆବୁ ଆକାର ଖାନ୍, ପୂର୍ଣ୍ଣଚନ୍ଦ୍ର ଜେନା, ମିଥୁନ ମଲ୍ଲିକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଧର୍ମଶାଳାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

# ୧୫୬ଟି ଅଭିଯୋଗର ତତ୍କାଳ ଫଇସଲା

ଧର୍ମଶାଳା,୨୧।୭ (ସମିସ)




ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୨୧୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୯ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୫୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୫୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ମଣ୍ଡଳ ଉନ୍ନୟନ ଅଧିକାରୀ, ଧର୍ମଶାଳା ଜ୍ୟୋତିର୍ମୟ କର, ଭାରପ୍ରାପ୍ତ ତହସିଲଦାର, ଧର୍ମଶାଳା ଭବେଷ ମାଝୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ନାବାଳିକା ଅପହରଣ ଅଭିଯୋଗ; ୨ ଗିରଫ

**ପାଣିକୋଇଲି/ବ୍ରହ୍ମବରଦା, ୨୧।୭ (ସମିସ):** ଭିନ୍ନ ଭିନ୍ନ ଦୁଇଟି ନାବାଳିକା ଅପହରଣ ଘଟଣାରେ ପୁଲିସ୍ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ବିଦ୍ୟାଧର ମଳିକଙ୍କ ଅଭିଯୋଗ ମୁତାବକ ତାଙ୍କ ନାବାଳିକା ଝିଅ ହାରା (ଛଦ୍ମନାମ) ଗତ ଅଗଷ୍ଟ ୫ ତାରିଖରୁ ନିଖୋଜ ଥିଲା। ଏନେଇ ସେ ଥାନାରେ ଅଭିଯୋଗ ମଧ କରିଥିଲେ। ୧୭ ତାରିଖ ସକାଳୁ ତାଙ୍କ ଝିଅକୁ ପାଣିକୋଇଲିରେ ଛାଡି ଅଭିଯୁକ୍ତ ଓ ତା' ପରିବାର ଫେରାର ହୋଇଯାଇଥିଲେ। ହାରା ଘରେ ଯାଇ କହିବା ଅନୁସାରେ କେନ୍ଦୁଝର ଜିଲ୍ଲା ଯୋଶୋ ଥାନା ଅନ୍ତର୍ଗତ ତେଙ୍କାଇଁଗମ ଗ୍ରାମର ଶରତ ପାତ୍ରଙ୍କ ପୁଅ ଦିନେଶ ପାତ୍ର(୨୫) ତାଙ୍କ ଗ୍ରାମପାଖ ଭକ୍ତଶରା ଗ୍ରାମର ବନ୍ଧୁବାନ୍ଧବଙ୍କ ସହାୟତାରେ ତାକୁ ଅପହରଣ କରିନେଇଥିଲା। ପରେ ତା' ସହିତ ଇଚ୍ଛା ବିରୁଦ୍ଧରେ ଶାରୀରିକ ସମ୍ପର୍କ ସ୍ଥାପନା କରିଥିଲା। ୧୦ ଦିନ ସମ୍ପର୍କ ରଖିବା ପରେ ପରେ ତାକୁ ନେଇ ତାମିଲନାଡୁ ଚାଲିଯାଇଥିଲା। ସେଠାରେ ଉଭୟ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ପରେ ହାରା ବିବାହ କରିବାକୁ କହିଥିଲା। ମାତ୍ର ଦିନେଶ ତାକୁ ମାଡ଼ ଗାଳି ଦେଇ ପରିବାର ସହ ଆସି ପାଣିକୋଇଲିରେ ଛାଡ଼ି ଚାଲିଯାଇଥିଲା। ଏନେଇ ବିଦ୍ୟାଧର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୨୨୪/୨୫ ରୁଜୁ କରି ତଦନ୍ତ କରି ଦିନେଶକୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଆଜି ଦିନେଶକୁ ଅଦାଲତ ଚାଲାଣ କରିଛି।

ସେହିପରି ବ୍ରହ୍ମବରଦା ଥାନା ଅନ୍ତର୍ଗତ ଅର୍ଥଙ୍ଗା ପଞ୍ଚାୟତ ଅଞ୍ଚଳରୁ ଜଣେ ନାବାଳିକାକୁ ଅପହରଣ କରି ନେବା ଘଟଣାରେ ଜଣେ ଯୁବକକୁ ପୁଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଯୁବକ ଜଣକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମର ମଙ୍ଗୁଳି ମଳିକଙ୍କ ପୁଅ ପ୍ରଭୁ ମଳିକ (୧୯) ବୋଲି ଜଣାପଡ଼ିଛି। ପୁଲିସ ତାକୁ ଜଗତସିଂହପୁର ଜିଲ୍ଲା ବାଲିକୁଦାର ବାଲିସାହି ଅଞ୍ଚଳରୁ ଗିରଫ କରିଥିବା ବେଳେ ନାବାଳିକାକୁ ଉଦ୍ଧାର କରି ସୁଧାର ଗୃହରେ ଛାଡି ଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ ବ୍ରହ୍ମବରଦା ଥାନା ଅର୍ଥଙ୍ଗା ପଞ୍ଚାୟତ ଅଞ୍ଚଳରୁ ଜଣେ ନାବାଳିକା ଝିଅକୁ ଘରେ ପଶି ଜୋର ଜବରଦସ୍ତ ବାଲିସାହି ଗ୍ରାମର ପ୍ରଭୁ ୧୮ ତାରିଖ ଦିନ ତାକୁ ଉଠାଇ ନେଇ ଯାଇଥିଲା। ଏନେଇ ନାବାଳିକାର ଭାଇ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବ୍ରହ୍ମବରଦା ପୁଲିସ ଘଟଣାର ତଦନ୍ତ ଚଳାଇଥିଲା। ପୁଲିସ କୌଣସି ସୂତ୍ରରୁ ଖବର ପାଇ ବାଲିକୁଦା ବାଲିସାହି ଅଞ୍ଚଳରୁ ପ୍ରଭୁକୁ ଗିରଫ କରିବା ସହ ନାବାଳିକାକୁ ଉଦ୍ଧାର କରିଥିଲା। ପୁଲିସ ନାବାଳିକାକୁ ଆଜି ସୁଧାର ଗୃହରେ ଛାଡି ଦେଇଥିବା ବେଳେ ପ୍ରଭୁକୁ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

# ବିବାହ ପରେ ନାବାଳିକା ଉଦ୍ଧାର

**କଏଁଗୋଲା, ୨୧।୭ (ସମିସ):** ମଙ୍ଗଳପୁର ଥାନା ଜାଫରପୁର ଅଞ୍ଚଳରେ ହୋଇଥିବା ନାବାଳିକା ବିବାହ ଘଟଣାରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସକ୍ରିୟ ଜାଫରପୁରସ୍ଥିତ ବାପଘରୁ ଉଦ୍ଧାର କରି ଯାଜପୁର ସହରସ୍ଥିତ ସଖୀ କେନ୍ଦ୍ରରେ ଥଇଥାନ କରିଛି। ମଙ୍ଗଳପୁର ଥାନା ଜାଫରପୁର ଅଞ୍ଚଳର ଜନୈକା ୧୪ ବର୍ଷୀୟା ନାବାଳିକାକୁ ପରିବାର ଲୋକେ ଗତ ୧୮ ତାରିଖରେ ବାଲେଶ୍ୱର ଅଞ୍ଚଳରେ ଥିବା ଏକ ମନ୍ଦିରରେ ବିବାହ କରାଇଥିଲେ। ବିବାହ ପରେ ନାବାଳିକା ଜାଫରପୁରସ୍ଥିତ ବାପ ଘରେ ରହୁଥିବା ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆଜି ଜିଲ୍ଲା ଚାଇଲ୍ଡ ଲାଇନ କାର୍ଯ୍ୟକର୍ତ୍ତା, ସିଡିପିଓ ସାବିତ୍ରୀ ସେଠୀ, ମଙ୍ଗଳପୁର ଥାନା ପୁଲିସ ଅଧିକାରୀ ସଂଯୁକ୍ତା ପଣ୍ଡା ନାବାଳିକାର ବାପଘରେ ଚଢ଼ଉ କରି ନାବାଳିକାକୁ ସେଠାରୁ ଉଦ୍ଧାର କରିବା ପରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରିଥିଲେ। କମିଟି ଅଧ୍ୟକ୍ଷ ରେବତୀ କେଶୋନା ଜେନା ଏବଂ ସଦସ୍ୟା ତୃପ୍ତି ଜେନାଙ୍କ ବହୁ କାଉନସେଲିଂ



ପରେ ବାପା ମାଆ ବିବାହ ଘଟଣାକୁ ମାନିଯିବା ପରେ ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶ ଅନୁଯାୟୀ ନାବାଳିକାକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଅସ୍ଥାୟୀ ରହଣି କେନ୍ଦ୍ର ସଖୀରେ ଥଇଥାନ କରାଯାଇଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଠାରୁ ସୂଚନା ମିଳିଛି।

### ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ପ୍ରୀତିରଞ୍ଜନ

# 'ମାନପୁର ଓଭର ବ୍ରିଜ୍ କାମ ଶୀଘ୍ର ଶେଷ କର'

**ଦାନଗଦି, ୨୧।୭ (ସମିସ):** ମାନପୁର ଓଭରବ୍ରିଜ୍ କାମ ଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ପୂର୍ବତନ ମନ୍ତ୍ରୀ ଡ଼. ପ୍ରୀତିରଞ୍ଜନ ଘଡ଼ାଇ। ଯାଜପୁର ଜିଲ୍ଲା ସୁକିନ୍ଦା କ୍ରୋମାଇଟ ଖଣି ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳ ସହିତ ବ୍ୟାସନଗର ମ୍ୟୁନିସିପାଲିଟି, ଜିଲ୍ଲା ମୁଖ୍ୟାଳୟ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମୁଖ୍ୟାଳୟ ସହିତ ସଂଯୋଗ କରୁଛି ଦୁବୁରୀ-ଚୋରଦା ରାସ୍ତା। ଏହି ରାସ୍ତାରେ ଥିବା ମାନପୁର ରେଲୱେ ଓଭରବ୍ରିଜ୍ର ମରାମତି ଅଭାବରୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ଖମା ସବୁ ସୃଷ୍ଟି ହୋଇଛି। ଫଳରେ ଏହା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ବିପଦର କାରଣ ସାଜିଛି। ତୁରନ୍ତ ମରାମତି କରା ନ ଗଲେ କୌଣସି ମୁହୂର୍ତ୍ତରେ ଏହି ବ୍ରିଜ ଭୁଶୁଡି ପଡ଼ିବାର ଆଶଙ୍କା ଅଛି। ଏହି ରାସ୍ତା ଉପରେ ଦୈନନ୍ଦିନ ହଜାର ହଜାର ଟ୍ରକ୍, ବସ୍, ଟ୍ରେଲର, ମାଲବାହି ଗାଡ଼ି, ଆମ୍ବୁଲାନ୍ସ, ଯାତ୍ରୀବାହି ବସ୍, ସ୍କୁଲ ବସ୍ ଏବଂ କମ୍ପାନୀ ଷ୍ଟାଫ୍ ବସ୍ ପ୍ରଭୃତି ଯିବାଆସିବା କରୁଛି। ଫଳରେ ଓଭରବ୍ରିଜ କାମ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଥିରେ ସୁଧାର ଆଣିବା ପାଇଁ ୨୦୧୯ -୨୦ ମସିହାରେ ଅନ୍ୟ ଏକ ଦ୍ୱିତୀୟ ଓଭର ବ୍ରିଜ କାମ ଆରମ୍ଭ କରାଯାଇଥିଲା। ଯାହାକି ଏବେ ଅଧାରେ ଅଟକି ରହିଛି। ଏଣୁ ମାନପୁର ଓଭରବ୍ରିଜ୍ର ମରାମତି କାମ ଓ ଦ୍ୱିତୀୟ ଓଭରବ୍ରିଜ ଏବଂ ରେଲୱେ ଓଭର ବ୍ରିଜ୍ କାମ ତୁରନ୍ତ ଆରମ୍ଭ କରିବାକୁ ଡ଼. ଘଡ଼ାଇ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଦାବି କରିଛନ୍ତି। ଏହା ସହ କାମ ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟିକ ଭାରୀଯାନ ଗାଡିଗୁଡ଼ିକୁ ଖୁଣ୍ଟରି - ବିଆରପିଏଲ୍ ଛକ ଠାରୁ ଦାନଗଦି ଭାୟା ରାବଣା ଛକ ଦେଇ ଯାତାୟାତ କରିବାକୁ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ସେ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

# ସମବାୟ ସମିତିରେ ସ୍ପେଶାଲ ଅଡିଟ୍ ଦାବି

**ମଙ୍ଗଳପୁର/କଏଁଗୋଲା, ୨୧।୭ (ସମିସ):** କୃଷି ଓ କୃଷକର ଉନ୍ନତି ପାଇଁ ସରକାର ସମବାୟ ସମିତି ମାଧ୍ୟମରେ କୃଷକ ମାନଙ୍କୁ ସହଜ ଓ ବିନା ସୁଧରେ ଋଣ ଯୋଗେଇ ଦେବାର ବ୍ୟବସ୍ଥା କରିଥିବା ବେଳେ କେତେକ ସମବାୟ ସମିତିରେ ସଭାପତି ଓ ସମ୍ପାଦକଙ୍କ ମଧୁଚନ୍ଦ୍ରିକାରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏମିତି ଏକ ଅଭିଯୋଗ ଆସିଛି ଦଶରଥପୁର ବ୍ଲକ କମାରଡ଼ିହି ପାକ୍ସ ନାଁରେ। ଏହି ପାକ୍ସରେ ବର୍ତ୍ତମାନ କାର୍ଯ୍ୟରତ ସମ୍ପାଦକ ଏଠାରେ ଦୀର୍ଘଦିନ ଧରି ରହି କାର୍ଯ୍ୟ କରିଆସୁଥିବା ବେଳେ ଯେତେବେଳେ ଯିଏ ସଭାପତି ପଦରେ ରହିଥାନ୍ତି ତାଙ୍କୁ ହାତବାରିଶ କରି ଋଣ ଜାଲିଆତି ଠାରୁ ଆରମ୍ଭ କରି ବେଆଇନ ଭାବେ ଋଣ ଟଙ୍କା ଉଠାଣ, ଧାନ ମଣ୍ଡିରେ ହେରାଫେରୀ, ଇନ୍ସୁରାନ୍ସ ଟଙ୍କାରେ ହେରାଫେରୀ, ଅଖା ଟଙ୍କା ହେରାଫେରୀ ସହ ବିଭିନ୍ନ ସମୟରେ ଚାଷୀ ମାନଙ୍କ ଠାରୁ ବେଆଇନ ଭାବେ ଟଙ୍କା ଆଦାୟ କରୁଥିବା ନେଇ ୭ ନମ୍ବର ଜୋନର ପୂର୍ବତନ ମଣ୍ଡଳ ସଭାପତି ଶଶଧର ବେହୁରିଆ ଅଭିଯୋଗ କରିଛନ୍ତି। ପୂର୍ବରୁ ଚାଷୀ ମାନଙ୍କର ରିନୁଆଲ ନାଁରେ ଅର୍ଥ ହେରଫେର କରାଯାଇଥିବା ନେଇ ଅଭିଯୋଗ କରିବା ସହ ବେଆଇନ ଭାବେ କମ ଜମି ପଟା ଦେଇଥିବା ଚାଷୀଙ୍କୁ ଅଧିକ ଋଣ ଓ ଅଧିକ ଜମି ଦେଇଥିବା ଚାଷୀ ମାନଙ୍କୁ କମ ଋଣ ଦିଆଯାଇଥିବା ନେଇ ଅଭିଯୋଗ କରିବା ସହ ସମବାୟ ସମିତିର ସମ୍ପାଦକଙ୍କ ଏଭଳି ମନମୁଖୀ କାର୍ଯ୍ୟ ପାଇଁ କମାରଡ଼ିହି ପାକ୍ସରେ। ହୋଇଥିବା ଅନିୟମିତତା ବିରୋଧରେ ଏକ ସ୍ପେଶାଲ ଅଡିଟ କରାଯିବା ସହ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଯାଜପୁର ଜିଲ୍ଲପାଳ, ସମବାୟ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

# ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ

**ଧର୍ମଶାଳା, ୨୧।୭ (ସମିସ):** ଧର୍ମଶାଳାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗରିବ ଓ ଅବହେଳିତ ପରିବାରକୁ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ଆଜି ଧର୍ମଶାଳା ବ୍ଲକ କୁମାରୀ ଅଞ୍ଚଳରେ ଏକ ଗରିବ ପରିବାରକୁ ଅର୍ଥରାଶି ସହାୟତା ପ୍ରଦାନ କରାଯାଇଛି। ସୂଚନା ମୁତାବକ କୁମାରୀ ଗ୍ରାମରେ ରହୁଥିବା କ୍ଷେତ୍ରବାସୀ ସାହୁ ଜଣେ ଗରିବ ଲୋକ ହୋଇଥିବା ବେଳେ ତାଙ୍କର ନାତୁଣୀ (ଝିଅର ଝିଅ) ଏକୋଇସା ଲାଗି ଅର୍ଥ ଆବଶ୍ୟକ ରହିଥିବାରୁ ଖବର ପାଇ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟର ସଦସ୍ୟମାନେ ତାଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।



# ବଜରଙ୍ଗ ଦଳର ସେବା ସପ୍ତାହ



**ଧର୍ମଶାଳା, ୨୧।୭ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଧର୍ମଶାଳା ପ୍ରଖଣ୍ଡ ଓ ଭୂମିକା ଚକ୍ଷୁ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ଏକ ମାଗଣା ମୋତିଆ ବିନ୍ଦୁ ରୋଗୀ ଚିହ୍ନଟ ଶିବିର ଆୟୋଜନ କାଏମା କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପାଖାଆଖ ଅଞ୍ଚଳର ୫୩ରୁ ଊର୍ଦ୍ଧ୍ୱ ରୋଗୀ ନାମ ପଞ୍ଜୀକରଣ କରିଥିବା ବେଳେ ସେଥି ମଧ୍ୟରୁ ୨୦ଜଣ ରୋଗୀଙ୍କ ମୋତିଆ ବିନ୍ଦୁ ହୋଇ ଥିବା ଜଣା ପଡ଼ିଥିଲା। ସେମାନଙ୍କ ମଧ୍ୟରୁ ୧୨ ଜଣ ରୋଗୀଙ୍କୁ ଅସ୍ତ୍ରୋପଚାର କରା ଯିବା ନିମନ୍ତେ ନିକଟସ୍ଥ ହସ୍ପିଟାଲ୍କୁ ନିଆ ଯାଇଥିଛି। ଏହି ସେବା କାର୍ଯ୍ୟରେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ ରାଜକିଶୋର ମଲିକ, ସଭାପତି ସମିର ନାୟକ, କୋଷାଧକ୍ଷ ଯଶବନ୍ତ ଦାସ, ଜିଲ୍ଲାର ବଳଉପାସକ କ୍ରିତି ରଞ୍ଜନ ରାଉତ, ଧର୍ମଶାଳା ବିଶ୍ୱହିନ୍ଦୁ ପରିଷଦର ସଭାପତି ବିବେକାନନ୍ଦ ଜେନା, ବଜରଙ୍ଗ ଦଳ ଧର୍ମଶାଳାର ସଂଯୋଗ ଲକ୍ଷ୍ମଣ ସେଠୀ, ସୁରକ୍ଷା ପ୍ରମୁଖ ଜ୍ଞାନରଞ୍ଜନ ମହାନ୍ତି, ବଜରଙ୍ଗ ଦଳର ସଦସ୍ୟ ଶିଶିର ମାହାଣା, ସୁମନ୍ତ ଦାସ, ଚିନ୍ମୟ ବେହେରା, ଚିନ୍ମୟ ଦାସ, ରମେଶ ଦାସ, ଅଶୋକ ବରାଳ, ନିକୁଞ୍ଜ ବେହେରା ଓ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପଲ୍ଲୀରତ୍ନଙ୍କ ଜୟନ୍ତୀରେ ଆଲୋଚନାଚକ୍ର ଓ ଜ୍ଞାନପରୀକ୍ଷା



**ଦଶରଥପୁର, ୨୧।୭ (ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ବାଲିଗଣ୍ଡ (କୁଆଁରପୁର) ଗ୍ରାମର ବିଶିଷ୍ଟ ସମାଜସେବୀ, ପ୍ରକୃତିବନ୍ଧୁ ପଲ୍ଲୀରତ୍ନ ପଣ୍ଡିତ ବଂଶୀଧର ପଣ୍ଡାଙ୍କ ଜୟନ୍ତୀ ଯାଜପୁର ସହରର ନରଣପୁର ସ୍ଥିତ ସାଂସ୍କୃତିକ ସଂଗଠନ 'ସବୁଜ ସ୍ୱପ୍ନ' ଓ ଶୈକ୍ଷିକ ସଂଗଠନ 'ବିଦ୍ୟାବିହାର' ଆନୁକୂଲ୍ୟରେ ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ଅମିୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଶିକ୍ଷାବିତ୍ ତଥା ପରିବେଶବିତ୍ ରବିପ୍ରସାଦ ସାମଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ବଂଶୀଧର ପଣ୍ଡାଙ୍କ ପଲ୍ଲୀ, ପରିବେଶ, ପୁସ୍ତକ, ସଂସ୍କୃତି ସେବା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ରୂପେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସଂସ୍କୃତି ବିଶାରଦ ବିଶ୍ୱମ୍ଭର ମିଶ୍ର ଯୋଗଦେଇ ଗ୍ରାମ୍ୟ ଗବେଷକ ତଥା ଲେଖକ ସ୍ୱର୍ଗତ ପଣ୍ଡାଙ୍କ ଜୀବାନଦର୍ଶ ବିଷୟରେ ବିଷଦ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ପରିଚାଳକ ତଥା ପରିବେଶବିତ୍ ତଥା ଶିକ୍ଷାବିତ ଡ. ଅକ୍ଷୟ କୁମାର ପଣ୍ଡାଙ୍କ ମାର୍ଗଦର୍ଶନରେ ଉଚ୍ଚବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିକଶିତ ଓଡ଼ିଶା ଓ ଭାରତ, ଜାତୀୟ ସଂହତି, ପରିବେଶର ବିକାଶ ଏବଂ ଭାରତୀୟ ସଂସ୍କୃତି ବିଷୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ପରେ ସେମାନଙ୍କର ଜ୍ଞାନ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୦ଜଣ କୃତି ଛାତ୍ରଛାତ୍ରୀଙ୍କୁ ମଞ୍ଚାସିନ ଅତିଥିବୃନ୍ଦ ପୁଷ୍ପଗୁଚ୍ଛ ପ୍ରମାଣପତ୍ରି ଓ ପୁରସ୍କାର ବିତରଣ କରିଥିଲେ। ଶିକ୍ଷୟିତ୍ରୀ ରେଖାରାଣୀ ମଲ୍ଲିକ ଓ ସୁପ୍ରଭା ସାହୁ ପ୍ରତିଯୋଗିତା ପରିଚାଳନାରେ କରିଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଗୌତମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିରଜା କ୍ଷେତ୍ରରୁ ଶ୍ରୀକ୍ଷେତ୍ର

# ମା'ମହାଲକ୍ଷ୍ମୀଙ୍କ ମନ୍ଦିର ପାଇଁ ଭିକ୍ଷା



ପାଣିକୋଇଲି, ୨୧।୭ (ସମିସ): ପାଣିକୋଇଲି ଅଳତିରିସ୍ଥିତ ମା' ମହାଲକ୍ଷ୍ମୀ ପୀଠରେ ଶ୍ରାବଣମାସର ପ୍ରଥମ ସୋମବାର ଅବସରରେ ଏକ ସନ୍ଥ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଦେବଦତ୍ତ ରାୟ ଓ ଗାୟତ୍ରୀ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାବା ଉଦୟନାଥ ପର୍ବତ, ଆନନ୍ଦ ରାଜ, ହରିଓଁ ବାବା, ବଂଶୀ ବାବା, କାହ୍ନା ବାବା, ବ୍ରଜବାବା, ନାଗବତା ବାବାଙ୍କ ନେତୃତ୍ୱରେ ୨୫ ମୂର୍ତ୍ତି ସାଧୁସନ୍ଥ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଇତ୍ୟବସରରେ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ ମଧ କରାଯାଇଥିଲା। ଆଗାମୀ ଦିନରେ କିପରି ମା' ଲକ୍ଷ୍ମୀଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯିବ ସେ ନେଇ ସମସ୍ତଙ୍କ ମତାମତ ସହ ଆଲୋଚନା କରାଯାଇଥିଲା। ଏହି ଅବସରରେ ଏକ ନୂଆ କଥା ଦେଖିବାକୁ ମିଳିଥିଲା। ସାଧୁସନ୍ଥ ଭିକ୍ଷା ଗ୍ରହଣ କରିବା ପରିବର୍ତ୍ତେ ସେମାନେ ମନ୍ଦିର ନିର୍ମାଣ ପାଇଁ ନିଜର ସମର୍ଥ ଅନୁଯାୟୀ ଭିକ୍ଷା ପ୍ରଦାନ କରିଥିଲେ। କର୍ତ୍ତା ଓ କର୍ତ୍ତି ମନ୍ଦିର ନିର୍ମାଣ ନିମନ୍ତେ ଭିକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ଆଜି ବିରଜା କ୍ଷେତ୍ରରୁ ଶ୍ରୀକ୍ଷେତ୍ର ମନ୍ଦିର ନିର୍ମାଣ ପାଇଁ ଭିକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ଦେବଦତ୍ତ ରାୟଙ୍କ ଦ୍ୱାରା ସାଧୁସ୍ଥଙ୍କ ସହଯୋଗରେ ଚାଲି ଚାଲି ସମସ୍ତଙ୍କ ଠାରୁ ଭିକ୍ଷା କାର୍ଯ୍ୟ ଚାଲୁରହିଛି। ଏହି କାର୍ଯ୍ୟ ଶ୍ରୀକ୍ଷେତ୍ର ବଡଦାଣ୍ଡ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି।।

# ନିଖୋଜ ମହିଳାଙ୍କ କଙ୍କାଳ ଉଦ୍ଧାର

**କୁଆଖିଆ, ୨୧।୭ (ସମିସ):** ଗତ କିଛି ମାସ ତଳୁ ନିଖୋଜ ହୋଇଯାଇଥିବା ମହିଳାଙ୍କ କଙ୍କାଳ ଉଦ୍ଧାର ପରେ ପରିବାର ଲୋକେ ଚିହ୍ନଟ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ କୁଆଖିଆ ଥାନା ଅନ୍ତର୍ଗତ ବଡ଼କଇଁଚି ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମର କିଛି ଚାଷୀ ଆମ୍ବ ବଗିଚାରେ କାର୍ଯ୍ୟ କରୁଥିବା ବେଳେ ଏକ କାଜୁ ବଣ ଭିତରେ ଜଣେ ମହିଳାଙ୍କ ଶାଢ଼ି ଝୁଲୁଥିବା ଦେଖିବାକୁ ପାଇଥିଲେ। ଗଛ ନିକଟକୁ ଯାଇ ଦେଖିବା ପରେ ସେଠାରେ ଥିବା କାଜୁ ଗଛ ଡାଳରେ ଏକ ଲାଲ୍ ରଙ୍ଗର ଶାଢ଼ି ବନ୍ଧା ହୋଇ ତଳକୁ ଲମ୍ବିଥିବା ବେଳେ ଗଛ ତଳେ କୌଣସି ମହିଳାଙ୍କ ମୁଣ୍ଡ ଖପୁରୀ, ହାତ, ଗୋଡ଼ର ହାଡ, ମହିଳାଙ୍କ କେଶ ଓ କେଶ ବନ୍ଧା ନୀଳ ରଙ୍ଗର ବ୍ୟାଣ୍ଡ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରଟି ପ୍ରଚାର ହେବା ପରେ ନିକଟ ଗନ୍ଧଣ ଗ୍ରାମର ଆଶିଷ କୁମାର ସ୍ୱାଇଁ ଖବର ଶୁଣି ଘଟଣାସ୍ଥଳରେ ପହଞ୍ଚି ମୃତ ମହିଳା ପିନ୍ଧା ଲୁଗାରୁ ନିଜ ମାଆ ବୋଲି ଜାଣିବାକୁ ପାଇଥିଲେ। ମୃତ ମହିଳା ଗନ୍ଧଣ ଗ୍ରାମର ମଞ୍ଜୁଲତା ସ୍ୱାଇଁ (୫୦)। ଗତ ଦେଢ଼ମାସ ତଳେ ଘରୁ ନିଖୋଜ ଥିଲେ। ଏ ନେଇ ପୁଅ ଆଶିଷ ସ୍ୱାଇଁ ଗତମାସ ୨୦ ତାରିଖରେ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଜଣାଯାଏ ଯେ ମୃତ ମଞ୍ଜୁ ଏକ ବର୍ଷ ତଳେ ସାନ ପୁଅକୁ ହରାଇ ମସ୍ତିଷ୍କ ବିକୃତି ଦେଖା ଦେବା ଫଳରେ ଅନେକ ସମୟରେ ମନ୍ଦିର, ରାସ୍ତା କଡରେ ଲୋକଙ୍କୁ ଗାଳି କରୁଥିଲା। ତେବେ କେଉଁ ପରିସ୍ଥିତିରେ ମହିଳା ଜଣକ ଏକ ଘଞ୍ଚ ବଣ ଭିତରକୁ ଆସିଲା ତାହା ତଦନ୍ତ ସାପେକ୍ଷ। ବଡପୁଅ ଆଶିଷ ସ୍ୱାଇଁ କୁଆଖିଆ ଥାନାରେ ଅଭିଯୋଗ କଲାପରେ ଘଟଣାସ୍ଥଳରେ କୁଆଖିଆ ପୁଲିସ ପହଞ୍ଚି ଅନୁସନ୍ଧାନ ଜାରି ରଖିଛି।

# ଗର୍ଭବତୀଙ୍କ ଠାରୁ ସାଇବର ଠକେଇ ଅଭିଯୋଗ

**ବ୍ରହ୍ମବରଦା, ୨୧।୭ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ବ୍ରହ୍ମବରଦା ପଞ୍ଚାୟତର ଦୁଇଜଣ ଗର୍ଭବତୀଙ୍କ ଠାରୁ ମମତା ଯୋଜନା ନାମରେ ସାଇବର ଠକେଇ ହୋଇଥିବାର ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ବ୍ରହ୍ମବରଦାର ପଠାନମହାଲାର ଦୁଇ ମହିଳାଙ୍କ ପାଖକୁ କଲ ଆସିଥିଲା। ଭୁବନେଶ୍ୱର ବିଭାଗୀୟ କାର୍ଯ୍ୟାଳୟରୁ ଅବିନାଶ ନାମକ ଏକ ବ୍ୟକ୍ତି ନିଜକୁ ଏକ ଅଧିକାରୀର ପରିଚୟ ଦେଇ ହିତାଧିକାରୀଙ୍କୁ କଲ୍ କରିଥିଲେ। ଏହି ସମୟରେ ଉକ୍ତ ଅଞ୍ଚଳର ଆଶାକର୍ମୀଙ୍କୁ କନଫରେନ୍ସ କଲ କରି ସମସ୍ତ ତଥ୍ୟ ପଚାରିଥିଲେ। ପରେ ମମତା ଯୋଜନାର ଟଙ୍କା ପାଇବାକୁ ହେଲେ ଏକ ଲିଙ୍କ୍ ପଠାଇବେ ସେଥିଲେ କ୍ଲିକ କରିଲେ ନିଜର ଲାଭାଂଶ ଟଙ୍କା ମିଳିବ ବୋଲି କହି ଦୁଇଜଣ ହିତାଧିକାରୀଙ୍କୁ ଠକିଥିଲେ। ତେଣୁ ବ୍ରହ୍ମବରଦା ପଠାନ ମହାଲା ଏହି ଦୁଇ ହିତାଧିକାରୀଙ୍କ ଠାରୁ ୧୦ ହଜାର ଓ ୫ ହଜାର କରି ମୋଟ ଦୁଇଜଣଙ୍କ ଠାରୁ୧୫ ହଜାର ଲୁଟି ନେଇଥିଲେ। ଏହି ଘଟଣାକୁ ନେଇ ଜଣେ ହିତାଧିକାରୀ ବ୍ରହ୍ମବରଦା ପୁଲିସ ଥାନାରେ ଅଭିଯୋଗ କରିଥିବା ଆଉ ଜଣେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ମିଳୁନଥିବାର ଆଜି ସମାଜସେବୀ ମଣ୍ଟୁଦାସ ଯାଜପୁର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗର ଗୁରୁତ୍ୱକୁ ଲକ୍ଷ୍ୟ କରି ଜିଲ୍ଲାପାଳ ପି. ଅନ୍ୱେଷା ରେଡୀ ଯାଜପୁର ଏସ୍‌ପି ଓ ସିଡିଏମଓଙ୍କୁ ତଦନ୍ତ ତଥା ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

# ମଦ୍ୟପ ଚାଳକ ଉଦ୍ଧାର

କଏଁଗୋଲା, ୨୧।୭ (ସମିସ): ମଙ୍ଗଳପୁର ଥାନା ଏସଆଇ ବିଭୁତି ମହାପାତ୍ର ପାଟ୍ରୋଲିଂ ସମୟରେ ଜଣେ ମଦ୍ୟପଙ୍କୁ ରାସ୍ତାରୁ ଉଦ୍ଧାର କରିଛନ୍ତି। ଗତକାଲି ଆରଡ଼ିକୁ ଯାଉଥିବା ବୋଲବମ୍ ଭକ୍ତଙ୍କୁ ସୁରକ୍ଷା ଦେବାକୁ ପୁଲିସ୍ କଏଁଗୋଲା ଛକ ଠାରୁ ମଙ୍ଗଳପୁର ବଉଳାଙ୍ଗ ପର୍ଯ୍ୟନ୍ତ ରାତି ସମୟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ମଦ୍ୟ ପାନ କରି ଧନୀପୁର ଛକରେ ପଡ଼ିଥିବା ଉକ୍ତ ଯୁବକକୁ ପୁଲିସ୍ ଉଦ୍ଧାର କରି ମେଡିକାଲ ଭର୍ତ୍ତି କରିଥିଲେ। ଏହି ଯୁବକ ମନସିପାଟଣା ଅଞ୍ଚଳର ବୋଲି ସୂଚନା ମିଳିଛି।

# ନଦୀରେ ବୁଡ଼ି ବୃଦ୍ଧ ମୃତ

**କୁଆଖିଆ, ୨୧।୭ (ସମିସ):** କୁଆଖିଆ ଥାନା ଅନ୍ତର୍ଗତ କଇଁଚି ଶାସନ ଗ୍ରାମର ଜଣେ ବୃଦ୍ଧ ନଦୀକୁ ଶୌଚ ହେବାକୁ ଯାଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଏହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମଳିକ (୮୫) ନାମକ ବୃଦ୍ଧ ଆଜି ସକାଳେ ଛିଣ୍ଡା ଖରସ୍ରୋତା ନଦୀକୁ ଶୌଚ ହେବାକୁ ଯାଇଥିଲେ। ଅସାବଧାନତା ଯୋଗୁଁ ଗୋଡ଼ ଖସି ଯିବାରୁ ନଦୀ ଭିତରେ ପଡ଼ି ଯାଇ ପ୍ରାଣ ହରାଇଥିଲେ। ସକାଳ ୧୦ଟା ସମୟରେ ସ୍ଥାନୀୟ ଲୋକମାନେ ଦେଖି ମୃତକଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ବୃଦ୍ଧଙ୍କୁ ଉଦ୍ଧାର କରି ସ୍ଥାନୀୟ ମଧୁବନ ମେଡ଼ିକାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ କୁଆଖିଆ ଥାନାରେ ଅଭିଯୋଗ ଦେବା ପରେ ପୁଲିସ ଶବ ଜବତ୍ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# କଳିଙ୍ଗ ଭାରତୀ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

**ଯାଜପୁର, ୨୧।୭ (ସମିସ)**



ଯାଜପୁର ସହରସ୍ଥିତ ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ୧୮ତମ କଳିଙ୍ଗ ଭାରତୀ ଲୋକକଳା ମହୋତ୍ସବ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। କଳିଙ୍ଗ ଭାରତୀ ଫୋକ୍ ଡ୍ୟାନ୍ସ ଏବଂ ମ୍ୟୁଜିକ୍ ସେଣ୍ଟର ଯାଜପୁରଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବକୁ ଯାଜପୁର ଜିଲ୍ଲା ଭୂଲେଖ ଓ ବନ୍ଦୋବସ୍ତ, ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଯୁଣଭଦ୍ରା ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଦାମୋଦର ବେହେରା ସଭା ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ସୁବାସ ଚନ୍ଦ୍ର ପାଣି ମଞ୍ଚାସୀନ ଅତିଥିମାନଙ୍କୁ ସ୍ୱାଗତ ଓ ସମାଜସେବୀ ହୃଷିକେଶ ପତି ପରିଚୟ ପ୍ରଦାନ କରିଥିଲେ। ସଭାପତି ହରିହର ସ୍ୱାଇଁଙ୍କ ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ଡ. କୈଳାସ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତାଭାବେ ବିରଜାରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ପ୍ରାଚୀନ ଲୋକକଳା କିପରି ଆମର ସମାଜ ଓ ଜନଜୀବନକୁ ପ୍ରଭାବିତ କରିବାସହିତ ଆମର ସଂସ୍କୃତି ଲୋକ ପରମ୍ପରା ଓ ସାମାଜିକ ରୀତିନୀତି, ପର୍ବପର୍ବାଣୀର ଜ୍ୱଳନ୍ତ ଉଦାହରଣ ଥିଲା ତାହା ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥିଭାବେ ଦାନଗଦୀ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ, ଲୋକକଳା ଗବେଷକ ସୁବାସ ଚନ୍ଦ୍ର ମଲ୍ଲିକ, ଆଦର୍ଶ ଶିକ୍ଷାବିତ୍ ବଟକୃଷ୍ଣ ସ୍ୱାଇଁ ଯୋଗଦେଇ ଲୋକକଳା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ବିଧାନସଭାର ଉପସଚିବ ତଥା ଆକାଶବାଣୀର କଳାକାର ଅନିରୁଦ୍ଧ ପାଣି, ନୃତ୍ୟାଙ୍ଗନା ସୌମ୍ୟା ପତି, ନୃତ୍ୟାଙ୍ଗନା ସ୍ନେହାଶିନୀ ନାୟକ, ନୃତ୍ୟଶିଳ୍ପୀ ସାଇ ସନ୍ତୋଷିନୀ ଜେନା, ସଙ୍ଗୀତ ନିର୍ଦ୍ଦେଶକ ବିପିନ ବିହାରୀ ସ୍ୱାଇଁ, ଗାୟକଭୂଷଣ ଜଗବନ୍ଧୁ ଓଝା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗବନ୍ଧୁ ଓଝା ଓ ସାଥୀମାନେ ପାଲା ପରିବେଷଣ କରିଥିଲେ। ଦେବେଶ୍ୱର କଲଚରାଲ ଏକାଡେମୀ, କଳିଙ୍ଗ ଭାରତୀ ଫୋକ ଡ୍ୟାନ୍ସ ଏଣ୍ଡ ରିସର୍ଚ୍ଚ ସେଣ୍ଟର, ନାଟରାଜ ଗ୍ରୁପ, ବୀଣାପାଣି କଳାନିକେତନ ଭଳି ବିଭିନ୍ନ ଜିଲ୍ଲା ଓ ବ୍ଲକରୁ ଆସିଥିବା କଳା ଓ ସଙ୍ଗୀତ ଅନୁଷ୍ଠାନ ତରଫରୁ ସଙ୍ଗୀତ, ନୃତ୍ୟ ଓ କଣ୍ଠ ସଙ୍ଗୀତ ପ୍ରଦର୍ଶନ କରାଯାଇଥିଲା। ସମସ୍ତ କଳାକାରମାନଙ୍କୁ ପ୍ରମାଣପତ୍ର ଏବଂ ଅନୁଷ୍ଠାନଗୁଡ଼ିକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ମଧୁସୂଦନ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ ମହୋତ୍ସବ ସପ୍ତାହ ପାଳନ

**ମଇଁଦା, ୨୧।୭ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରପଦା ପଞ୍ଚାୟତ ଅଧୀନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ତଳବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଜ୍ଞାନ ଶିକ୍ଷକ ବ୍ରହ୍ମାନନ୍ଦ ବାରିକଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଶିଶିର କୁମାର ନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନାଦି ଚରଣ ସାମଲ, ଯୋଗଦାନ କରିଥିଲେ। ବୃକ୍ଷ ହିଁ ଜୀବନ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଜ୍ଞାନ ଓ ପ୍ରକୃତି କ୍ଲବ ତରଫରୁ ବିଦ୍ୟାଳୟ ପରିସର ଓ ତଳବନ୍ଧ ରାସ୍ତା କଡ଼ରେ ୩୦୦ ଚାରାରୋପଣ କକରାଯାଇଥିଲା। ବିଦ୍ୟାଳୟ ତରଫରୁ ଦେବାଶିଷ ରଣା, ସତ୍ୟରଞ୍ଜନ ସାହୁ, ଆଶ୍ରିତ ସାହୁ, ନଟବର ତ୍ରିପାଠୀ, ଶେଷଦେବ ଯକ୍ଷ କାମଦେଓ, ନାରାୟଣ ପାତ୍ର, ନରନାରାୟଣ ନାୟକ, ମଧୁସ୍ମିତା ସେଠୀ, ଚାରୁବାଳା ପାଢ଼ୀ, ପୂର୍ବା ଭଦ୍ର, ଶତାବ୍ଦୀ ତନୟା ଦାସ, ଶୁକଦେବ ମୁଣ୍ଡା, ବିଦ୍ୟାସାଗର ବେହେରା, ବିନ୍ଦୁବିନୋଦିନୀ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସନ୍ଦୀପ କୁମାର ଦାସ, ସମାଜସେବୀ ପରେଶ କୁମାର ନାୟକ, ଜୁନିୟର ରେଡକ୍ରସ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ଆଦି ସହଯୋଗ କରିଥିଲେ।

# ସମ୍ପାଦକୀୟ



କାହାରି ଅନିଷ୍ଟ ନ କରି, କାହାରିକୁ ପୀଡ଼ା ନ ଦେଇ ସ୍ୱଚ୍ଛନ୍ଦ ଜୀବନଯାପନର କଳାକୁ ଆୟତ୍ତ କରିବା ଆଜିର ଲକ୍ଷ୍ୟ ହେବା ଉଚିତ।

-ମା' ରମାଦେବୀ

ସକାଳ
THE SAKALA

## ଟ୍ରମ୍ପଙ୍କ କୂଟକପଟ

ପହଲଗାମରେ ଆତଙ୍କବାଦୀଙ୍କ ନୃଶଂସତା ଓ ବର୍ବରତାର ଉତ୍ତର ଭାରତ 'ଅପରେସନ ସିନ୍ଦୂର' ମାଧ୍ୟମରେ ଦେଇଛି। ଏହି ସୀମିତ ଯୁଦ୍ଧର ଗତି ଓ ପ୍ରକୃତିକୁ ଅନୁଧ୍ୟାନ କଲେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଭାରତ ଏକାସାଙ୍ଗରେ ପାକିସ୍ତାନ, ଚୀନ ଓ ତୁର୍କୀର ମୁକାବିଲା କରିଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା, ପାକିସ୍ତାନର ଆତଙ୍କୀ ସଂଗଠନକୁ ନିଶ୍ଚିହ୍ନ କରିବା। ତେଣୁ ରଣନୀତି ସେହି ଅନୁଯାୟୀ ପ୍ରସ୍ତୁତ ହୋଇଥିଲା। ଯେଉଁ ରାଷ୍ଟ୍ର ନିଜ ସାମରିକ ରଣକୌଶଳର ଏକ ଅଙ୍ଗ ରୂପେ ଆତଙ୍କବାଦୀ ସଂଗଠନକୁ ସ୍ୱୀକୃତି ଦେଇ ଛାୟାଯୁଦ୍ଧ ଜାରି ରଖିଛି ସେ କ'ଣ ନିର୍ବିରୋଧରେ ଭାରତର ଏହି ଯୋଜନାକୁ ସାକାର କରିବା ସକାଶେ ବାଟ ଛାଡ଼ିଦେବ? ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ ଥାଇ ଯେଉଁ ରାଷ୍ଟ୍ର ପାକିସ୍ତାନକୁ ସହଯୋଗର ହାତ ବଢ଼ାଇଲେ ଧରିନେବାକୁ ହେବ ଯେ ସେମାନେ ଆତଙ୍କବାଦୀ କାର୍ଯ୍ୟକଳାପକୁ ସମର୍ଥନ କରୁଛନ୍ତି। ମେ' ମାସର ଏହି ଘଟଣା ଉପୁଜିବାର ଦୁଇମାସ ପରେ ଯେତେବେଳେ ଟିଆରଏଫଙ୍କୁ ଆମେରିକା ଓ ପରେ ପରେ ଚୀନ ମଧ୍ୟ ଆତଙ୍କବାଦୀ ସଂଗଠନ ଘୋଷଣା କରି ପହଲଗାମ ଘଟଣାର ନିନ୍ଦା କରୁଛନ୍ତି ସେତେବେଳେ ଧରିନେବାକୁ ହେବ ଯେ ବିଶ୍ୱ କୂଟନୀତିରେ ଯେଉଁ ଓଲଟା ଫେରି ଚାଲିଛି ତାହାର ଏହା ପରିଣାମ।

ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବାଦୀୟ ଭୂମିକା ଆମ ସରକାରଙ୍କ ଆନ୍ତର୍ଜାତିକ ସ୍ତରରେ ଥିବା ପ୍ରତୀକ ଓ ପତିଆରା କ୍ଷୁର୍ଣ୍ଣ କରିବା ପାଇଁ ଉଦ୍ଦିଷ୍ଟ। ଏହି ବିବାଦର ସମାଧାନ ରାଷ୍ଟ୍ରମୁଖ୍ୟ ସ୍ତରରେ ହେବା ଉଚିତ। କିନ୍ତୁ ବାରମ୍ବାର ଟ୍ରମ୍ପ, ଏପରିକି ୨୦ ଥରରୁ ଉର୍ଦ୍ଧ୍ୱ ସେହି ଏକକଥାକୁ ଦୋହରାଇ ଚାଲିଛନ୍ତି। ସତେଯେପରି କୂଟନୈତିକ ଆଚରଣ ଓ ଶାଳୀନତାକୁ ସେ ତିଳେ ହେଲେ ଭ୍ରୂକ୍ଷେପ କରନ୍ତିନି। ଭାରତୀୟ ସଂସଦର ମୌସୁମୀ ଅଧିବେଶନର ଦୁଇଦିନ ପୂର୍ବରୁ ହ୍ୱାଇଟହାଉସରେ ରିପବ୍ଲିକାନ ସାଂସଦଙ୍କ ଉଦ୍ଦେଶ୍ୟରେ ଆୟୋଜିତ ରାତ୍ରିଭୋଜନରେ ଟ୍ରମ୍ପ ପୁଣି ତାହାକୁ ଦୋହରାଇଛନ୍ତି। ତାଙ୍କର ବକ୍ତବ୍ୟ ଥିଲା, ଯୁଦ୍ଧଏତେ ଭୟଙ୍କର ଥିଲା ଯେ ୫ଟି ସାମରିକ ଜେଟ୍‌କୁ ଗୁଳିକରି ଖସାଇ ଦିଆଯାଇଛି। ଅବଶ୍ୟ ନିର୍ଦ୍ଦିଷ୍ଟ ଭାବେ କାହାର ଯୁଦ୍ଧ ବିମାନକୁ ଖସାଇ ଦିଆଯାଇଛି ତାହା ସେ ସ୍ପଷ୍ଟ କରିନାହାନ୍ତି। ଦୁଇ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରଙ୍କ ମଧ୍ୟରେ ଯୁଦ୍ଧର ଭୟାବହତା ଦେଖି ସେ ବାଣିଜ୍ୟିକ ସଂପର୍କ ରକ୍ଷା ଆଳରେ ଧମକ ଦେଇ ବିରତିର ବାଧ୍ୟବାଧକତା ସୃଷ୍ଟି କରିଛନ୍ତି। ବାରମ୍ବାର ବକ୍ତବ୍ୟକୁ ସେ ଦୋହରାଇବା ମଧ୍ୟରେ ୫ ଟି ଯୁଦ୍ଧ ବିମାନ ଧ୍ୱଂସ ପାଇବା ଏକ ନୂଆ ତଥ୍ୟ। ଯେଉଁ ବିବାଦ ଏବେ ମଧ୍ୟ ଭାରତର ପିଛା ଛାଡ଼ିନାହିଁ। ମୌସୁମୀ ଅଧିବେଶନ ପୂର୍ବରୁ ଏହା ବାର୍ତ୍ତା ଦେବା ପଛରେ ଟ୍ରମ୍ପଙ୍କ ଉଦ୍ଦେଶ୍ୟ କ'ଣ? ଏହାପଛରେ ଯେତେ ମନ୍ଦ ଉଦ୍ଦେଶ୍ୟ ଥାଉ ନା କାହିଁକି କ୍ଷମତାସୀନ ସରକାର ଉପରେ ତାହା କୌଣସି ପ୍ରତିକୂଳ ପ୍ରତୀକ ପକାଇ ପାରିବ ନାହିଁ। ହଁ ଏକଥା ହୋଇପାରେ ତାହା ବିରୋଧୀ ଦଳର ଆକ୍ରମଣକୁ ଅଧିକ ଶାଣିତ ଓ ଲକ୍ଷ୍ୟଭେଦୀ କରିବ, ଯାହାକି ସଂସଦ ଅଧିବେଶନ ଆରମ୍ଭରୁ ପରିଲକ୍ଷିତ ହୋଇଛି। ଟ୍ରମ୍ପଙ୍କୁ ମନେ ରଖିବାକୁ ହେବ ଯେ ତାଙ୍କର ବ୍ୟକ୍ତିଗତ କ୍ରୋଧ ଯାହା ଥାଉ ନା କାହିଁକି ଭାରତ ସରକାର ଭୁଶୁଡ଼ି ପଡ଼ିବନି।

ଭାରତର ଅତ୍ୟାଧୁନିକ ରାଫେଲ ଯୁଦ୍ଧ ବିମାନ ସଂଗ୍ରହ ପ୍ରତିପକ୍ଷଙ୍କ ପାଇଁ ଈର୍ଷାର କାରଣ ହୋଇଛି। ତେଣୁ ୫ଟି ଯୁଦ୍ଧ ବିମାନ ଗୁଳି କରି ଖସାଇ ଦିଆଯିବା ପ୍ରସଙ୍ଗ ପଛରେ ରାଫେଲ ବିରୋଧୀ ଯୁଦ୍ଧ ବିମାନ ବ୍ୟବସାୟୀଙ୍କ ଷଡ଼ଯନ୍ତ୍ର ନିହିତ ଅଛି ବୋଲି ଧରିନେବାକୁ ହେବ। ତେଣୁ ପାକିସ୍ତାନର ଦାବିକୁ ରାଫେଲ ନିର୍ମାତା ଡାସାଲ୍ଟ କମ୍ପାନୀ ପକ୍ଷରୁ ଦୃଢ଼ ଖଣ୍ଡନ କରାଯାଇଛି। ଏତେ ବାଦ ପ୍ରତିବାଦ ମଧ୍ୟରେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଭାରତର ପ୍ରାରମ୍ଭିକ ଲକ୍ଷ୍ୟ ଥିଲା ପାକିସ୍ତାନର ଆତଙ୍କବାଦୀ ସଂଗଠନର ଭିତ୍ତିଭୂମିକୁ ଧ୍ୱଂସ କରିବା। ତେଣୁ ସମସ୍ତ ପ୍ରକାର ପ୍ରତିରୋଧ ସତ୍ତ୍ୱେ ଭାରତ ୯ଟି ଆତଙ୍କବାଦୀ କେନ୍ଦ୍ରକୁ ଧ୍ୱଂସ କରିବାରେ ସଫଳ ହୋଇଛି। ଏହି ସଫଳତା ବିନିମୟରେ ଆମେ ଯେକୌଣସି ମୂଲ୍ୟ ଦେବାରେ ଅସୁବିଧା କ'ଣ ଅଛି? ଆମ ପ୍ରତିରକ୍ଷା ବାହିନୀର ସେନାଧ୍ୟକ୍ଷ. ଜେନେରାଲ ଅନିଲ୍ ଚୌଧୁରୀଙ୍କ ତଥ୍ୟ ଏକ୍ଷେତ୍ରରେ ପ୍ରଣିଧାନଯୋଗ୍ୟ। ପ୍ରାରମ୍ଭିକ ସଫଳତା ପଛରେ ତଥାକଥିତ ବିପର୍ଯ୍ୟୟ ମୂଲ୍ୟହୀନ। ପରିବର୍ତ୍ତୀ ଆକ୍ରମଣର ମୁକାବିଲା କରି ନ ପାରି ପାକିସ୍ତାନର ବାୟୁସେନା ଯେଭଳି ଲହୁଲୁହାଣ ହେଲା ତାହା ଯେ ଐତିହାସିକ ତଥ୍ୟ ଏକଥା ସ୍ୱୀକାର୍ଯ୍ୟ। ପାକିସ୍ତାନ ନିଜର ଆତ୍ମରକ୍ଷା ପାଇଁ ଭାରତର ଲଢୁଆ ବିମାନ ଖସାଇ ଦେବା ଦାବିର ପ୍ରାମାଣିକ ତଥ୍ୟ ଜେନେରାଲ୍ ମୁନିରଙ୍କ ପାଖରେ ନାହିଁ। ପରିସ୍ଥିତିର ଚାପରେ ପଡ଼ି ପାକିସ୍ତାନ ପକ୍ଷରୁ ଯୁଦ୍ଧ ବିରତି ପ୍ରସ୍ତାବ ଆଗତରେ ଅସ୍ୱାଭାବିକତା କିଛି ନାହିଁ। ତେବେ ଏକଥା ସତ ଯେ ଟ୍ରମ୍ପଙ୍କ ଏହି ନୂଆ ଦାବି ପାକିସ୍ତାନକୁ ବଳ ଦେଇଛି ଓ ଆମ ପ୍ରତି ସନ୍ଦେହ ସୃଷ୍ଟି କରିଛି।

ପାକିସ୍ତାନର ଲସ୍କର ଏ ତୋଇବା ଓ ଜୈସ ଏ ମହମ୍ମଦ ଆତଙ୍କବାଦୀ ସଂଗଠନ ବିରୋଧରେ ନିଷେଧାଦେଶ ଜାରି ପରେ ଟିଆରଏଫ ଲସ୍କର ଏ ତୋଇବାର ଏକ ଛାମୁଆଁ ଆତଙ୍କୀଗୋଷ୍ଠୀ ରୂପେ ସକ୍ରିୟ ଥିବା ସ୍ପଷ୍ଟ ହେଉଛି। ପହଲଗାମରେ ୨୬ ପର୍ଯ୍ୟଟକଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିବା ଘଟଣାକୁ ଟିଆରଏଫ ନିଜ ଆଡୁ ଦାବି କରିଛି। ପାକିସ୍ତାନରେ ବୈଦେଶିକ ମନ୍ତ୍ରୀ ତଥା ଉପପ୍ରଧାନମନ୍ତ୍ରୀ. ଖୋଲାଖୋଲି ଭାବେ ଟିଆରଏଫକୁ ସମର୍ଥନ କରିଛନ୍ତି। ସେହିଭଳି ପହଲଗାମ ଘଟଣା ପୂର୍ବରୁ ଜେନେରାଲ ମୁନୀରଙ୍କ ଯେଉଁ ଭିଡିଓ ସାଧାରଣରେ ପ୍ରକାଶ ପାଇଥିଲା ସେଥିରେ ଟିଆରଏଫକୁ ପ୍ରୟୋଗ କରାଯାଇ ଥିବାରୁ ସୂଚନା ଥିଲା। ଏହାଠାରୁ ଆଉ ଅଧିକ କ'ଣ ପ୍ରମାଣ ପାକିସ୍ତାନ ଚାହୁଁଛି। ୨୦୦୮ ମୁମ୍ବାଇ ଆକ୍ରମଣ ପରେ ଭାରତରେ ଏହା ସବୁଠାରୁ ବଡ଼ ଆତଙ୍କବାଦୀ ହମଲା। ଆମେରିକା ଟିଆରଏଫକୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ପରେ ଚୀନ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛି। ଏପର୍ଯ୍ୟନ୍ତ ପାକିସ୍ତାନ ସପକ୍ଷରେ କୂଟନୈତିକ ବାତାବରଣ ଠିକ୍ ଠାକ୍ ଥିବାବେଳେ ଟିଆରଏଫ ପ୍ରସଙ୍ଗ ଇସଲାମାବାଦ ନେତୃତ୍ୱକୁ ଅଡୁଆରେ ପକାଇଦେଇଛି।

ଜାତିସଂଘ ନିରାପତ୍ତା ପରିଷଦରେ ପହଲଗାମ ଆକ୍ରମଣ ନେଇ ନିନ୍ଦା ପ୍ରସ୍ତାବ ଆଗତ କରାଯାଉଥିଲା। ସେଥିରେ ଟିଆରଏଫ ନାମ ଉଲ୍ଲେଖ ଥିବାରୁ ପାକିସ୍ତାନର ପ୍ରତିବାଦ କ୍ରମେ ତାହାକୁ ବାଦ ଦିଆଯାଇଥିଲା। ସମୟ ସବୁବେଳେ ସମାନ ଯାଏନି। ପରିବର୍ତ୍ତିତ ପରିସ୍ଥିତିରେ ଦିଗ ପରିବର୍ତ୍ତନ କରୁଥିବା କୂଟନୀତି କିନ୍ତୁ ଭିନ୍ନ ସନ୍ଦେଶ ଦେଉଛି୧ ଆମେରିକା ଓ ଚୀନ ଟିଆରଏଫଙ୍କୁ ଆତଙ୍କବାଦୀ ସଂଗଠନ ଘୋଷଣା କରିବା ଭାରତ ପାଇଁ ଅନ୍ୟତମ ସଫଳତା କୁହାଯାଇପରେ। ●

# ରାଜ୍ୟ ଜଳନୀତି କେବେ ଓ କେମିତି

**ସୌଭାଗ୍ୟ ସୁନ୍ଦରରାୟ**

ରାଜ୍ୟର ପ୍ରମୁଖ ଜୀବନଧାରା ମହାନଦୀ ଜଳପ୍ରବାହ ଛତିଶଗଡ଼ ଦ୍ୱାରା ନିୟନ୍ତ୍ରିତ ହେବା ପରେ ରାଜ୍ୟରେ ଏକ 'ଜଳନୀତି'ର ଆବଶ୍ୟକତା ପଡ଼ିଛି। ତତ୍କାଳୀନ ବିଜେଡି ସରକାର ମହାନଦୀ ସୁରକ୍ଷା ପାଇଁ 'ମହାନଦୀ ବଞ୍ଚାଅ' ଅଭିଯାନ ଆରମ୍ଭ କରିବା ସହ ରାଜ୍ୟରେ ଏକ 'ଜଳନୀତି' ପ୍ରଣୟନ ନିମନ୍ତେ ପ୍ରସ୍ତାବ ରଖିଥିଲେ। ଏହାର ବ୍ୟୟ ଅଟକଳ ୭୫ ହଜାର କୋଟି ରହିଥିବା ବେଳେ ବିସ୍ତୃତ ରିପୋର୍ଟ ବା ଡିପିଆର ପ୍ରସ୍ତୁତ ହେବ ବୋଲି ମଧ୍ୟ କୁହାଯାଇଥିଲା। ଇତିମଧ୍ୟରେ ଶାସନରେ ପରିବର୍ତ୍ତନ ଘଟିଛି। ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାର କ୍ଷମତାସୀନ ହେବା ୧ ବର୍ଷ ଅତିକ୍ରାନ୍ତ କରିସାରିଲାଣି। 'ଜଳନୀତି' ରୂପରେଖ କ'ଣ ତାହା ସ୍ପଷ୍ଟ ହୋଇପାରୁ ନାହିଁ। ତେବେ 'ଜଳନୀତି' ପ୍ରଣୟନ ପାଇଁ ନୂଆ ସରକାର ମଧ୍ୟ କହିଛନ୍ତି। ତେଣେ ମହାନଦୀ ଜଳ ବିବାଦ ନେଇ ଏକ ଟ୍ରିବ୍ୟୁନାଲ ଗଠନ ହୋଇଛି।

'ଜଳନୀତି' ଶବ୍ଦଟି ବେଶ ଶ୍ରୁତିମଧୁର ଓ ଅଭିନବ। ତେବେ ଏହାର ରିପୋର୍ଟ ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନ ବୋଧହୁଏ ହୀରାକୁଦ ବନ୍ୟା ପରିଚାଳନାଠାରୁ ଅଧିକ ଜଟିଳ। ଏକବିଂଶ ଶତାବ୍ଦୀର ଏହି ପ୍ରସ୍ତାବିତ 'ଜଳନୀତି' ସୁଦୂରପ୍ରସାରୀ ତଥା ଦୂରଦୃଷ୍ଟିସଂପନ୍ନ ହେବା ଆବଶ୍ୟକ ବୋଲି ରାଜ୍ୟବାସୀ ଆଶା କରନ୍ତି। ୫୦ ଦଶକର 'ଜଳନୀତି'ରେ ଯେଉଁ ନବୀବନ୍ଧ ପ୍ରତିଷ୍ଠା ହେଉଥିଲା ବା ବିସ୍ଥାପନ ହେଉଥିଲା ସେଥିପ୍ରତି କେହି ଉତ୍ତରଦାୟୀ ରହୁ ନ ଥିଲେ। ଏଥିଯୋଗୁଁ ହୀରାକୁଦ, ସମଲ ପ୍ରକଳ୍ପ ପାଇଁ ବିସ୍ଥାପିତ ଜନତା ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ପାଇପାରି ନାହାନ୍ତି। ସେ ସମୟର 'ଜଳନୀତି'ର ପ୍ରମୁଖ ଲକ୍ଷ୍ୟ ଥିଲା ଜଳସେଚନ, ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ ଉତ୍ପାଦନ। କିନ୍ତୁ ଏବେ ସମୟ ଓ ପରିବେଶ ବଦଳିଛି। ନୂଆ ସମସ୍ୟା ଦେଖାଦେଇଛି। ମନୁଷ୍ୟଙ୍କଠାରୁ ଆରମ୍ଭ କରି ପଶୁପକ୍ଷୀ, ଗଛଲତା, ଶିଳ୍ପସଂସ୍ଥା ଆଦି ଜଳର ନୂଆ ଦାବିଦାର ଭାବେ ଉଭା ହୋଇଛନ୍ତି। ସହରାଞ୍ଚଳରେ ଛାତ ଉପରେ ବଗିଚା ପାଇଁ ପାନୀୟ ଜଳ ବ୍ୟବହାର କରାଯାଉଛି। ଏପରିକି ଗାଈଗୋରୁଙ୍କ ସ୍ନାନ ପାଇଁ ଗ୍ରାମାଞ୍ଚଳରେ ଏହାର ବ୍ୟବହାର କରାଯାଉଛି। ଏସବୁ ବିଷୟକୁ ଦୃଷ୍ଟିରେ ରଖି ଏହି ନୀତି ପ୍ରଣୟନ ହେବା ଆବଶ୍ୟକ।

ଏବେ ଜଳଉତ୍ସ କମୁଛି ଓ ଆବଶ୍ୟକତା ବଢୁଛି। ବର୍ତ୍ତମାନ ଜଳର ସଂରକ୍ଷଣ ପ୍ରମୁଖ ପ୍ରସଙ୍ଗ ଭାବେ ଉଭା ହୋଇଛି। 'ଜଳନୀତି'ରେ ଏବେ ବୃହତ ପ୍ରକଳ୍ପ ସ୍ଥାନ ପାଇବା ଅସମ୍ଭବ। କାରଣ ଏଥିସହ ବିସ୍ଥାପନ ପରି ବିଭିନ୍ନ ସ୍ପର୍ଶକାତର ସାମାଜିକ ପ୍ରସଙ୍ଗ ଆସୁଛି। ପୂର୍ବରୁ ମଣିଭଦ୍ରା, ସିଣ୍ଡୋଲ ବା ସୁବଳୟା ଆଦି ପ୍ରକଳ୍ପ ଏହି କାରଣରୁ କାର୍ଯ୍ୟକାରୀ ହୋଇପାରି ନାହିଁ। ସଂପୃକ୍ତ ପ୍ରକଳ୍ପଗୁଡ଼ିକୁ ନୂଆ 'ଜଳନୀତି' ମଧ୍ୟକୁ ଅଣାଗଲେ ଏହା ଜନବିରୋଧର ସାମ୍ନା କରିବା ନିଶ୍ଚିତ। ନୂଆ ବ୍ୟାରେଜ, ଆନିକଟ ମଧ୍ୟ ବିରୋଧର ସମ୍ମୁଖୀନ ହେବ। ନରାଜ, ଯୋବ୍ରା ଓ ବିରୂପାର ପୁରୁଣା ଆନିକଟ ଭଙ୍ଗା କାର୍ଯ୍ୟ ଚାଲିଛି। ଏଣୁ 'ଜଳନୀତି' ସଚିବାଳୟରୁ ପ୍ରଣୟନ ହେବ ନା ଏଥିରେ ଅଂଶଦାରଙ୍କ ମତାମତ ଭିତ୍ତିରେ ପ୍ରଣୟନ ହେବ ତାହା ବର୍ତ୍ତମାନ ଏକ ପ୍ରଶ୍ନ। 'ଜଳନୀତି' ପ୍ରାକୃତିକ ସଂପଦକୁ କେନ୍ଦ୍ର କରି ହୋଇଥିବାରୁ ଏହାର ଅନେକ ଦିଗ ଥିବା ମନେହୁଏ।

'ଜଳନୀତି'ର ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଏବେ ଗାଁ ବା ପଞ୍ଚାୟତକୁ ଯିବା ଅବଶ୍ୟାମ୍ଭବୀ। ନିର୍ଦ୍ଦିଷ୍ଟ ଅଞ୍ଚଳର ଆବଶ୍ୟକତା ଓ ଜନମତାମତକୁ 'ଜଳନୀତି'ରେ ସ୍ଥାନ ଦେବାକୁ ପଡ଼ିବ। 'ଜଳନୀତି' ପରିଚାଳନା ମଧ୍ୟ ଅଂଶୀଦାରଙ୍କ ହାତରେ ଟେକିବାକୁ ପଡ଼ିବ। 'ଜଳନୀତି' ପ୍ରଣୟନ ପାଇଁ ଏକ ଆନ୍ତଃ-ବିଶେଷଜ୍ଞ ସମନ୍ୱିତ କମିଟି ଗଠନ କରିବା ଅପରିହାର୍ଯ୍ୟ। ରାଜ୍ୟରେ ଏବେ ବର୍ଷା ପରିମାଣ କେତେ, ବିଗତ ୫୦ ବର୍ଷରେ ବର୍ଷା ପରିମାଣ କେତେ ରହିଛି ଏବଂ ଆଗାମୀ ୫୦ ବର୍ଷ ପାଇଁ ବର୍ଷା ଆକଳନ କ'ଣ ରହିବ ସେ ସମ୍ପର୍କରେ ପ୍ରଥମେ ଅନୁଧ୍ୟାନ ହେବା ଆବଶ୍ୟକ। ଏହି କାର୍ଯ୍ୟ କରିବେ ପାଣିପାଗ ବିଶେଷଜ୍ଞ। ଜଳ ଗଚ୍ଛିତ କରି ରଖିବା ପାଇଁ କେଉଁ ଅଞ୍ଚଳରେ କି ପ୍ରକାର ପ୍ରକଳ୍ପ କରାଯିବ ଏବଂ ଏହାର ଶୈଳୀ କ'ଣ ରହିବ ତାହା ସିଭିଲ ଇଞ୍ଜିନିୟର ଓ ସ୍ଥପତିଙ୍କ ଦ୍ୱାରା ନିର୍ଦ୍ଧାରଣ ହେବା ଆବଶ୍ୟକ। ନଦୀରେ ବର୍ଷାଦିନେ ଓ ଅଣବର୍ଷା ସମୟରେ ଜଳପ୍ରବାହ ପରିମାଣ କ'ଣ ରହିଛି ସେ ସମ୍ପର୍କରେ ଜଳତାତ୍ତ୍ୱିକ ସର୍ବେକ୍ଷଣ ହେବା ଆବଶ୍ୟକ। ସେହିପରି ପଶୁପକ୍ଷୀ ଓ ବୃକ୍ଷଲତା ପାଇଁ ବ୍ୟବସ୍ଥା କ'ଣ ହେବ ତାହା ଜଙ୍ଗଲ ଓ ପରିବେଶ ବିକାଶ ବିଭାଗ ଦ୍ୱାରା ସ୍ଥିରୀକୃତ ହେବା ଆବଶ୍ୟକ। ନଦୀ ମୁହାଁଣ ଅଞ୍ଚଳ ଅର୍ଥାତ ଉପକୂଳ ଅଞ୍ଚଳରେ ଜଳନୀତିର ପ୍ରଭାବ କ'ଣ ରହିବ ସେ ସଂପର୍କରେ ସାମୁଦ୍ରିକ ବିଜ୍ଞାନୀଙ୍କ ପରାମର୍ଶ ଜରୁରୀ।

'ଜଳନୀତି'ରେ ଉଭୟ ଭୂତଳ ଓ ଭୂପୃଷ୍ଠ ଜଳ ସଂପର୍କରେ ବିଚାରବିମର୍ଶ ହେବା ଆବଶ୍ୟକ। ଶିଳ୍ପାନୁଷ୍ଠାନ କେତେ ପରିମାଣର ଜଳ ଉପଯୋଗ କରିବେ ଏବଂ ଜଳ କେତେ ପ୍ରଦୂଷିତ କରିବେ ସେଥିପାଇଁ ପ୍ରଦୂଷଣ ବିଶେଷଜ୍ଞ ନିୟୋଜିତ ହେବା ବର୍ତ୍ତମାନର ପ୍ରମୁଖ ଆବଶ୍ୟକତା। ଜଳସମ୍ପଦ ନୀତିରେ ଜଳବିଦ୍ୟୁତ ପ୍ରକଳ୍ପ ପରିକଳ୍ପନା ମଧ୍ୟ ସ୍ଥାନିତ ହୋଇପାରେ। କେଉଁ ନଦୀଶଯ୍ୟାରେ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ ହୋଇପାରିବ ସେ ସମ୍ପର୍କରେ ଅନୁଧ୍ୟାନର ଆବଶ୍ୟକତା ରହିଛି। ଜଳ ସଂରକ୍ଷଣ ପାଇଁ କ୍ଷୁଦ୍ର ଆନିକଟ, ବନ୍ଧ ବା ବ୍ୟାରେଜ ନିର୍ମାଣ କରାଗଲେ ପଟୁ ଜମିବା ନିଶ୍ଚିତ। ଏହି ପଟୁ ନିଷ୍କାସନର ବ୍ୟବସ୍ଥା କ'ଣ ହେବ? ନଚେତ ପଟୁମାଟି ଯୋଗୁଁ ପ୍ରକଳ୍ପ, ନଦୀଶଯ୍ୟା ପୋତି ହୋଇ ଏଗୁଡ଼ିକ ଶୀଘ୍ର ଅକାମୀ ହେବାର ଆଶଙ୍କା ରହିଛି। ଏଣୁ ପ୍ରତ୍ୟେକ ବିଭାଗ ନିଜନିଜ ଦୃଷ୍ଟିକୋଣରୁ ରିପୋର୍ଟ ପ୍ରଦାନ କରିବା ପରେ ଏହାକୁ ତର୍ଜମା କରାଯାଇ ଅଂଶୀଦାରଙ୍କ ମତାମତ ଭିତ୍ତିରେ ସମନ୍ୱିତ ଜଳନୀତି ପ୍ରଣୟନ କରାଯାଇପାରେ। କେବଳ ଆଇଆଇଟିକୁ ରିପୋର୍ଟ ପ୍ରସ୍ତୁତ କରିବା ଦାୟିତ୍ୱ ଦେଇ ପରବର୍ତ୍ତୀ ସମୟର ତ୍ରୁଟି ପାଇଁ ସରକାର ସେମାନଙ୍କ ମୁଣ୍ଡରେ ନଡ଼ିଆ ବାଡ଼େଇବା ଏକ ଧୃଷ୍ଟତା ହେବ।

ଏହାପରେ ଆସୁଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତାହାହେଲା କ୍ଷୁଦ୍ର ଜଳାଶୟର ବର୍ତ୍ତମାନର ସ୍ଥିତି ଓ ଏହାର ପୁନରୁଦ୍ଧାର। ଏକଦା ଗାଁଗହଳିରେ ଥିଲା ଏକାଧିକ ଗାଡ଼ିଆ, ପୋଖରୀ, କଟା, ବନ୍ଧ, ଟୁବ, ଯୋର। ଏଗୁଡ଼ିକ ଯଥେଷ୍ଟ ପରିମାଣର ଜଳ ସଂରକ୍ଷିତ କରି ରଖିବା ଦେଖାଯାଏ। ପ୍ରାୟ ଫେବୃୟାରୀ/ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏଥିରେ ଜଳ ରହିଥାଏ। ଯୋରରେ ପ୍ରାୟତଃ ସବୁ ସମୟରେ ଜଳ ରହିଥାଏ। ଏହା ରବି ଫସଲ ପାଇଁ ବହୁଳ ମାତ୍ରାରେ ସହାୟକ ହୋଇଥାଏ। ଏହି ଜଳକୁ ଟେଣ୍ଡା ସାହାଯ୍ୟରେ ଉଠାଇ ରବି ଫସଲକୁ ଜଳଯୋଗାଣ ହୋଇଥାଏ। ଏଥିରେ ମାଛବଂଶ ବୃଦ୍ଧି ଘଟିଥାଏ। ଖରାଦିନେ ଗୃହପାଳିତ ପଶୁଙ୍କ ପାଇଁ ଏହି ପାଣି ମଧ୍ୟ ଉପଯୋଗ କରାଯାଇଥାଏ। ଗ୍ରାମାଞ୍ଚଳରେ ଏହି କ୍ଷୁଦ୍ର ଜଳାଶୟଗୁଡ଼ିକର ଏବେ ପ୍ରାୟ ନିଶ୍ଚିହ୍ନ। ଗୃହନିର୍ମାଣ, ରାସ୍ତାକାର୍ଯ୍ୟ, ଜବରଦଖଲ ଓ ପଟୁମାଟି ଯୋଗୁଁ ଏହି ଜଳାଶୟ ଚିହ୍ନବର୍ଣ୍ଣ ହରାଇଲାଣି। କଟକ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଏକଦା ଥିଲା ନୟନଯୋରୀ ଓ ପାଟନାଳୀ। ଏପ୍ରିଲ/ ମେ ମାସ ପର୍ଯ୍ୟନ୍ତ ଏହା ସନ୍ତସନ୍ତିଆ ଅବସ୍ଥାରେ ରହୁଥିଲା। କିନ୍ତୁ ଜାତୀୟ ରାଜପଥ ନିର୍ମାଣ ଯୋଗୁଁ ଏଗୁଡ଼ିକ ପୋତି ଦିଆଗଲା। ରାସ୍ତା ନିର୍ମାଣ ସମୟରେ କୌଣସି ପରିବେଶ ଯୋଜନା ରହିଲା ନାହିଁ। ଫଳରେ ଠିକାଦାର ସଂସ୍ଥା ନିଜ ସୁବିଧାରେ ଏହାକୁ ପୋତି କାର୍ଯ୍ୟ କରିଚାଲିଲେ। ଏହାଥିଲା ଜଳ ସଂରକ୍ଷଣର ଅନ୍ୟତମ ପ୍ରମୁଖ ଉତ୍ସ। ସରକାର ଗ୍ରାମାଞ୍ଚଳରେ ଆରମ୍ଭ କରିଥିବା 'ମୋ ପୋଖରୀ' ଯୋଜନା ଏବେ କେଉଁ ପର୍ଯ୍ୟାୟରେ ରହିଛି ତାହାର ଏକ ନିରପେକ୍ଷ ସମୀକ୍ଷା ଜଳନୀତି ପ୍ରଣୟନ ପରିପ୍ରେକ୍ଷୀରେ ହେବା ଆବଶ୍ୟକ।

ସମୟସ୍ରୋତରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅନେକ ବିକାଶ ଘଟିଛି। ବୈଷୟିକ କ୍ଷେତ୍ରରେ ଘଟିଛି ଯୁଗାନ୍ତକାରୀ ପରିବର୍ତ୍ତନ। ପରିବେଶ ସୁରକ୍ଷା ଓ ଜଳ ସଂରକ୍ଷଣ ପାଇଁ ବିଶ୍ୱ ଚିନ୍ତିତ। ଏକ ସବୁଜ ବିଶ୍ୱ ପାଇଁ ସମସ୍ତେ ଉଦବିଗ୍ନ। କୃତ୍ରିମ ବୁଦ୍ଧିମତ୍ତା ଓ ରୋବଟ ପ୍ରଯୁକ୍ତିକୁ ନେଇ ବିଶ୍ୱ ୪ର୍ଥ ଶିଳ୍ପ ବିପ୍ଳବର ଦ୍ୱାରଦେଶରେ ଉପନୀତ ହେଲାଣି। ବିଭିନ୍ନ ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ ସମୟରେ ଏସବୁର ଉପଯୋଗ କରାଯିବା ଆବଶ୍ୟକ। ଜଳର ମାହାତ୍ମ୍ୟ ଓ ଜଳନୀତି ବିଦ୍ୟାଳୟସ୍ତରୀୟ ପାଠ୍ୟକ୍ରମରେ ସ୍ଥାନିତ ହେବା ମଧ୍ୟ ଜରୁରୀ। ଏହାହେଲେ ଭବିଷ୍ୟତ ପିଢ଼ି ଜଳ ସଂରକ୍ଷଣ ଓ ଉପଯୋଗ ସଂପର୍କରେ ସଚେତନ ହୋଇପାରିବେ। ବର୍ତ୍ତମାନ ପରିସ୍ଥିତିର ଆହ୍ୱାନ ହେଲା ବହୁମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇ ଜିଲ୍ଲା ସଦର ମହକୁମାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଗୋଟିଏ ଛାତ ତଳକୁ ଆଣିବା। ଏହାହେଲେ ସରକାରୀ କାର୍ଯ୍ୟାଳୟରେ ଜଳ ସଞ୍ଚୟ ବ୍ୟବସ୍ଥା ସୁଗମ ହୋଇପାରିବ। ଭୂତଳ ଜଳାଭାବରୁ ଏବେ ଅନେକ ସ୍ଥାନରେ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଅଚଳ ଅବସ୍ଥାକୁ ଆସିଲାଣି। ତେଣୁ 'ଜଳନୀତି' ପ୍ରଣୟନ ପୂର୍ବରୁ ସମସ୍ତ ଦିଗ ପ୍ରତି ସୁଚିନ୍ତିତ ବିଚାରବିମର୍ଶ ହେବା ଆବଶ୍ୟକ। ଏହା ହେଲେ ରାଜ୍ୟରେ 'ଜଳନୀତି' ଫଳପ୍ରସୂ ହୋଇପାରିବ। ●

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୨୨୯୨୩୩

# ବିତ୍ତୀୟ ପ୍ରଦୂଷଣ: ପ୍ରଗତିର ପ୍ରତିବନ୍ଧକ

**ଅନନ୍ତ ଚରଣ ସ୍ୱାଇଁ**



ଦ୍ରୁତ ଶିଳ୍ପାୟନ, ନଗରୀକରଣ ଓ ଅତିରିକ୍ତ ଭୋଗବିଳାସୀ ଜୀବନଶୈଳୀ ଦ୍ୱାରା ପରିବେଶ ଦୂଷିତ ହେଉଛି। ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୁଷଣ ଓ ଜଙ୍ଗଲର ଦ୍ରୁତ କ୍ଷୟ ପରିବେଶ ଏବଂ ମାନବ ସମାଜ ପ୍ରତି ସୃଷ୍ଟି କରୁଛି ମହାବିପଦ। ଏସବୁ ପ୍ରଦୂଷଣରୁ ସୃଷ୍ଟି ହେଉଥିବା ସମସ୍ୟା ଓ ସମାଧାନ ପାଇଁ ଆନ୍ତର୍ଜାତିକ ସ୍ତରରେ ଅନେକ ଉଦ୍ୟମ କରାଯାଉଛି। କିନ୍ତୁ ସମାଜରେ ଦେଖାଦେଉଥିବା ବିତ୍ତୀୟ ପ୍ରଦୂଷଣ ଜନିତ ସମସ୍ୟା ପ୍ରତି ଜନସଚେତନତା ଏବେଠାରୁ ସୃଷ୍ଟି ହେବା ଦରକାର। ବିତ୍ତୀୟ ପ୍ରଦୂଷଣ ହେଉଛି ବିଭିନ୍ନ ଆର୍ଥିକ ଅବୈଧ କାର୍ଯ୍ୟକଳାପ, ଯାହା ଦେଶର ଅର୍ଥବ୍ୟବସ୍ଥାକୁ ଦୁର୍ବଳ କରେ ଏବଂ ସାଧାରଣ ଜନତାଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଏ।

ଆର୍ଥିକ କାରବାରରେ ଅନିୟମିତତା, ଭ୍ରଷ୍ଟାଚାର, ଟିକସ ଫାଙ୍କି, କଳାଧନ, ଋଣର ଅପବ୍ୟବହାର, ବ୍ୟାଙ୍କ ଠକାମୀ, ଷ୍ଟକ ବଜାରରେ ହସ୍ତକ୍ଷେପ ପରି ଅନେକ ଅବୈଧ କାର୍ଯ୍ୟକଳାପ ବିତ୍ତୀୟ ପ୍ରଦୂଷଣ ଅନ୍ତର୍ଭୁକ୍ତ। ବିତ୍ତୀୟ ପ୍ରଦୂଷଣ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବା ସହିତ ରାଜନୀତି, ସାମାଜିକ ନ୍ୟାୟ, ସମାଜରେ ସମାନତା ଓ ସର୍ବୋପରି ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରେ। କିଛି ରାଜନୈତିକ ନେତା, ଅଧିକାରୀ, ଅସାଧୁ ବ୍ୟବସାୟୀ ପରିସ୍ଥିତିର ଦୁରୁପଯୋଗ କରି ଅନୁଚିତ ଭାବେ ଅର୍ଥ ଅର୍ଜନ କରନ୍ତି। ଭ୍ରଷ୍ଟାଚାର ଅନୈତିକ କାମକୁ ପ୍ରୋତ୍ସାହିତ କରିଥାଏ। ଭ୍ରଷ୍ଟାଚାର ବଢ଼ିଲେ ସମାଜରେ ଅସ୍ଥିରତା ଓ ଅରାଜକତା ଦେଖାଦିଏ। ସେହିଭଳି ଭାରତରେ ବିପୁଳ ପରିମାଣର କଳା ଧନ ଅଛି। ଅବୈଧ ଉପାୟରେ ଅର୍ଜିତ ଧନ, ଯାହା ଟିକସର ପରିସର ଭୁକ୍ତ ହୋଇନଥାଏ, ତାହା ଦେଶ ଭିତରେ କିମ୍ବା ବାହାରେ ଗୁପ୍ତ ଭାବରେ କାରବାର କରାଯାଏ। ଜଟିଳ ଟିକସ ନିୟମରେ ଥିବା ଦୁର୍ବଳତାର ଫାଇଦା ଉଠାଇ କିଛି ବ୍ୟକ୍ତି ଟିକସ ପ୍ରଦାନରେ ହେରଫେର କରନ୍ତି। ବ୍ୟାଙ୍କରୁ ଋଣ ନେଇ ଫେରସ୍ତ ନକରିବା, ଜାଲ କାଗଜପତ୍ର ବ୍ୟବହାର କରି ଠକିବା ଆଦି ଜରିଆରେ ମଧ୍ୟ କିଛି ଲୋକଙ୍କ ପାଖକୁ ସହଜରେ ଟଙ୍କା ଆସିଯାଏ ଏବଂ ତାହାର ଦୁରୁପଯୋଗ ହୁଏ।

ସେହିଭଳି ଆଉ କେତେକ ବିତ୍ତୀୟ ପ୍ରଦୂଷଣ ଷ୍ଟକ ମାର୍କେଟରୁ ସୃଷ୍ଟି ହୁଏ। ନିଜକୁ ସୁହାଇଲା ପରି କୃତ୍ରିମ ଭାବେ ଷ୍ଟକର ମୂଲ୍ୟ ନିୟନ୍ତ୍ରଣ କରି ଆର୍ଥିକ ଅନିୟମିତା କରାଯାଏ। ଅବୈଧ ଭାବେ ଅର୍ଜିତ ଧନକୁ ବିଭିନ୍ନ ବ୍ୟବସାୟରେ ଖଟାଇ ବୈଧ ବୋଲି ପ୍ରମାଣ କରିବା ପ୍ରକ୍ରିୟା ହେଉଛି ମନି ଲଣ୍ଡରିଂ। ଏହାଦ୍ୱାରା ବିପୁଳ କଳାଧନକୁ ବୈଧ କରିବାର ପଥ ସୃଷ୍ଟି ହୁଏ। ନକଲି ନୋଟ ଦେଶର ଅର୍ଥନୀତି ପାଇଁ ବଡ଼ ଶତ୍ରୁ। ଏହାର ଅବୈଧ କାରବାର, ଆତଙ୍କବାଦୀ କାର୍ଯ୍ୟ ଓ ଅନ୍ୟାନ୍ୟ ଅପରାଧ କାର୍ଯ୍ୟକୁ ପ୍ରୋତ୍ସାହିତ କରିଥାଏ। ଆହୁରି ମଧ୍ୟ କେତେକ ପ୍ରଭାବଶାଳୀ ବ୍ୟକ୍ତି ନିଜର ରାଜନୈତିକ ଶକ୍ତି ପ୍ରୟୋଗ କରି ଅବୈଧ ଆର୍ଥିକ କାରବାରକୁ ପ୍ରୋତ୍ସାହନ ଦେବା ଦ୍ୱାରା ଅନୈତିକ କାର୍ଯ୍ୟ ବୃଦ୍ଧି ପାଏ।

ବିତ୍ତୀୟ ପ୍ରଦୂଷଣ ଦେଶର ସାମାଜିକ ଓ ଅର୍ଥନୈତିକ ବୃଦ୍ଧିରେ ବାଧକ ହୋଇଥାଏ। ଏହାଦ୍ୱାରା ସମାଜରେ ସୃଷ୍ଟି ହୁଏ ଅର୍ଥନୈତିକ ଅସମତା। କିଛି ଲୋକ ଅନେକ ଅର୍ଥ ଅନୁଚିତ ଉପାୟରେ ଅର୍ଜନ କରି ଏହାକୁ ଗୁପ୍ତ ରଖିବା ଫଳରେ ଦେଶର ଆର୍ଥିକ ଏବଂ ସାମାଜିକ ସମତାକୁ ପ୍ରଭାବିତ ହୁଏ। ଧନୀ ଓ ଗରିବଙ୍କ ମଧ୍ୟରେ ଦୂରତା ବଢ଼ି ଚାଲେ। ଆର୍ଥିକ ଅସମତା ହେତୁ ସମାଜରେ ଅସନ୍ତୋଷ, ଅଶାନ୍ତି ଓ ଅସ୍ଥିରତା ବୃଦ୍ଧି ପାଏ।

ଭ୍ରଷ୍ଟାଚାର ଓ ଅନିୟମିତତା କାର୍ଯ୍ୟ ଦକ୍ଷତା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଭ୍ରଷ୍ଟ ଅଧିକାରୀମାନେ ଲାଞ୍ଚ ନେଇ ଅନୈତିକ କାମକୁ ପ୍ରଶ୍ରୟ ଦିଅନ୍ତି। ଫଳରେ ସମାଜର ଉନ୍ନତିମୂଳକ କାର୍ଯ୍ୟର ଗୁଣାତ୍ମକ ମାନ ହ୍ରାସ ପାଏ। ବିତ୍ତୀୟ ପ୍ରଦୂଷଣ ହେତୁ ଉଭୟ ଦେଶୀ ଓ ବିଦେଶୀ ନିବେଶକ ଭାରତରେ ନିବେଶ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ଏହାର ପ୍ରଭାବ ଜାତୀୟ ଅର୍ଥନୀତିରେ ପ୍ରତିଫଳିତ ହୁଏ। ଦେଶର ସାମୂହିକ ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରେ। କଳା ଧନ ଓ ଅବୈଧ ବ୍ୟବସାୟ ଆତଙ୍କବାଦୀ କାର୍ଯ୍ୟ ଓ ଅପରାଧକୁ ଉତ୍ସାହିତ କରେ। ଅପରାଧୀ ଓ ଆତଙ୍କବାଦୀମାନଙ୍କ ପାଖକୁ ଅର୍ଥ ଆସିଲେ ସେମାନେ ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତ ରହି ସମାଜରେ ଅରାଜକତା ସୃଷ୍ଟି କରନ୍ତି।

ବିତ୍ତୀୟ ପ୍ରଦୂଷଣ ଜନିତ ସମସ୍ୟାଗୁଡ଼ିକଠାରୁ ମୁକ୍ତ ରହିବାକୁ ଭ୍ରଷ୍ଟାଚାର ବିରୁଦ୍ଧରେ ଦୃଢ଼ ଆଇନ ପ୍ରଣୟନ, ତ୍ୱରିତ ନ୍ୟାୟ ପ୍ରଦାନ, ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦେବା ସହ ଜନସଚେତନତାର ଆବଶ୍ୟକ ରହିଛି। ବିତ୍ତୀୟ ପ୍ରଦୁଷଣ ଦେଶର ପ୍ରଗତିରେ ପ୍ରତିବନ୍ଧକ ହୋଇଥିବାରୁ ଏହାକୁ ଦୂର କରିବା ପାଇଁ ସରକାର, ପ୍ରଶାସନ ଏବଂ ସାଧାରଣ ଲୋକମାନଙ୍କ ଉଦ୍ୟମ ଆବଶ୍ୟକ। ●

ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

# ରଙ୍ଗ ଓ ବ୍ୟକ୍ତିତ୍ୱ

**ଶ୍ରୀନନ**

**ବିଜ୍ଞାନ ବାର୍ତ୍ତା**

ବିବିଧ ରଙ୍ଗ ପ୍ରତି ଆମର ଆକର୍ଷଣ ଜନ୍ମଗତ। ଅବଶ୍ୟ ବ୍ୟକ୍ତିଠାରୁ ବ୍ୟକ୍ତି ଏବଂ ସ୍ଥଳବିଶେଷ ଉପରେ ନିର୍ଭର କରି ଏହା ଭିନ୍ନ ଭିନ୍ନ ହୋଇଥାଏ। ସେଥିପାଇଁ କାହାର ନୀଳରଙ୍ଗ ଅଧିକ ପସନ୍ଦ ହେଲା ବେଳେ ଆଉ କାହାର ଲାଲ୍ ବା ହଳଦିଆ.... । ରଙ୍ଗ ହେଲା ଭିନ୍ନ ଭିନ୍ନ ତରଙ୍ଗ ଲମ୍ବଯୁକ୍ତ ଆଲୋକ। ଗୋଟିଏ ବସ୍ତୁ ଉପରେ ଆଲୋକ ରଶ୍ମିଟିଏ ପତିତ ହେଲେ ତହିଁରେ ଥିବା ବିଭିନ୍ନ ରଙ୍ଗ (ଯେପରିକି ସୂର୍ଯ୍ୟ ରଶ୍ମିର ସାତ ରଙ୍ଗ) ମଧ୍ୟରୁ ଯେଉଁଟିକୁ ତାହା ଶୋଷଣ ନ କରି ପ୍ରତିଫଳିତ କରିଦିଏ ଆମେ କେବଳ ସେହିଟିକୁ ଦେଖୁ। ଅତଏବ ବସ୍ତୁଟିର ରଙ୍ଗ ଆମକୁ ସେହି ଅନୁସାରେ ଦେଖାଯାଏ।

ବୈଜ୍ଞାନିକମାନଙ୍କ ମତରେ ବିଭିନ୍ନ ରଙ୍ଗ ଆମକୁ ବିଭିନ୍ନ ରୂପେ ପ୍ରଭାବିତ କରେ। ଯେପରିକି ଆମ ମାନସିକ ଅବସ୍ଥା, ନିଦ୍ରାର ଢଙ୍ଗ, ରକ୍ତ ଚାପ ଓ ଯୌନ ଜୀବନକୁ ମଧ୍ୟ। ଆମେ ଆଖି ବନ୍ଦ ରଖିଲେ ବି ଆମ ଉପରେ ଏହାର କିଛିଟା ପ୍ରଭାବ ରହିଥାଏ। ରଙ୍ଗ ଆମ ଚକ୍ଷୁଷ ସ୍ମୃତିକୁ ଏବଂ ଚେତନାର ସ୍ତରକୁ ପରିବର୍ଦ୍ଧିତ କରେ ବିଭିନ୍ନ ରୂପେ। ଉଦାହରଣ ସ୍ୱରୂପ, ସାଧାରଣତଃ ଲାଲ୍ ରଙ୍ଗ ଦେଖିଲା ବେଳେ ସବୁଜ ତୁଳନାରେ ଆମ ମନସ୍ତାତ୍ତ୍ୱିକ ଚେତନା ଅଧିକ ଉତ୍ତୋଳିତ ହୁଏ। ଅନ୍ୟ ପକ୍ଷରେ ଲାଲରଙ୍ଗ ଆମ ନକାରାତ୍ମକ ସ୍ମୃତିକୁ ପରିବର୍ଦ୍ଧିତ କଲା ବେଳେ ନୀଳରଙ୍ଗ ସକାରାତ୍ମକ ସ୍ମୃତିକୁ ସେପରି କରେ ବୋଲି କୁହାଯାଏ। ଅନ୍ୟାନ୍ୟ ରଙ୍ଗ ମଧ୍ୟ ଭିନ୍ନ ଭିନ୍ନ ଭାବେ ଆମ ଭାବପ୍ରବଣତା ସହିତ ସଂପୃକ୍ତ ନାନା ପ୍ରକାର ସ୍ମୃତିକୁ ଉଦ୍ଦୀପିତ କରନ୍ତି।

ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ରଙ୍ଗ ଅଧିକ ପସନ୍ଦ ହୋଇଥିବାର ଦେଖାଯାଏ। ତହିଁରୁ ତାଙ୍କର ବ୍ୟକ୍ତିତ୍ୱ ସମ୍ପର୍କରେ କିଛିଟା ସୂଚନା ମିଳିଥାଏ। **ନୀଳ-** ଏ ରଙ୍ଗକୁ ପସନ୍ଦ କରୁଥିବା ଲୋକେ ସାଧାରଣତଃ ଚିନ୍ତାଶୀଳ ଏବଂ ବିଚାରବନ୍ତ ହୋଇଥା'ନ୍ତି। ତାଙ୍କର ସ୍ୱଭାବ ଶାନ୍ତ ହୋଇଥାଏ ଏବଂ ତାଙ୍କର ବିଶ୍ୱାସଯୋଗ୍ୟତା ତାଙ୍କୁ କର୍ମକ୍ଷେତ୍ରରେ ନେତୃତ୍ୱ ନେବା ତଥା ଅନ୍ୟମାନଙ୍କୁ ନିଜ ପ୍ରତି ଆକର୍ଷିତ କରିବା ସମ୍ଭବ କରିଥାଏ। ସେମାନେ ମଧ୍ୟ ସହକର୍ମୀମାନଙ୍କର ପ୍ରିୟଭାଜନ ହୋଇଥା'ନ୍ତି। **ଲାଲ୍-** ଏହାକୁ ପସନ୍ଦ କରୁଥିବା ଲୋକେ ସାହାସୀ ଏବଂ ଦୃଢ଼ ନିଷ୍ପତ୍ତି ନେବାକୁ ସକ୍ଷମ ହୋଇଥା'ନ୍ତି। ସେମାନେ କର୍ମଦିଗାଭିମୁଖୀ ତଥା ଦାୟିତ୍ୱସଂପନ୍ନ ଅଟନ୍ତି। ତାଙ୍କର ଇଚ୍ଛାଶକ୍ତି ତାଙ୍କୁ ପରିସ୍ଥିତିର ସମ୍ମୁଖୀନ ହୋଇ ଲକ୍ଷ୍ୟସାଧନ କରିବାରେ ସହାୟକ ହୁଏ। **ହଳଦିଆ-** ଏ ରଙ୍ଗକୁ ଭଲ ପାଉଥିବା ଲୋକେ ସଦାବେଳେ ଖୁସି ମିଜାସର ଏବଂ ଦୃଢ଼ମନା ହୋଇଥା'ନ୍ତି। ଆଶାବାଦୀ ମନୋଭାବ ତାଙ୍କୁ ଗଭୀରଭାବେ ସକାରାତ୍ମକ ଚିନ୍ତା କରିବାକୁ ସମର୍ଥ କରିଥାଏ। **ସବୁଜ-** ଏହାର ପସନ୍ଦକାରୀମାନେ ସାଧାରଣତଃ ସର୍ବଦା ସନ୍ତୁଳିତ ମନୋଭାବସମ୍ପନ୍ନ ଏବଂ ସଚ୍ଚୋଟ ହୋଇଥା'ନ୍ତି। ସମସ୍ୟା ସମାଧାନ କରିବାରେ ଦକ୍ଷତା ଏବଂ ସୃଜନାତ୍ମକ ମାନସିକତା ଏମାନଙ୍କର ଆଉ ଦୁଇଟି ବିଶେଷଗୁଣ। **ନାରଙ୍ଗୀ-** ଏ ରଙ୍ଗକୁ ପସନ୍ଦ କରୁଥିବା ଲୋକମାନେ କଠୋର ପରିଶ୍ରମୀ ଏବଂ ଧୈର୍ଯ୍ୟବାନ୍। ସେମାନେ ସାହାସର ସହିତ ଯେକୌଣସି ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। **ବାଇଗଣୀ-** ଏହାକୁ ଭଲ ପାଉଥିବା ଲୋକେ କଳ୍ପନାପ୍ରବଣ ଅଟନ୍ତି। ସେମାନଙ୍କ ଚିନ୍ତାଶକ୍ତି ପ୍ରଖର। ତାଙ୍କର ସୃଜନାତ୍ମକ ଦକ୍ଷତା ଓ ଦୂରଦୃଷ୍ଟି ତାଙ୍କୁ ଅନ୍ୟମାନଙ୍କୁଠାରୁ ଭିନ୍ନ ରୂପେ ପ୍ରତିପାଦିତ କରେ। **ଗୋଲାପୀ-** ଏରଙ୍ଗର ପସନ୍ଦକାରୀମାନଙ୍କ ଆଚରଣ ଉଷ୍ମ ଏବଂ ବନ୍ଧୁତ୍ୱପୂର୍ଣ୍ଣ। ସହକର୍ମୀମାନଙ୍କ ପ୍ରତି ସଂବେଦନଶୀଳ ହୋଇଥିବାରୁ ସଫଳତା ସହ ଅନ୍ୟମାନଙ୍କ ସହ ମିଶି କାର୍ଯ୍ୟ ସଂପାଦନ କରିପାରନ୍ତି। ଏମାନେ ଲୋକପ୍ରିୟ ଓ ସୃଜନଶୀଳ ଏବଂ ନେତୃତ୍ୱ ନେବାରେ ଦକ୍ଷ।

**କଳା-** ଏଥିପ୍ରତି ଆକୃଷ୍ଟ ହେଉଥିବା ଲୋକମାନେ ଦୃଢ଼ ମାନିକତା ସମ୍ପନ୍ନ ଏବଂ ଆତ୍ମନିର୍ଭରଶୀଳ। କୌଣସି କାର୍ଯ୍ୟ କଲା ବେଳେ ସେମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେଇଥା'ନ୍ତି ଏବଂ ଅସୁବିଧାର ସମ୍ମୁଖୀନ ହେବାକୁ ସଦା ପ୍ରସ୍ତୁତ ଥା'ନ୍ତି। **ଧଳା-** ଏରଙ୍ଗର ପସନ୍ଦକାରୀମାନେ ଶାନ୍ତ ଓ ସକାରାତ୍ମକ। ଏମାନଙ୍କ କାର୍ଯ୍ୟଭଙ୍ଗୀ ସୁଶୃଙ୍ଖଳିତ। ଏମାନେ ସଦାସର୍ବଦା ଧୀରସ୍ଥିର ରହୁଥିବାରୁ ଅନ୍ୟମାନଙ୍କର ବିଶ୍ୱାସଭାଜନ ହୋଇଥା'ନ୍ତି। **ସ୍ୱର୍ଣ୍ଣାଭ-** ଏଥିପ୍ରତି ଆକର୍ଷିତ ହେଉଥିବା ଲୋକେ ସାଧାରଣତଃ ଆଡ଼ମ୍ବର ପୂର୍ଣ୍ଣ ଜୀବନ ପ୍ରତି ଆଗ୍ରହୀ। ସେମାନେ ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ କଠୋର ପରିଶ୍ରମ କରନ୍ତି ଏବଂ ଆତ୍ମସମ୍ମାନକୁ ଗୁରୁତ୍ୱ ଦିଅନ୍ତି। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ଜଙ୍ଗଲ ବାବୁଙ୍କ ଜମି ଲୋଭ

# ଚଢ଼ଉର ଦ୍ୱିତୀୟ ଦିନରେ ମିଳିଲା ୮.୫ ଲକ୍ଷ ଟଙ୍କା

ଭୁବନେଶ୍ୱର/କେନ୍ଦୁଝର,୨୧।୭ (ସମିସ): କେନ୍ଦୁଝର କେନ୍ଦୁପତ୍ର ଡିଭିଜନ୍ ଡିଏଫଓ ନିତ୍ୟାନନ୍ଦ ନାୟକଙ୍କ ଜମି ଲୋଭ ଘଟଣାକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା। ସେ ଯେଉଁଠିକି ଚାକିରି କରିବାକୁ ଯାଇଛନ୍ତି, ସେଠାରେ ଜମି କିଣିଛନ୍ତି। ଗତକାଲି ବାବୁଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରି ତାଙ୍କ ପତ୍ନୀ, ପୁଅଝିଅ ଓ ନିଜ ନାଁରେ ଥିବା ୧୧୫ଟି ପ୍ଲଟ୍ ସହ ବିପୁଳ ସମ୍ପତ୍ତି ଠାବ କରିଥିଲା। ଆଜି ଦ୍ୱିତୀୟ ଦିନରେ ଭିଜିଲାନ୍ସ ବିଭାଗ କେଉଁଝର ଫରେଷ୍ଟ କଲୋନୀରେ ଥିବା ସରକାରୀ କ୍ୱାର୍ଟର୍ସ ଛାନ୍‌ଭିନ କରିବା ପରେ ସେଥିରୁ ୮.୫ ଲକ୍ଷ ନଗଦ ଟଙ୍କା ମିଳିଛି। ପୂର୍ବରୁ ତାଙ୍କ ଘରୁ ୧.୫୫ ଲକ୍ଷ ମିଳିଥିଲା। ଏହିଭଳି ତାଙ୍କଠାରୁ ବର୍ତ୍ତମାନ ସୁଦ୍ଧା ୧୦ ଲକ୍ଷ ଟଙ୍କା ଜବତ କରାଗଲାଣି। ନିତ୍ୟାନନ୍ଦ ସରକାରଙ୍କୁ ମଧ୍ୟ ଚୂନ ଲଗାଉଥିବା ପ୍ରମାଣ ମିଳିଛି। ସରକାରଙ୍କୁ ପ୍ରତିବର୍ଷ ଦେଉଥିବା ସମ୍ପତ୍ତି ତାଲିକାରେ ଭୁଲ୍ ତଥ୍ୟ ଦେଉଥିଲେ। ତାଙ୍କର ୧୧୫ଟି ପ୍ଲଟ୍ ଥିବା ବେଳେ ସେ ସରକାରଙ୍କୁ ଦେଉଥିବା ସମ୍ପତ୍ତି ତାଲିକାରେ ୧୨ଟି ପ୍ଲଟ୍ ଦେଖାଉଥିଲେ। କେଉଁଝର ସରକାରୀ କ୍ୱାର୍ଟର୍ସରେ ଚଢ଼ଉ ସମୟରେ ଗୋଟିଏ ବନ୍ଧୁକ, ଏକାଧିକ ଜମି ପଟ୍ଟା, ଏବଂ ବିପୁଳ ପରିମାଣର ବ୍ୟାଙ୍କ୍ ପାସ୍‌ବୁକ ଜବତ କରାଯାଇଛି। ଭିଜିଲାନ୍ସ ଏହି ସବୁ ପାସ୍‌ବୁକ୍ ଏବଂ ବ୍ୟାଙ୍କ ଇନ୍ସୁରାନ୍ସକୁ ଯାଞ୍ଚ କରୁଛି। ଭିଜିଲାନ୍ସକୁ ମିଳିଥିବା ନିତ୍ୟାନନ୍ଦଙ୍କ ୯ଟି ବ୍ୟାଙ୍କ୍ ଆକାଉଣ୍ଟରେ ୫୦ ଲକ୍ଷ ରହିଥିବା ଜଣାପଡ଼ିଛି। ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ମଧ୍ୟ ଭିଜିଲାନ୍ସ ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଲକ୍‌ର ଯାଞ୍ଚ କରୁଛି। ଗତକାଲି ଡିଏଫ୍‌ଓ ନିତ୍ୟାନନ୍ଦଙ୍କ ପୈତୃକ ବାସଭବନ ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢଉ କରାଯାଇଥିଲା।

■ ସରକାରଙ୍କୁ ଦେଉଥିବା ସମ୍ପତ୍ତି ତାଲିକାରେ ଦର୍ଶାଇଥିଲେ ୧୨ଟି ପ୍ଲଟ୍
■ ୯ଟି ବ୍ୟାଙ୍କ୍ ଆକାଉଣ୍ଟରେ ୫୦ଲକ୍ଷ ଠାବ
■ ଏକାଧିକ ପ୍ଲଟର ଦସ୍ତାବିଜ୍, ବନ୍ଧୁକ ଜବତ

# ଉପରାଷ୍ଟ୍ରପତି ପଦରୁ ଧନଖଡ଼ଙ୍କ ଇସ୍ତଫା

ନୂଆଦିଲ୍ଲୀ, ୨୧/୭: ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଅଚାନକ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଇସ୍ତଫାର ପ୍ରକୃତ କାରଣ ଜଣାପଡ଼ି ନଥିଲେ ମଧ୍ୟ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଥିବା କୁହାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଲେଖିଥିବା ତାଙ୍କର ଇସ୍ତଫାପତ୍ରରେ ଧନଖଡ଼ କହିଛନ୍ତି ଯେ ଡାକ୍ତରଙ୍କ ପରାମର୍ଶ ଓ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଉଛନ୍ତି। ସେ ପ୍ରଧାନମନ୍ତ୍ରୀ ମୋଦୀଓ ଅନ୍ୟ ମନ୍ତ୍ରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ୭୪ ବର୍ଷୀୟ ଧନଖଡ଼ ୨୦୨୨ରେ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପୂର୍ବରୁ ସେ ପଶ୍ଚିମ ବଙ୍ଗର ରାଜ୍ୟପାଳ ଥିଲେ।

# ଘରୁ ଡାକିନେଇ ମାରିଦେଲେ

**୬ ସାଙ୍ଗ ଗିରଫ**

ସମ୍ବଲପୁର, ୨୧।୭ (ସମିସ): ଭୋଜି କରିବାକୁ ଡାକି ନେଇ ପିଟିପିଟି ମାରିଦେଲେ। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍ ଠେଲକୋଲୋଇ ଥାନା ଅଧୀନ ବୋମାଲୋଇ ଗ୍ରାମରେ ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଜନ୍ମେଜୟ କିଷାନ (୨୯)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ୬ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ, ବୋମାଲୋଇ ଗାଁର ସୁଜିତ ମୁଣ୍ଡା(୨୨), ରଞ୍ଜିତ ମୁଣ୍ଡା ଓରଫ୍ ଢୁଲୁ (୨୦), ପ୍ରମୋଦ ମୁଣ୍ଡା ଓରଫ୍ ରଘୁ (୩୨), ଦଶରଥ ମୁଣ୍ଡା ଓରଫ୍ ଜୁନୁ (୨୨), ରାଜେଶ ମୁଣ୍ଡା ଓରଫ୍ ଛୋଟୁ (୨୦) ଓ ଜିତେନ୍ଦ୍ର କିଷାନ ଓରଫ୍ କାଲକୁଟ (୧୮)। ଏମାନେ ସଂଘବଦ୍ଧ ଭାବେ ଜନ୍ମେଜୟଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୂର୍ବ ଗଣ୍ଡଗୋଳକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଲେଜ ଉପରେ ଖସିଲା...

ସେମାନଙ୍କୁ ବର୍ଣ୍ଣ ଇନ୍‌ଷ୍ଟିଚ୍ୟୁଟ୍‌ରେ ଭର୍ତ୍ତି କରାଯାଇଛି। ଆହତଙ୍କୁ ଟ୍ରଲି ଉପରେ ବୋହି ନେଉଥିବାର ଭିଡିଓ ଭାଇରାଲ ହୋଇଛି। ଆହତ ହୋଇଥିବା ପିଲାଙ୍କୁ ହେଲିକପ୍ଟର ଜରିଆରେ ହସ୍ପିଟାଲକୁ ନିଆଯାଇଥିଲା।

ଏହି ସ୍କୁଲରେ ୨, ୦୦୦ ଛାତ୍ର ପଢୁଛନ୍ତି। ଦୁର୍ଘଟଣା ପାଇଁ ସରକାର ଗୋଟିଏ ଦିନ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି। ବାୟୁସେନାର ଏଫ୍- ୭ ବିଜିଆଇ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି ବୋଲି ବାଂଲାଦେଶ ସେନା ତରଫରୁ ସୂଚନା ଦିଆଯାଇଛି। ସେନାର ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ ଶୋକ ପ୍ରକାଶ କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଏହି ମିଲିଟାରୀ ଫାଇଟର ଜେଟ୍ ଚୀନ୍ ଦ୍ୱାରା ନିର୍ମିତ ହୋଇଥିଲା। ୨୦୧୧ରୁ ୨୦୧୩ ମଧ୍ୟରେ ବାଂଲାଦେଶ ଏହି ବିମାନ ଚୀନ୍‌ଠାରୁ କ୍ରୟ କରିଥିଲା। ଏହା ଚୀନ୍‌ର ଚେଙ୍ଗଡୁ ଜେ-୭ ଫାଇଟର ଜେଟ୍‌ର ଆଧୁନିକ ସଂସ୍କରଣ। ଦୁର୍ଘଟଣା କାରଣ ସମ୍ପର୍କରେ ଜଣାପଡ଼ିନାହିଁ। ଏଥିପାଇଁ କର୍ତ୍ତୃପକ୍ଷ ଯାଞ୍ଚ୍ ଆରମ୍ଭ କରିଛନ୍ତି। ଦୁର୍ଘଟଣା ପରେ ଦମକଳ ବିଭାଗ, ଆମ୍ବୁଲାନ୍ସ ଓ ବାୟୁସେନାର ହେଲିକପ୍ଟର ଘଟଣାସ୍ଥଳରେ ପହଞ୍ଚିଥିଲା।

### ଶପଥ ନେଲେ ଜଷ୍ଟିସ...

ଗତ ମେ' ୨୬ତାରିଖରେ ଜଷ୍ଟିସ ପାଠକଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଥିଲା। ଜୁଲାଇ ୧୪ରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ଅନୁମୋଦନ କରାଯିବା ପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା।

୧୯୬୫ ଅଗଷ୍ଟ୨୮ରେ ଗୌହାଟୀରେ ଜନ୍ମିତ ଜଷ୍ଟିସ୍ ପାଠକ ବେଙ୍ଗାଲୁରୁର ସେଣ୍ଟ ଯୋସେଫସ୍ କଲେଜରୁ କଳାରେ ସ୍ନାତକ ଏବଂ ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧୀନରେ ଗୌହାଟୀର ସରକାରୀ ଆଇନ କଲେଜରୁ ଏଲଏଲବି. ଡିଗ୍ରୀ ହାସଲ କରିଥିଲେ। ୧୯୯୦ ସେପ୍ଟେମ୍ବର ୧୨ରେ ସେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଏବଂ ଅରୁଣାଚଳପ୍ରଦେଶର ବାର୍ କାଉନସିଲରେ ଆଇନଜୀବୀ ଭାବେ ପଞ୍ଜିକୃତ ହୋଇଥିଲେ। ୨୦୧୩ ମେ' ୨୨ରେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବରେ ତାଙ୍କୁ ନିଯୁକ୍ତ କରାଯାଇଥିଲା। ୨୦୧୮ ନଭେମ୍ବର ୧୨ରୁ ସେ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟରତ ଥିଲେ। ଜଷ୍ଟିସ୍ ପାଠକଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ପ୍ରଥମ ଦିନରେ ମୁଖ୍ୟ ବିଚାରପତିଙ୍କ ସହ ଜଷ୍ଟିସ ପାଠକ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିଛନ୍ତି।

### ଆରମ୍ଭରୁ ହଙ୍ଗାମା...

ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ପ୍ରସଙ୍ଗରେ ଆଲୋଚନା ପାଇଁ ମୁଲତବୀ ପ୍ରସ୍ତାବ ଆଗତ କରିଥିଲେ। ଏସଂପର୍କରେ ବାଚସ୍ପତିଙ୍କୁ ଦେଇଥିବା ନୋଟିସରେ ସାଂସଦ ଉଲ୍ଲେଖ କରିଛନ୍ତି ଯେ ଉକ୍ତ ଛାତ୍ରୀଙ୍କୁ ଦୀର୍ଘ ଦିନ ଧରି ନିର୍ଯାତନା ଦିଆଯାଉଥିଲା। ସେ ଏସଂପର୍କରେ କଲେଜ ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କେହି ଶୁଣିନଥିଲେ। ଫଳରେ ସେ ଆତ୍ମଦାହ ଭଳି ଚରମ ପଦକ୍ଷେପ ନେଲେ। ଏଭଳି ଭୟଙ୍କର ଓ ଚିନ୍ତାଜନକ ପ୍ରସଙ୍ଗ ଉପରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ଇତିମଧ୍ୟରେ ସଂସଦ ମୁଲତବୀ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର କିଛି ବରିଷ୍ଠ କ୍ୟାବିନେଟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଏହାପରେ ମନ୍ତ୍ରୀମାନଙ୍କର ଏକ ବୈଠକ ହୋଇଥିଲା। ଏଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥ ମନ୍ତ୍ରୀ ନିର୍ମଳା ଶୀତାମରଣ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, ଶିବରାଜ ସିଂହ ଚୌହାନ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କିରଣ ରିଜିଜୁ ପ୍ରମୁଖ ଉପସ୍ଥିତ ଥିଲେ।

### ଇଡିକୁ ସୁପ୍ରିମକୋର୍ଟଙ୍କ...

ଇଡି ଆବେଦନ ପ୍ରତ୍ୟାହାର କରି ନେଇଥିଲେ। ଏହି ରାୟକୁ ଅନ୍ୟ ମାମଲାରେ ଉଦାହରଣ ଭାବେ ବ୍ୟବହାର ନ କରିବାକୁ ଅତିରିକ୍ତ ସଲିସିଟର ଜେନେରାଲ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଇଡିର ଆବେଦନ ଉପରେ ସୁପ୍ରିମକୋର୍ଟ କହିଥିଲେ ଯେ ହାଇକୋର୍ଟଙ୍କ ଏକକ ଖଣ୍ଡପୀଠ ଦେଇଥିବା ରାୟରେ କୌଣସି ତ୍ରୁଟି ନାହିଁ। ତଥ୍ୟକୁ ଦେଖି ମାମଲାକୁ ଖାରଜ କରାଯାଉଛି। ଇଡି ଉପରେ କୌଣସି ଅପ୍ରୀତିକର ମନ୍ତବ୍ୟ ଦେଇ ନ ଥିବାରୁ ଏଏସଜିଙ୍କୁ ସୁପ୍ରିମକୋର୍ଟ ଧନ୍ୟବାଦ ଦେଇଛନ୍ତି।

### ନାବାଳିକା ହକି...

କରିବା ନିମନ୍ତେ ଯାଜପୁର ମେଡିକାଲକୁ ପଠାଇବା ସହ ବିଚାରପତିଙ୍କ ନିକଟରେ ନାବାଳିକାକୁ ହାଜର କରାଯାଇ ତା'ର ବୟାନ ରେକର୍ଡ କରାଯାଇଛି। ପୁଲିସ ମଧ୍ୟ ଗତ ରବିବାର ରାତିରେ ନାବାଳିକାର ବୟାନ ରେକର୍ଡ କରିଥିଲା। ତେବେ ଏହି ଘଟଣା ଗତ ୩ ତାରିଖରୁ ହୋଇଥିଲେ ମଧ୍ୟ କାହିଁକି ମାମଲା ରୁଜୁ ପାଇଁ ବିଳମ୍ବ ହେଉଥିଲା ଏବଂ ଯେଉଁ ଲଜ୍‌ରେ ଏଭଳି ଅଭିଯୋଗ ହୋଇଛି, ସେହି ଲଜ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ପ୍ରଶ୍ନ ଉଠିଛି। ଏନେଇ ଯାଜପୁର ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ରଙ୍କୁ ଚାରିବାରେ ଘଟଣା ସଂପର୍କରେ ତଦନ୍ତ ଚାଲିଛି ଏବଂ ଘଟଣାରେ ସମସ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ।

### ଜେଲ ଗଲେ ଛାତ୍ର...

ବନ୍ଧୁ ଆୟୁଷ୍ମାନ ଦେଖିବାକୁ ମିଳିଛି। ଏହି ଭିଡ଼ିଓ ଏବଂ ଫଟୋ ଭାଇରାଲ ହେବା ପରେ ଭିଡ଼ିଓ କରି ମୁହଁ ଖୋଲିଛନ୍ତି ଆୟୁଷ୍ମାନ। ସେ କହିଛନ୍ତି ଯେ, ଥାନାରେ ଦେଇଥିବା ଝିଅ କାହିଁ କେସ୍ ଦେଲା କଣ ପାଇଁ ଦେଲା ସେ ଜାଣିନାହାନ୍ତି; ତାଙ୍କର ଏଥିରେ କିଛି ଭୂମିକା ନାହିଁ। ମୁଁ ଆଉ ମୋ ସାଙ୍ଗ ହାଉସ୍ ପାର୍ଟି ପାଇଁ ଡାକିଥିଲୁ। ସେ ସେଠି ଡ୍ରିଙ୍କସ୍ ଏବଂ ସ୍ମୋକିଙ୍ଗ୍ କରେ। ଭାଇରାଲ ହୋଇଥିବା ଫଟୋ ଭିଡ଼ିଓରେ ସେଭଳି କିଛି ହୋଇନାହିଁ। ମୋର ଓ ମୋ ବନ୍ଧୁଙ୍କର ତା ସହ କୌଣସି ସମ୍ପର୍କ ନାହିଁ।

ଏନେଇ କମିଶନରେଟ ପୁଲିସ ଜୋନ ୫ ଏସିପି ବିଶ୍ୱରଞ୍ଜନ ସେନାପତି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଗିରଫ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦୁଷ୍କର୍ମ ଶିକାର ହୋଇଥିବା ଯୁବତୀ ଜଣକ ରବିବାର ସନ୍ଧ୍ୟାରେ ମଞ୍ଚେଶ୍ୱର ଥାନାରେ ଏନେଇ ଅଭିଯୋଗ କରିଥିଲେ। ମାର୍ଚ୍ଚ ୧୮ ତାରିଖରେ ସମ୍ପୃକ୍ତ ଯୁବତୀ ତାଙ୍କର ଜଣେ ପୁଅ ସାଙ୍ଗ ଏବଂ ଜଣେ ଝିଅ ସାଙ୍ଗ ବୁଲିବାକୁ ଡାକିଥିଲେ। ସମସ୍ତେ ୪ ଚକିଆ ଗାଡିରେ ବୁଲିବାକୁ ଯାଇଥିଲେ। ମାଷ୍ଟରକ୍ୟାଣ୍ଟିନ ପାଖରେ ଅନ୍ୟ ଜଣେ ଯୁବକ ଉଠିଥିଲେ। ଯୁବତୀ ଜଣକ ତାଙ୍କୁ ଚିହ୍ନି ନ ଥିଲେ ହେଁ ପରେ ସେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ବୋଲି ଜାଣିଥିଲେ। ସମସ୍ତେ ମଞ୍ଚେଶ୍ୱର ଅଞ୍ଚଳରେ ଥିବା ଏକ ହୋଟେଲକୁ ଯାଇଥିଲେ। ସେଠାରେ ଅନ୍ୟମାନେ ମଦ୍ୟପାନ କରିଥିଲେ। ସେ ମଦ୍ୟପାନ ନ କରିବାରୁ ଉଦିତ ପ୍ରଧାନ ତାଙ୍କୁ ଏକ କୋଲ୍ଡ ଡ୍ରିଙ୍କ୍ସ ଆଣି ଦେଇଥିଲେ। କୋଲ୍ଡ ଡ୍ରିଙ୍କ୍ସ ପିଇବା ପରେ ସେ ଅଶ୍ୱସ୍ତି ଅନୁଭବ କଲେ। ହୋସ ଫେରିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ସେ ଜାଣି ପାରିଥିଲେ। ତାଙ୍କ ପାଖରେ ଉଦିତ୍ ମଧ୍ୟ ଶୋଇଥିଲେ। ଏହା ପରେ ଉଦିତ ତାଙ୍କୁ ଗାଳି ଗୁଲଜ କରିବା ସହ ପୁଲିସରେ ନ କହିବାକୁ ଧମକ ଦେଇଥିଲେ। ତେଣୁ ସେ ଭୟରେ ପୁଲିସରେ ଅଭିଯୋଗ ଆଣି ନ ଥିଲେ। ହେଲେ ଏବେ ମହିଳାଙ୍କ ସୁରକ୍ଷାକୁ ନେଇ ଏତେ ଘଟଣା ସାମ୍ନାକୁ ଆସିବା ପରେ ସେ ପୁଲିସ ନିକଟକୁ ଆସିବା ପାଇଁ ସାହସ କରି ପାରିଛନ୍ତି ବୋଲି ପୀଡ଼ିତା ଏତଲାରେ ଉଲ୍ଲେଖ କରିଛନ୍ତି। ଏହି ଏତଲା ଆଧାରରେ ପୁଲିସ ଉଦିତ ପ୍ରଧାନଙ୍କ ବିରୋଧରେ ମଞ୍ଚେଶ୍ୱର ଥାନାରେ ଏକ ମାମଲା (ନଂ-୪୧୯) ରୁଜୁ କରିଛି। ଉଦିତଙ୍କ ବିରୋଧରେ ବିଏନ୍‌ଏସ୍ ଧାରା ୬୧(୧), ୧୨୩ ୩, ୨୯୬, ୭୪, ୩୫୧(୨) ଲଗାଯାଇଛି। ଗତ ଫେବ୍ରୁଆରୀ ୧ ତାରିଖରେ ଉଦିତ ଓ ଅନ୍ୟମାନେ ମିଳିତ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତଙ୍କ କାରକେଡକୁ ଅଟକେଇବାକୁ ଚେଷ୍ଟା କରିଥିଲେ। କାରକେଡ୍ ସାମ୍ନାରେ କଳା ପତାକା ଦେଖାଇ ହୋ ହଲ୍ଲା କରିବା ସହ କାର୍ଯ୍ୟରତ ଜଣେ ସବଇନ୍ସପେକ୍ଟରଙ୍କୁ ମାଡ଼ ମାରିଥିଲେ। ମଞ୍ଚେଶ୍ୱର ଥାନା ପୋଲିସ ତାଙ୍କୁ ଗିରଫ କରିଥିଲା।

### ବଢ଼ିଲା ମନ୍ତ୍ରିମଣ୍ଡଳ...

ସମ୍ପ୍ରସାରଣ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ରାଜ୍ୟ ବିଜେପିର ସଭାପତି ଭାବେ ମନମୋହନ ସାମଲ ନିଯୁକ୍ତ ହେବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଖୁବଶୀଘ୍ର ହେବ ବୋଲି ଜଣାପଡ଼ିଥିଲା। ଏପରିକି ନିଜେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ମନ୍ତ୍ରିମଣ୍ଡଳ ତାଲିକା ନେଇ ଦିଲ୍ଲୀ ଯିବା ସହ ଏହାକୁ ମଞ୍ଜୁର ମଧ୍ୟ କରାଇଥିଲେ ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ରାଷ୍ଟ୍ରୀୟ ମହାସଚିବ, ସଂଗଠନ ମହାମନ୍ତ୍ରୀଙ୍କୁ ଭେଟି ରାଜ୍ୟର ମନ୍ତ୍ରିମଣ୍ଡଳପ୍ରସାରଣକୁ ଚୂଡ଼ାନ୍ତ ରୂପ ଦେଇଥିଲେ। ତେବେ ଗତ ୧୦ ଦିନ ମଧ୍ୟରେ ପ୍ରଥମେ ବାଲେଶ୍ୱରରେ ଜଣେ ଛାତ୍ରୀଙ୍କ ଆତ୍ମାହୁତି ଏବଂ ପୁରୀ ବଳଙ୍ଗାରେ ଜଣେ ନାବାଳିକାକୁ କିରୋସିନି ଢାଳି ଜାଳିଦେବା ଉଦ୍ୟମ ସମ୍ପ୍ରସାରଣରେ ଅନ୍ତରାୟ ସାଜିଥିଲା। ଉପରୋକ୍ତ ଦୁଇଟି ଘଟଣାକୁ ନେଇ ବିରୋଧୀ ସରକାରଙ୍କୁ ଷଣ୍ଢୁଆସୀ ଆକ୍ରମଣ କରୁଥିବା ବେଳେ ନିଜ ଭାବମୂର୍ତ୍ତି ବଞ୍ଚାଇବାକୁ ସରକାର ମଧ୍ୟ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ଏସବୁ ମଧ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା କିଛି ମନ୍ତ୍ରୀଙ୍କ ହୃଦସ୍ପନ୍ଦନ ବଢ଼ାଇ ଦେଇଥିବା ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ଅନୁଯାୟୀ କେତେକ ମନ୍ତ୍ରୀଙ୍କ ପ୍ରଦର୍ଶନକୁ ନେଇ ନିଜେ ମୁଖ୍ୟମନ୍ତ୍ରୀ ବେଶ୍ ଅସନ୍ତୋଷ ଥିବାବେଳେ ଉଭୟ ବାଲେଶ୍ୱର ଏବଂ ପୁରୀ ବଳଙ୍ଗା ଘଟଣାରେ ଜଣେ ଯୁବମନ୍ତ୍ରୀଙ୍କ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଖପ୍ପା ଅଛନ୍ତି। ସମ୍ପ୍ରସାରଣରେ ଅତିକମରେ ଉକ୍ତ ମନ୍ତ୍ରୀଙ୍କ ନିକଟରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ କାଢ଼ି ନିଆଯାଇପାରେ ବୋଲି ଆଲୋଚନା ହେଉଛି। ମନ୍ତ୍ରିମଣ୍ଡଳରେ ମୋଟ ୬ଟି ପଦ ଫାଙ୍କା ରହିଛି। ଏହାସହ ୨ରୁ ୩ ଜଣ ମନ୍ତ୍ରୀ ସମ୍ପ୍ରସାରଣ ବେଳେ ବାଦ୍ ପଡ଼ିବା ନେଇ ମଧ୍ୟ ଏହି ସୂତ୍ରରୁ ସୂଚନା ମିଳିଛି। ଅତଏବ ସମ୍ପ୍ରସାରଣ ହେଲେ ପ୍ରାୟ ୮ରୁ ୯ ଜଣ ନୂଆ ମୁହଁଙ୍କୁ ଦେଖିବାକୁ ମିଳିବ। ତନ୍ମଧ୍ୟରୁ ୨ ଜଣ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ନିଜ ଟିମରେ ସାମିଲ କରିବାକୁ ନିଷ୍ପତ୍ତି ନେଇ ସାରିଥିବା ବେଳେ ବିଭିନ୍ନ ସମୀକରଣକୁ ଲକ୍ଷ୍ୟ କରି ଆଉ ୭ ଜଣଙ୍କୁ ନେବେ। ମିଳିଥିବା ସୂଚନା ଅନୁଯାୟୀ ଲୋକସଭା ମଣ୍ଡଳୀୱାରୀ ସମୀକରଣକୁ ସମ୍ପ୍ରସାରଣରେ ସର୍ବାଧିକ ଗୁରୁତ୍ୱ ମିଳିବ। ଏହାସହ ବରିଷ୍ଠତା, ଦଳୀୟ ଆନୁଗତ୍ୟତା, ନିର୍ମଳ ଭାବମୂର୍ତ୍ତି ଥିବା ନେତାଙ୍କୁ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଇପାରନ୍ତି ବୋଲଲି ଆଲୋଚନା ହେଉଛି। ଚଳିତ ସପ୍ତାହରେ ଯେକୌଣସି ଦିନ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବାକୁ ଯାଉଥିବା ନେଇ ଦଳୀୟ ସୂତ୍ରରୁ ସୂଚନା ମିଳିଥିବା ବେଳେ ଏହାକୁ ନେଇ ବିଜେପି ଶିବିର ଚଳଚଞ୍ଚଳ ହୋଇପଡ଼ିଛି।

### ଦୁର୍ଘଟଣା ନେଲା...

ହୋଇଥିଲେ।ମୃତକ ହେଲେ, ସଞ୍ଜିତ ଲାଖୁଆ। ଗୁରୁତରମାନଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଭୋର୍ ପ୍ରାୟ ୩ଟା ବେଳେ ଏହି ଅଘଟଣ ଘଟିଥିଲା।

ସେହିପରି ବାମେବାରୀ ଥାନା ଅଧୀନ ଜେଏସ୍‌ଡବ୍ଲ୍ୟୁ ଖଣି ନିକଟରେ ଦିନ ୧୨ଟାରେ ୨ଜଣ ବାଇକ୍‌ରେ ଯାଉଥିବା ବେଳେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ବାମେବାରୀ ପୁଲିସ ସେମାନଙ୍କୁ ଏକ ଆମ୍ବୁଲାନ୍ସରେ ମେଡିକାଲରେ ଭର୍ତ୍ତି କରାଇବା ପାଇଁ ନେଉଥିବା ବେଳେ ବାଟରେ ଦୁହିଁଙ୍କ ମୃତ୍ୟୁ ଘଟିଥଲା। ମୃତକଦ୍ୱୟ ହେଲେ, ପଙ୍କଜ କୁମାର ସାହା (୨୮) ଏବଂ ଛୋଟୁ ଯାଦବ (୩୭)। ଅନ୍ୟ ଏକ ଘଟଣାକ୍ରମେ ବଡ଼ବିଲ ଥାନା ଅଧୀନ ଭଦ୍ରାସାହି ନିକଟରେ ୧୬ଚକିଆ ଏକ ଟ୍ରକ୍ ଏକ ବାଇକ୍‌କୁ ପଛପଟୁ ଧକ୍କା ଦେବାରୁ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯୋଡ଼ାସ୍ଥିତ କମ୍ପାନୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି।


**AFFIDAVIT**

By virtue of an affidavit Sl. No.- 4883 before Executive Magistrate, Kanika, dtd 10/07/2025. I Binodinee Dash, W/o- Sasadhar Malik, Vill.- Kothasahi, Po.- Giria, Ps.- Rajkanika, Dist. - Kendrapara, Pin- 754220 declare that, my minor son's name has been changed from **Rudra Malik to Rudradev Malik**. Henceforth he will be known as **Rudradev Malik** for all future purposes.

**AFFIDAVIT**

By virtue of an affidavit before Executive Magistrate, K.S.Nagar, Ganjam, no.830 dtd.19.7.2025 I Sri Shankar Sahu, S/o- Bijaya Sahu, resident of Village/Po.- Barida-A, Ps.- Kabisurya Nagar, Dist.- Ganjam, Odisha state that, my daughter's name is **Adyasha Sahu, D/o- Shankar Sahu**. But in her Aadhar card her name has been wrongly mentioned as Mamata Sahu, C/o- Sankar Sahu. Please correct the name in my daughter's Aadhar as **Adyasha Sahu, D/o- Shankar Sahu.**

**AFFIDAVIT**

I, K Sanjita, W/o.: K Govinda Rao, resident of Plot No.: 331/1947, Road No.: 6, Sri Aurobinda Nagar, Chandrasekharpur, Near Municipality Kalyan Mandap, Bhubaneswar, Dist.: Khordha, Odisha-751016, declare by this affidavit No.: 209, Dtd: 12.07.2025 that now onwards I shall be known as **K Sanjita Patra** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 09/06/2025 I, Sri Dhanurjaya Tangul, S/o- Bhikari Tangul, Village - Balda, Post- Balda, PS. - Padua, Dist. - Koraput declare that, I have changed my name from **Danurjana Tagila, S/o- Bhikari Tagura** to **Dhanurjaya Tangul S/o- Bhikari Tangul**. Henceforth, I shall be known as **Dhanurjaya Tangul, S/o- Bhikari Tangul** for all purpose.

**Sd/- Dhanurjaya Tangul**

**AFFIDAVIT**

By virtue of an affidavit sworn before The Executive Magistrate, Padampur, Date- 21/07/2025. I, **Ugresan Sahu,** Address: At- Amlipali, Po- Raisalpadar, Dist- Bargarh, PIN- 768037, Odisha declared that, I have changed the name of my son from **Bijay Sahu** (old name) to **Bijaya Sahu** (new name). Henceforth, he shall be known as **Bijaya Sahu** (new name) for all purposes.

**Ugresan Sahu**

**AFFIDAVIT**

By virtue of an affidavit sworn before The Notary Public, Sunabeda, dated 21.07.2025, I, Sri Paparao Gunjia, S/o- Ghasi Gunjia, Vill.- Narasinghpur, Po.- Parajabadapada, Ps.- Padwa, District- Koraput declare that I have changed my daughter's name from **Trisha Gujia** to **Tirisa Gunjia**. Henceforth, my daughter shall be known as **Tirisa Gunjia** for all purposes.

**Sd/- Paparao Gunjia**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 21/07/2025. I, **Lipi Dharua** (new name), formerly called as **Bimala Dharua** (old name), W/o Swagat Patra, permanent resident of AT/PO- Rigdul, P.S. Titilagarh, Dist- Bolangir, (Odisha), PIN-767033 now residing at the same place affirm that I have changed my name from **Bimala Dharua** (old name) To **Lipi Dharua** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Lipi Dharua** (new name).

**Lipi Dharua**

**AFFIDAVIT**

I, Manas Maheswar Maharana, S/o- Maheswar Maharana, resident of Plot No- F-25, CDA, Sector-6, P.S- Markat Nagar, Dist- Cuttack, PIN- 753014, Odisha declare by this affidavit No. 70AA 129247, dated- 03/07/2025 that now onward I shall be known as **MANAS MAHARANA** for all future purpose.


e-Procurement Notice

**OFFICE OF THE NOTIFIED AREA COUNCIL, GOPALPUR,**
**Tender Call Notice,**
**No: 229 dt: 19-07-2025**
**Bid Identification No: 02/2025-26**

Bid documents consisting of work, estimated cost, cost of tender paper, time of completion, class of contractors, and terms and conditions can be seen at: www.tendersorissa.gov.in

| | |
|---|---|
| Total Number of Civil works. | 8 Nos. |
| Estimated Cost | Rs.3.0 Lakh to 19 Lakh |
| Date & time of availability of Bid Documents in the portal | 10.00 A.M of dt. 21.07.2025 to 16.00 P.M of dt. 30.07.2025 for online bidding |
| Last Date of receive of Bid through Online | 16.00 P.M of dt. 30.07.2025 |
| Date of opening of Bid | 11.00 A.M. on Dt. 31.07.2025 |

Sd/- Executive Officer
N.A.C. Gopalpur

C-712 OIPR - 13186/11/0021/2526

CAD-1190

Email: itdagnp@od.gov.in

**GOVERNMENT OF ODISHA**
**OFFICE OF THE PROJECT ADMINISTRATOR**
**INTEGRATED TRIBAL DEVELOPMENT AGENCY, GUNUPUR**
**E-Procurement Notice**
**Bid Identification No: ITDAGNP – Online – 01 / 2025-26**

No. 1601/VII-89/2025 Date: 18.07.2025

1 Name of the Work : Construction of Building Works
2 Total No. of Works : 48 No.(Percentage rate tender)
3 Amount put to tender : As mentioned in Col. 3 of Annexure
4 Class of Contractor : As mentioned in Col. 5 of Annexure
5 Period of Completion : As mentioned in Col. 4 of Annexure
6 EMD : As mentioned in Col. 6 of Annexure
7 Paper Cost : As mentioned in Col. 7 of Annexure
8 Other details:

| Procurement Officer | Bid Identification No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender | Financial Bid open |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Project Administrator, I.T.D.A, Gunupur | ITDAGNP Online-01/2025-26 | **22.07.2025 at 10.00 A.M.** | **05.08.2025 up to 5.00 P.M.** | **05.08.2025 up to 5.00 P.M.** | **06.08.2025 at 11.00 Hrs.** | **Will intimate later** |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website: www.tendersorissa.gov.in.

**Project Administrator,**
**I.T.D.A., Gunupur.**

OIPR - 26072/11/0008/2526

**In the Court of the Senior Civil Judge, Angul**
**Civil Suit No. 358 of 2013**

**Gouranga Sahu & Others ...Plaintiffs**
**Vs.**
**Panchu Sahu & Others ...Defendants**

**NOTICE UNDER ORDER 5 RULE 20 (1)(A) CPC**

To:
1.(D 21-a) Rukmuni Sahu, W/o – Late Panchanan Sahu, AT – Ambapal, PO – Patakumunda, PS – Bagedia, SD/Dist – Angul,
2. (D 21-b) Runu Sahu, D/o – Late Panchanan Sahu, AT – Ambapal, PO – Patakumunda, PS – Bagedia, SD/Dist – Angul.
3. (D 21-c) Tuni Sahu, D/o – Late Panchanan Sahu, AT – Ambapal, PO–Patakumunda, PS – Bagedia, SD/Dist – Angul.

Whereas the above-named, Plaintiffs have instituted the above suit against you for partition and allotment of separate share. In the suit you were previously summoned to appear in this Court by person or by your pleader duly instructed and able to answer all material questions relating to the suit. But in spite of all endeavor of the Plaintiffs, you evaded the Court process. As such you are hereby once again summoned to appear in the Court on dated **07.08.2025 at 10:30 A.M.** failing which or in your absence, the suit will be heard and determined in your absence. Given under my hand and the seal of the Court, this **19th day of May 2025.**

**Sd/- Senior Civil Judge, Angul**


**AFFIDAVIT**

By Virtue of an affidavit SL.No-2182/25, dtd 21.07.2025 before the Notary Public, Malkangiri,I, Nande Padiami, have changed my name from **Mande Padiami** to **Nande Padiami**. Henceforth I shall be known as **Nande Padiami** for all purpose.

**Sd/- Nande Padiami**

**AFFIDAVIT**

By virtue of an affidavit vide No.: 31418, dated-19.07.2025, sworn before the notary public, Bhubaneswar, I, G. Rameswari, W/o.: R. Santosh Kumar Reddy, Resident of Plot No.: K2-146, Kalinga Nagar, Ghatikia, Bhubaneswar, PIN-751029, Dist.: Khordha, Odisha, do hereby declare that I have changed my name from G. Rameswari to R. Rameswari Reddy for all future purposes. Henceforth, I shall be known as **R. Rameswari Reddy.**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 17/07/2025, I, Sri Deba Khillo, S/o- Ghadua Khillo, Village - Raising, Post - Raising, PS. - Padua, Dist. - Koraput declare that, I have changed my son's name from **Sukant Khila** to **Sushanta Khillo**. Henceforth, My son shall be known as **Sushanta Khillo** for all purpose.

**Sd/- Deba Khillo**

**AFFIDAVIT**

I Sanjaya Kumar Mahananda(55),residence of Mandal, P.S.Belpara Dist.Balangir,hereby declare that I have changed my name from **Sanjaya Kumar Mahananda** to **Sanjaya Kumar Nanda** vide affidavit no.2377 dated 21.07.2025 before the Executive Magistrate Balangir Hence i will known as **Sanjay Nanda** for all purposes.

**AFFIDAVIT**

I, K Govind Rao, S/o.: K Sriram Rao, resident of Plot No.: 331/1947, Road No.: 6, Sri Aurobinda Nagar, Chandrasekharpur, Near Municipality Kalyan Mandap, Bhubaneswar, Dist.: Khordha, Odisha-751016, declare by this affidavit No.: 208, Dtd: 12.07.2025 that now onwards I shall be known as **K Govinda Rao** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 17/06/2025 I Sri Laxman Gemel, S/o- Bhanja Gemel Vill:- Sadam, Po.-Sadam, Ps. - Pottangi, Dist. - Koraput declare that, I have changed my Daughters name from **Manjula Gemel** to **Tilottama Gemel**. Henceforth, My Daughter shall be known as **Tilottama Gemel** for all purpose.

**Sd/- Laxman Gemel**

**AFFIDAVIT**

**By virtue of an affidavit sworn before the Executive Magistrate, Bhubaneswar C.F. No. 116, on dated 14/07/2025, I GURUDEV SAHOO, S/o Late Sarat Kumar Sahoo resident of Village At- Gadakan Upar Sahi (Padma Bhawan), Po- Mancheswar Railway Colony, Ps- Mancheswar, Dist- Khordha, Odisha - 751017 declare that I have changed my minor son's name from AMRITANSHU SAHOO to AMRITANSU SAHOO. Henceforth, he shall be known as AMRITANSU SAHOO for all future purposes.**

**Sd- GURUDEV SAHOO**

**AFFIDAVIT**

I declare that my name is **Mumtaz Khatoon,** D/o- Mohiuddin Khan, resident of Vill- Manapur, Po- Bisanpur, Ps- Krushnanandapur, Dist- Jagatsinghpur, Odisha, my actually DOB is **07.11.2002,** but wrongly in my Aadhaar Card No- 9317 1877 1508, my name is written as **Mamataj Beggum**, D/o- Mohiuddin khan and my DOB is **2003.** Henceforth, I shall be known as **Mumtaz Khatoon,** D/o- Mohiuddin Khan and DOB- **07.11.2002** in all and everywhere in this name from now.

**Mumtaz Khatoon**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 19/07/2025. I, **Mohammad Mustakim** (new name), formerly called as **MD Mustakiam** (old name), S/o Pharuk Mohammad, permanent resident of AT- Sagarapara Prathamagali, P.O. Titilagarh, P.S. Titilagarh, Dist- Balangir, (Odisha), PIN- 767033 affirm that I have changed my name from **MD Mustakiam** (old name) To **Mohammad Mustakim** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Mohammad Mustakim** (new name).

**Mohammad Mustakim**

# ଶ୍ରାବଣ ଦ୍ୱିତୀୟ ସୋମବାର ‣ ବାବାମଣିଙ୍କୁ ଜଳଲାଗି କଲେ ଲକ୍ଷାଧିକ କାଉଡ଼ିଆ





- ଖାଲଖମା ଓ ଅନ୍ଧାର ରାସ୍ତାରେ ଚାଲିଚାଲି ଆସିଲେ ଭକ୍ତ
- ଭିଡକୁ ଦୃଷ୍ଟିରେ ରଖି ପୀଠରେ ତ୍ରିସ୍ତରୀୟ ସୁରକ୍ଷା

**ଭଦ୍ରକ/ଆରଡି, ୨୧।୭(ସମିସ):** ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ବାବା ଆଖଣ୍ଡଳମଣିଙ୍କୁ ଜଳଲାଗି କଲେ ଲକ୍ଷାଧିକ କାଉଡିଆ। ରବିବାର ମଧ୍ୟାହ୍ନରୁ କାଉଡିଆମାନେ ଧାଡିରେ ଯାଇ ବାବାଙ୍କ ଚଳନ୍ତି ପ୍ରତିମା ଶ୍ରାବଣୀ ମହାଦେବଙ୍କ ଉପରେ ଜଳଲାଗି କରିଥିଲେ। କାଉଡିଆଙ୍କ ବୋଲବମ ଏବଂ ହରହର ବମ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ସମଗ୍ର ଆରଡି ପୀଠ। ଲକ୍ଷାଧିକ କାଉଡିଆ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ପୀଠରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ବୈତରଣୀ ଓ ସାଳନ୍ଦୀ ନଦୀର ତିନିତର, ମୁଆଁ ଓ ଧାନଖଣିଆ ଘାଟ ଦେଇ ନଦୀପାରି ହୋଇ ଆସୁଥିବା କାଉଡିଆଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନଦୀଘାଟର ଉଭୟ ପାର୍ଶ୍ୱରେ ପୁଲିସ ମୁତୟନ ରହିଥିବା ବେଳେ ନଦୀରେ ପଇଁତରା ମାରିଥିଲେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ। ଏପଟେ ଶୃଙ୍ଖଳିତ ଜଳଲାଗି ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ ସହ ମନ୍ଦିର ଭିତରେ ଓ ବାହାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଅଧିକ ସଂଖ୍ୟକ କାଉଡିଆଙ୍କ ସମାଗମ ହୋଇଥିବାରୁ ଜଳାଲାଗି ସମୟରେ ଦୀର୍ଘସମୟ ଧରି ଠେଲାପେଲା ଲାଗି ରହିଥିଲା। ଅନ୍ୟପଟେ ରବିବାର ରାତିରୁ ଭଦ୍ରକ-ଆଖଣ୍ଡଳମଣି ରାସ୍ତାରେ ଟ୍ରାଫିକ ଜାମ ଯୋଗୁଁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ଫଳରେ କାଉଡିଆ ଭକ୍ତ ନାନା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ସେହିପରି ପୀଠର ପ୍ରବେଶପଥ ପାନ୍ଥନିବାସଠାରୁ ମେଡିକାଲ ଛକ ଓ ତିହିଡିପଆରଡି ରାସ୍ତାର ଗୁଡିଆସାହି ଗଳି ଆଦି ଅନେକ ରାସ୍ତା ଅନ୍ଧକାର ହୋଇଥିବାରୁ କାଉଡିଆ ନାନା ଅସୁବିଧାର ସମୁଖୀନ ହୋଇଥିବା ବେଳେ ଖାଲଖମା ରାସ୍ତା ମରାମତି କରାଯାଇ ନ ଥିବାରୁ ବହୁ ଅସୁବିଧାରେ ଚାଲିଚାଲି ଆସିଥିଲେ କାଉଡ଼ିଆ। ଭକ୍ତଙ୍କୁ ଖାଲଖମା ରାସ୍ତା ସାଙ୍ଗକୁ ଅନ୍ଧାର ରାସ୍ତାରେ ସରିସୃପ ଭୟ ଘାରିଥିଲା।

## ସାପ କାମୁଡ଼ାରେ ୨ କାଉଡ଼ିଆ ଗୁରୁତର

**ଭଦ୍ରକ/ଆରଡି, ୨୧।୭(ସମିସ):** ପବିତ୍ର ଶ୍ରାବଣ ମାସରେ ବାବା ଆଖଣ୍ଡଳମଣିଙ୍କୁ ଜଳଲାଗି କରିବା ପାଇଁ ଧାମନଗର ଓ ବାଲେଶ୍ୱର ଅଞ୍ଚଳରୁ ଆସିଥିବା ୨ କାଉଡ଼ିଆ ଭକ୍ତଙ୍କୁ ଏକ ସାପ କାମୁଡିବାରୁ ସେମାନେ ଚେତାଶୂନ୍ୟ ହୋଇ ତଳେ ପଡ଼ି ଯାଇଥିଲେ। ଧାମନଗର ଅଞ୍ଚଳର କାଶୀନାଥ ସାମଲ ଓ ଅନ୍ୟ ଜଣେ ବାଲେଶ୍ୱର ଅଞ୍ଚଳର ବୋଲି ଜଣାଯାଇଛି। ନିକଟରେ ଥିବା ସାଥୀ କାଉଡ଼ିଆ ଖବର ଦେବା ପରେ ତତ୍‌କ୍ଷଣାତ ମନ୍ଦିର ଆମ୍ବୁଲାନ୍ସ ଦ୍ୱାରା ପ୍ରଥମେ ଆରଡି ମେଡିକାଲ ଓ ପରେ ଭଦ୍ରକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ରବିବାର ରାତିରେ ଆରଡି ନିକଟ ଶୀତଳପୁର ଗାଁର କମଳିନୀ ପରିଡ଼ାଙ୍କୁ ଏକ ସାପ କାମୁଡିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ଆରଡି ମେଡିକାଲ ଓ ପରେ ଭଦ୍ରକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ତଳିଆ ଅଞ୍ଚଳରେ ବନ୍ୟାଜଳ ଜମି ରହିବା ଫଳରେ ବହୁ ବିଷଧର ସାପ ପୀଠ ସମେତ ଆଖପାଖ ଅଞ୍ଚଳରେ ବୁଲୁଛନ୍ତି; ହେଲେ ପୀଠର ମୁଖ୍ୟରାସ୍ତା ସହ ସାହି ରାସ୍ତା ଅନ୍ଧାର ରହୁଥିବାରୁ ସ୍ଥାନୀୟ ଲୋକଙ୍କ ସହ ଆଗନ୍ତୁକ କାଉଡ଼ିଆ ଭକ୍ତ ଓ ପର୍ଯ୍ୟଟକମାନେ ଭୟରେ ଯାତାୟତ କରୁଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ୨୭ରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

**ଭଦ୍ରକ, ୨୧।୭(ସମିସ):** ଆସନ୍ତା ୨୭ ତାରିଖ ରବିବାର ଭଦ୍ରକ ନଳାଙ୍ଗ ସ୍ଥିତ ଅଦାଲତ ପରିସରରେ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ବିଚାରାଧୀନ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ ଚୂଡ଼ାନ୍ତ ଓ ଅମଳ ଯୋଗ୍ୟ। ଦୀର୍ଘ ଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ। ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସହିତ ଯୋଗଯୋଗ କରିପାରିବେ ବୋଲି ଜଣାଯାଇଛି।

## ଖରିଫ ଧାନ କ୍ରୟ ପଞ୍ଜୀକରଣରେ ସମସ୍ୟା; ସମାଧାନ ଦାବି



**ଭଣ୍ଡାରିପୋଖରୀ, ୨୧।୭(ସମିସ):** ଚଳିତ ବର୍ଷ ଖରିଫ ଧାନକିଣା ପାଇଁ ଗତ ୧୯ ତାରିଖରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାର ସମୟ ସୀମା ମାତ୍ର ୨୫ ଦିନ ଧାର୍ଯ୍ୟ କରାଯାଇଛି। ହେଲେ ଚଳିତ ବର୍ଷ ପଞ୍ଜୀକରଣ ନିମନ୍ତେ ବହୁ ଜଟିଳତା ଦେଖାଦେଇଛି। ଜମି ପଟ୍ଟାର ମାଲିକ ମୃତ ହୋଇଥିଲେ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଅଥବା ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଆଧାରରେ କେବଳ ପଞ୍ଜୀକରଣ କରାଯାଇପାରିବ ବୋଲି ନିୟମାବଳୀରେ କୁହାଯାଇଛି। ପଞ୍ଜୀକରଣ କରିଥିବା ଚାଷୀମାନେ ମଣ୍ଡି ଅଥବା ସମିତିରେ ଫର୍ମ ଦାଖଲ କରିବେ ଓ ଏହି ଫର୍ମ ଅନଲାଇନ ହେବା ପରେ ଦାଖଲ ଫର୍ମକୁ ଫେରାଇ ନେବେ ବୋଲି କୁହାଯାଇଛି। ବହୁ ପଟ୍ଟାଦାର ମାଲିକମାନେ ଏବେ ମୃତ ହୋଇ ସାରିଥିବାରୁ ଏବେ କମ ସମୟ ମଧ୍ୟରେ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ହାସଲ କରିବା ସମ୍ଭବ ନୁହେଁ। ଏହାର ବିକଳ୍ପ ଭାବେ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଗ୍ରହଣ କରାଯିବ। ହେଲେ ରାଜସ୍ୱ ନିରୀକ୍ଷକମାନେ ତହସିଲଦାରଙ୍କ ନିର୍ଦ୍ଦେଶ ବିନା ରିପୋର୍ଟ ଦେବାକୁ ମନା କରିଦେଇଛନ୍ତି ବୋଲି ଚାଷୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପଞ୍ଜିକରଣ ପାଇଁ ଧାର୍ଯ୍ୟ ସମୟସୀମା କମ ଥିବାରୁ ସରକାର ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ପ୍ରଣାଳୀ ନିଶ୍ଚିତ କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହୋଇଛି।

## ବୃଦ୍ଧି ପାଉଛି ସମସ୍ୟା; ବଢ଼ୁଛି ଅଭିଯୋଗ ‣ ଜିଲ୍ଲାପାଳଙ୍କ ଜନଶୁଣାଣିରେ ୧୬୭ ଅଭିଯୋଗ



**ଭଣ୍ଡାରିପୋଖରୀ/ବାରିକପୁର, ୨୧।୭(ସମିସ):** ସମ୍ପ୍ରତି ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ନିକଟରେ ଏନେଇ ଆପତ୍ତି ଅଭିଯୋଗ ମାନ ବଢ଼ୁଥିବା ଦେଖାଯାଇଛି। ଯାହାକି ଆଜି ଭଣ୍ଡାରିପୋଖରୀରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିରରେ ସ୍ପଷ୍ଟ ପ୍ରମାଣିତ ହୋଇଛି। ଆଜି ଜନ ଶୁଣାଣି ଶିବିରରେ ସର୍ବାଧିକ ୧୬୭ଟି ଅଭିଯୋଗ ଆଗତ ହୋଇଥିବାବେଳେ ପ୍ରଶାସନିକ ଅଧିକାରୀ ଏହାକୁ ସମାଧାନ କରିବାରେ ନାକେଦମ ହୋଇଥିଲେ। ପୂର୍ବରୁ ଏକକାଳୀନ ଏତେଗୁଡ଼ାଏ ଆପତ୍ତି ଅଭିଯୋଗ କେବେ ହୋଇନଥିବା ବେଳେ ଆଜିର ଜନ ଅଭିଯୋଗ ଶୁଣାଣି ଶିବିର ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଆୟୋଜିତ ଶିବିରରେ ଭତ୍ତା ଓ ରାସନ କାର୍ଡ ସମ୍ବନ୍ଧରେ ସର୍ବାଧିକ ୧୦୦ରୁ ଅଧିକ ଅଭିଯୋଗ ହୋଇଛି। ଯାହାର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଏହାଛଡା ପ୍ରଧାନମନ୍ତ୍ରୀ ଆବାସ ଗୃହ, ମନେରେଗା, ଜଳ ନିଷ୍କାସନ, ଜଙ୍ଗଲ, ଶିକ୍ଷା ପ୍ରମୁଖ ବିଭାଗରେ ଅନେକ ଗୁଡିଏ ଅଭିଯୋଗ ହୋଇଥିଲା। ସେହିଭଳି ମାଳଦା ପଞ୍ଚାୟତ ଜଳହରି ଅଙ୍ଗନବାଡି କେନ୍ଦ୍ର ପାଇଁ କର୍ମୀ ନିଯୁକ୍ତିରେ ଅନିୟମିତତା, ଦକ୍ଷିଣବାଡ଼ଠାରେ ଜବରଦଖଲ ହୋଇଥିବା ଜମିକୁ କୋର୍ଟ ନିର୍ଦ୍ଦେଶ ମୁତାବକ ଉଚ୍ଛେଦ କରା ନ ଯିବା, କେନାଲ ଓ ଛତାବର ନୀଳକ ରାସ୍ତା ବିପର୍ଯ୍ୟସ୍ତ ଆଦି ସମ୍ପର୍କରେ ଅଭିଯୋଗ ମାନ ହୋଇଥିଲା। ଯାହାକୁ ନେଇ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ସେଗୁଡିକୁ ତୁରନ୍ତ ଫଇସଲା ପାଇଁ ଅଧିକାରୀଙ୍କୁ କହିଥିଲେ। ଶିବିରରେ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିବା ବେଳେ ଜନୈକ ସାମ୍ବାଦିକଙ୍କ ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ ତୁରନ୍ତ ରେଡ଼କ୍ରସ ପାଣ୍ଠିରୁ ୨୫ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା। ଶିବିରରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ସାମଲ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବିଡ଼ିଓ ଦେବଦତ ଦାସ, ତହସିଲଦାର ରୋଜାଲିନ ବେହେରା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୁଧୀର ରଞ୍ଜନ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡା ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ।

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ




**ବାରିକପୁର, ୨୧।୭(ସମିସ):** ଗ୍ରାମାଞ୍ଚଳରେ ଦିନକୁ ଦିନ ସ୍ୱାସ୍ଥ୍ୟ ସେବା ବିଗିଡି ଯାଉଥିବା ଜଣାପଡ଼ିଛି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କିଛି ଦିନ ହେବ ଜନସାଧାରଣ ଠିକ୍‌ଭାବେ ସେବା ପାଉନାହାନ୍ତି। ମୁଖ୍ୟ ଚିକିତ୍ସକ ବିଭାଗୀୟ ଅଧିକାରୀଙ୍କ ଆଦେଶ ଆଧାରରେ ଅଧା ସମୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରୋଗୀ ଦେଖୁଛନ୍ତି। ଜଣେ ମାତ୍ର ଭରସା ଥିବା ଜନୈକ ଫାର୍ମାସିଷ୍ଟଙ୍କୁ କିଛି ଦିନ ପୂର୍ବରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବଦଳି କରାଯାଇଛି। ତେଣୁ ସ୍ୱାସ୍ଥ୍ୟ ସେବା ଏକପ୍ରକାର ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ଗ୍ରାମବାସୀ ଏନେଇ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ଆଜି ଧାରଣା ଦେଇଥିଲେ। ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଖବର ପହଞ୍ଚିଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୁଧିର କୁମାର ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର କମଳାକାନ୍ତ ସ୍ୱାଇଁଙ୍କୁ ତୁରନ୍ତ ଧାରଣା ସ୍ଥଳକୁ ଯିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ସ୍ୱାଇଁ ତୁରନ୍ତ ରହଣିଆ ଠାରେ ପହଞ୍ଚି ଧାରଣାରତ ମହିଳା ଓ ପୁରୁଷଙ୍କୁ ବୁଝାସୁଝା କରିଥିଲେ। ବଦଳି ହୋଇ ଯାଇଥିବା ଫାର୍ମାସିଷ୍ଟ ସପ୍ତାହର ତିନି ଦିନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରୋଗୀ ଦେଖବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ମେଡିକାଲ ଛାତରୁ ଖସିଲା ପ୍ଲାଷ୍ଟରଖଣ୍ଡ ‣ ବର୍ତ୍ତିଲେ ଜଣେ କର୍ମଚାରୀଙ୍କ ସମେତ ୩ ରୋଗୀ





**ଭଦ୍ରକ/ଆରଡି, ୨୧।୭(ସମିସ):** ଭଦ୍ରକ ଜିଲ୍ଲା ଆରଡି ପୀଠରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଗତ ୬ମାସ ତଳେ ନିର୍ମିତ ହୋଇଥିବା ମେଡିକାଲ କୋଠାରେ ରୋଗୀ ଚିକିତ୍ସା ଚାଲୁଥିବା ସମୟରେ ହଠାତ୍ ଛାତରୁ ଖସିଥିଲା ବଡ଼ ପ୍ଲାଷ୍ଟରଖଣ୍ଡ। ଫଳରେ ଜଣେ କର୍ମଚାରୀଙ୍କ ସହିତ ୩ ଜଣ ରୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସୋମବାର ଶ୍ରାବଣୀ ଉତ୍ସବ ପାଇଁ ମେଡିକାଲ ପରିସର ଭିଡ ରହିଥିବା ବେଳେ, ଏପରି ଘଟଣା ଘଟିବା ପରେ ଭୟଭୀତ ହୋଇ ରୋଗୀ ଓ କର୍ମଚାରୀ ବାହାରକୁ ପଳାଇ ଆସିଥିଲେ। ସୂଚନା ଯୋଗ୍ୟ ଯେ, , ଗତ ୬ମାସ ହେବ ନବ ନିର୍ମିତ କୋଠାକୁ ସ୍ଥାନାନ୍ତର ହୋଇଥିଲା ମେଡିକାଲ। ହେଲେ ଆଜି ଏପରି ଘଟଣା ଘଟିବା ପରେ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଏପରି ଘଟଣା ଘଟିଥିଲେ ମଧ୍ୟ କାର୍ଯ୍ୟରତ ଡାକ୍ତର ଛାଡି ପଳାଇ ଯାଇଥିଲେ।

## ପାକ୍ସ ବୈଠକରେ ଗୋଦାମ ଘର ନିର୍ମାଣ ସ୍ଥାନକୁ ନେଇ ଅସନ୍ତୋଷ


**ଭଣ୍ଡାରିପୋଖରୀ, ୨୧।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକର ସରସଦା ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ପରିଦେ ବୈଠକ ସଭାପତି ଅବିନାଶ ରାଉତଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମିତିର ଗୋଦାମଘର ସ୍ଥାନ ନିରୂପଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏଥିରେ ସମିତିର ପରିଚାଳନା ନିର୍ଦ୍ଦେଶକ ନାଗେଶ୍ୱର ବେହେରା, ଜିତେନ୍ଦ୍ର ନାୟକ, ହିମାଂଶୁ ଧଳ, ବିଜୟ ସାମଲ, ଗିରିଶ ରାଉତ, ଗୋଲାପି ସାହୁ, ପ୍ରଣତୀ ସାମଲ, ମଧୁସୂଦନ ଜେନା ଓ ଗୋବର୍ଦ୍ଧନ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମିତିର ଗୋଦାମ ଘର ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ମିଳିଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ନିମନ୍ତେ ସମିତି ଠାରୁ ୫ କିଲୋମିଟର ଦୂରରେ ସ୍ଥାନ ନିରୂପଣ କରାଯାଇଛି। ଏହା ସମିତି ସ୍ୱାର୍ଥ ଅନୁକୂଳ ନୁହେଁ ବୋଲି ବୈଠକରେ ନିଷ୍ପତ୍ତି ହୋଇ ପୁର୍ନବିଚାର କରାଯିବାକୁ ଦାବି ହୋଇଥିଲା।

## ଉତ୍ତରବାହାରେ ଶହୀଦ ଦିବସ ପାଳିତ

**ତିହିଡି, ୨୧।୭(ସମିସ):** ତିହିଡ଼ି ବ୍ଲକ ଅନ୍ତର୍ଗତ ଅଚକ ପଞ୍ଚାୟତ ଉତ୍ତରବାହା ଗ୍ରାମରେ ଶହୀଦ ତାପସ ମଲ୍ଲିକଙ୍କ ଜନ୍ମ। ସେ ୨୦୦୫ ମସିହାରେ ଆତଙ୍କବାଦୀଙ୍କ ସହ ଲଢୁଥିବା ସମୟରେ ଦେଶ ମାତୃକା ପାଇଁ ଶହୀଦ ହୋଇଥିଲେ। ତାଙ୍କର ଶହୀଦ ଦିବସ ତିହିଡ଼ିର ଅଗ୍ରଣୀ ସାମାଜିକ ସଂଗଠନ ତିହିଡ଼ି ଯୁବମଞ୍ଚ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପାଳିତ ହୋଇଯାଇଛି। ଆଜିର ୨୦ତମ ଶହୀଦ ଦିବସରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଶହୀଦ ତାପସ ମଲ୍ଲିକଙ୍କ ସାହାସିକତା ଏବଂ ବଳିଦାନ ଯୁବପୀଢ଼ିଙ୍କ ପାଇଁ ଏକ ପ୍ରେରଣା। ଉକ୍ତ କାର୍ଯ୍ୟକ୍ରମରେ ଶହୀଦଙ୍କ ପିତା ଅକ୍ଷୟ ମଲ୍ଲିକ, ସଙ୍ଗଠନର ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ, ସଂଯୋଜକ ଆଇନଜୀବି ନୀଳମାଧବ ସେନାପତି, ସମାଜସେବୀ ମନୋଜ ସେନାପତି, କୋଷାଧ୍ୟକ୍ଷ ସାକିରୁଦ୍ଦିନ ଖାଁ, ସୌମ୍ୟ ଗୋପାଳ ନାୟକ, ସୟଦ ରଫିକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଶାଖା କେନାଲରେ ପାଣି ଆସୁନି; ଚାଷୀ ହତାଶ

ବାରିକପୁର, ୨୧।୭(ସମିସ)



ଚଳିତ ବର୍ଷ ଖରିଫ ଧାନ ଫସଲ ପାଇଁ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଧାନତଳି ପକାଇବା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ଷା ପୂର୍ବରୁ ପଡ଼ିଥିବା ଧାନ ତଳି ଏବେ ପ୍ରାୟତଃ ଗଛ ହୋଇଗଲାଣି। ତେଣୁ ତଳି କିଆରି ପାଇଁ ଏବେ ପାଣିର ପ୍ରଚୁର ଆବଶ୍ୟକତା ରହିଛି। ଦୁଇ ଚାରି ଦିନ ହେବ

**ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ଚାଷୀ**

ବର୍ଷା ନ ଥିବା ଯୋଗୁଁ ଧାନ ତଳି ପଡ଼ିଥିବା ଚାଷ ଜମିଗୁଡିକ ଶୁଖି ଗଲାଣି। ଯାହାକୁ ନେଇ ଚାଷୀ ହତୋତ୍ସାହିତ ହୋଇଛନ୍ତି। ଏହି ସମୟରେ କେନାଲ ପାଣି ଆସୁ ନ ଥିବାରୁ ଚାଷୀ ନିରାଶ ହୋଇଛନ୍ତି। ସୂଚନା ମୁତାବକ, ବ୍ଲକର ସରସଦା, କୋରିଗାଁ, ରହଣିଆ, ମାଳଦା ପ୍ରମୁଖ ପଞ୍ଚାୟତ ଅଞ୍ଚଳକୁ କେନାଲ ପାଣି ମାଡୁନାହିଁ। ଯାହାକୁ ନେଇ ଚାଷୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଧାମନଗର ଜଳ ସମ୍ପଦ ବିଭାଗ ପକ୍ଷରୁ ତିନି ନମ୍ବର ମୁଖ୍ୟ କେନାଲ ସମେତ ୩ ନମ୍ବର 'କ' ଓ 'ଖ' କେନାଲ ଜରିଆରେ ଚାଷ ଜମିଗୁଡ଼ିକୁ ପାଣି ଯୋଗା ଯାଇଥାଏ। ତିନିଟି ମୁଖ୍ୟ କେନାଲର ବେଡ କାଟିବା ବିନା ଅତି ତରବରିଆ ଭାବେ ଘାସ ଲଟା ସଫା ହୋଇଥିବା ବେଳେ ସେଥିରେ ଏବେ ପାଣି ବୁନ୍ଦାଏ ନ ଆସିବା ପରିତାପର ବିଷୟ ପାଲଟିଛି। ହାଇଲେବୁଲ କେନାଲରେ ପାଣି ସମ୍ପୂର୍ଣ୍ଣ ଛଡା ଯାଇଥିଲେ ସୁଦ୍ଧା ଶାଖା କେନାଲରେ ପାଣି ଆସୁନାହିଁ। ଅନ୍ୟପଟେ ଅନେକ ମାଇନର ଓ ସବମାଇନର ଏଯାଏଁ ଗୁଳ୍ମ ଲତାରେ ଭର୍ତ୍ତି ହୋଇଛି। ସେଗୁଡିକୁ ପୁନରୁଦ୍ଧାର ପାଇଁ ବିଭାଗ ଏଯାଏଁ ତତ୍ପରତା ପ୍ରକାଶ କରିନାହିଁ। ଏପରି ସ୍ଥଳେ ଚାଷୀ ପାଣି ବିନା ହତାଶ ହୋଇଛନ୍ତି। ବିଶେଷ କରି ମାଳଦା, ରାଢୋ, ରହଣିଆ, ପୁରସ୍ତମପୁର, ଚତୁର୍ଭୁଜପୁର, କଲ୍ୟାଣପୁର, ଶ୍ୟାମସୁନ୍ଦରପୁର, ହାଜିପୁର, ସରପଦା, ବେଲଗଡ଼ିଆ, ନୂଆପୋଖରୀ ପ୍ରମୁଖ ଅଞ୍ଚଳରେ ତଳି ପଡ଼ିଥିବା ଚାଷ ଜମିଗୁଡିକ ଶୁଖିଲା ପଡ଼ିଥିବା ଅଭିଯୋଗ ହୋଇଛି। ଏ ନେଇ କିଛି ଚାଷୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆପତ୍ତି କରିଛନ୍ତି। ଏ ନେଇ କେନାଲ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ମତାମତ ନେବାରୁ ବର୍ଷା ଯୋଗୁଁ କେନାଲ କବାଟ ଖୋଲିବା ବିଳମ୍ବିତ ହୋଇଛି। ଏବେ ବର୍ଷା ନ ଥିବାରୁ ଚାଷୀ ପାଣି ପାଇଁ ଜଣାଇଛନ୍ତି। ଏହାଛଡା ମାଇନର ଓ ସବ ମାଇନରଗୁଡ଼ିକୁ ପାଣି ପଞ୍ଚାୟତ ଜରିଆରେ ସଫା କରି ଯଥାଶୀଘ୍ର ସମ୍ପୃକ୍ତ ଅଞ୍ଚଳରେ କେନାଲ ପାଣି ପହଞ୍ଚିଯିବ ବୋଲି ଅଧିକାରୀ ଜଣକ କହିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବାରିକପୁର, ୨୧।୭(ସମିସ):** ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର ଛଚାବର ନିକଟସ୍ଥ ଏକ ଢାବା ନିକଟରେ ଗୋଟିଏ ବାଇକ୍ କୁ ଟ୍ରକ ଧକ୍କା ଦେବାରୁ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଯୁବକ ମଧ୍ୟ ଏଥିରେ ଗୁରୁତର ଆହତ ହୋଇ କଟକ ମେଡିକାଲଠାରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ସରସଦା ପଞ୍ଚାୟତ ନେନ୍ତିପୁର ଗାଁର ଦିଲ୍ଲୀପ ଜେନାଙ୍କ ପୁଅ ସାଗର (୨୨) ଗତ ରବିବାର ରାତି ପ୍ରାୟ ଦଶଟା ବେଳେ ଛତାବର ପଟୁ ଦାଦା ପୁଅ ଭାଇ ରଞ୍ଜିତକୁ ବାଇକ୍‌ରେ ବସାଇ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଟ୍ରକ ବାଇକ୍‌କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣା ଯାଇଥିବା ବେଳେ ଡାକ୍ତର ସାଗରକୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏକ ମାମଲା ରୁଜୁ କରିଛି। ଏଠାରେ ସୂଚିତ ଛତାବରଠାରେ ଥିବା ଢାବାଗୁଡିକ ପାର୍ଶ୍ୱରେ ବେଆଇନ ପାର୍କିଂ ହେଉଥିବା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ମାନ ଘଟୁଛି। ତେଣୁ ଏହା ଉପରେ ପ୍ରଶାସନିକ ଅଧିକାରୀ ମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି।

**● ଟ୍ରକ୍‌କୁ ପଛରୁ ଧକ୍କାଦେଲା ବସ୍**

## ଜଣେ ମୃତ; ୩ ମହିଳା ଯାତ୍ରୀ ଗୁରୁତର, ୧୦ଆହତ

ଭଦ୍ରକ,୨୧।୭(ସମିସ): ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଟ୍ରକ୍ ପଛରୁ ବସ୍ ଧକ୍କାଦେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ ଯାତ୍ରୀ ଆହତ ଓ ୩ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ସୂଚନାନୁଯାୟୀ, ଯଶୋଦା ନାମକ ଯାତ୍ରୀବାହୀ ବସଟି ଭୁବନେଶ୍ୱରରୁ ବାରିପଦା ଅଭିମୁଖେ ଯାଉଥିବା ବେଳେ ଟ୍ରକ୍‌କୁ ରାଜପଥର ପେଟ୍ରୋଲ ପମ୍ପ ନିକଟରେ ପଛରୁ ଧକ୍କା ଦେଇଥିଲା। ଫଳରେ ୧୦ଜଣ ବସ୍‌ଯାତ୍ରୀ-ସୁପ୍ରଭା ମାଝୀ(୨୫), ମୀନତି ବେହେରା(୨୦), ଦେବଲକ୍ଷ୍ମୀ ମହାନ୍ତି(୨୩), ସନ୍ତୋଷ ସାହୁ(୫୧), ବିଲମଙ୍ଗଳ ପାତ୍ର(୫୨), ସବିତା ପଢିଆରୀ(୫୦), ଭାରତ ମହାଲିକ(୫୪), ମୃତ୍ୟୁଞ୍ଜୟ ପତ୍ରୀ(୨୩), ସୌମ୍ୟରଞ୍ଜନ ମହାନ୍ତି(୨୪), ଅନାମ ସିଂ(୩୧)। ଦୁର୍ଘଟଣା ଖବର ପାଇ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଯାତ୍ରୀଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବସ୍‌ରେ ପ୍ରାୟ ୬୦ରୁ ଅଧିକ ଯାତ୍ରୀ ଥିବା ସୂଚନା ମିଳିଛି। ଦୁର୍ଘଟଣାରେ ୩ ଗୁରୁତର ମହିଳା ଯାତ୍ରୀ-ସାବିତ୍ରୀ, ସୁପ୍ରଭା ଓ ମୀନତୀଙ୍କୁ ଭଦ୍ରକରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କଟକ ସ୍ଥାନାନ୍ତର ବେଳେ ଗୁରୁତର ମହିଳାଯାତ୍ରୀ ସବିତା ପଢିଆରୀଙ୍କ ବାଟରେ ମୃତ୍ୟୁ ଘଟିଛି। ମୃତା ହେଉଛନ୍ତି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଟିଙ୍ଗିରାପଡା ଗାଁର ସୁରେଶ ପଢିଆରୀଙ୍କ ପତ୍ନୀ ବୋଲି ଜଣାଯାଇଛି।

## ତିହିଡ଼ି ବଜାରରେ ଜଳିଗଲା ଦୋକାନ




ତିହିଡ଼ି,୨୧।୭(ସମିସ): ତିହିଡ଼ି ବଜାରରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୩ଟି ଦୋକାନ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିବା ବେଳେ ଅନ୍ୟ କେତେକ ଦୋକାନର ମଧ୍ୟ ଆଂଶିକ କ୍ଷତି ଘଟିଛି। ଖବର ପାଇ ତିହିଡ଼ି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବଜାରରେ ଥିବା ମୂରଲିଧର ସାହୁଙ୍କ ଜଳଖିଆ ଦୋକାନ, ସୁଦାମ ଜେନାଙ୍କ ଫୁଲ ଦୋକାନ, ବିକାଶର କରଙ୍କ ଏକ୍ସରେ ଦୋକାନ ପୋଡ଼ି ଯାଇଥିବା ଜଣାପଡ଼ିଛି। ସେହିପରି ଚନ୍ଦ୍ରକାନ୍ତ ମହାନ୍ତିଙ୍କର ଷ୍ଟୁଡିଓ ଏବଂ ଦୟାନିଧି ସାହୁଙ୍କର ଫୁଲ ଦୋକାନ ମଧ୍ୟ ଆଂଶିକ କ୍ଷତି ଘଟିଛି।

## 'ବୃକ୍ଷ ହିଁ ଜୀବନ' ଚାରାରୋପଣ କାର୍ଯ୍ୟକ୍ରମ

ଭଦ୍ରକ,୨୧।୭(ସମିସ): ଚରମ୍ପା ବରିଷ୍ଠ ନାଗରିକ ସଂଘ ଓ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ମିଳିତ ସହଯୋଗରେ ଚରମ୍ପା ପଥରଆଡି ରାସ୍ତାପାର୍ଶ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ସଂଘର ସଦସ୍ୟ ଅମର ନାଥ ସାହୁ, କାଳନ୍ଦୀ ଚରଣ ପାତ୍ର, ଦୟାନିଧି ପୁହାଣ, ପ୍ରଭାକର ଦାସ, ନରେନ୍ଦ୍ର କୁମାର ପଟ୍ଟନାୟକ, ଜଗବନ୍ଧୁ ମହାନ୍ତି, ଗୋପୀନାଥ ନାୟକ, ଆନନ୍ଦ ପାଣିଗ୍ରାହୀ, ସଭାପତି ଗଗନ ବିହାରୀ ରାଉତ, କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ଦିଲ୍ଲୀପ ନାୟକ, ରାଣୀତାଲ ସଂଘର ସମ୍ପାଦକ ଦଶରଥ ପଣ୍ଡା, ଅର୍ଣ୍ଣପାଳ ସଂଘର ସଭାପତି ରଘୁନାଥ ସାହୁ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ସମସ୍ତ ବରିଷ୍ଠ ନାଗରିକ ସଂଘ ଚାରାରୋପଣ କାର୍ଯ୍ୟକ୍ରମ କରିବାକୁ ଅନୁରୋଧ କରିଥିଲେ। ଶେଷରେ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଅତିଥିମାନଙ୍କୁ ସାଧାରଣ ସମ୍ପାଦକ ଶ୍ରୀ ମହାପାତ୍ର ଗୋଲାପ ଫୁଲ ଦେଇ କୃତଜ୍ଞତା ଜ୍ଞାପନ କରିଥିଲେ।



## ଚାରାରୋପଣ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ

ଧାମନଗର,୨୧।୭(ସମିସ): ଧାମନଗର ବ୍ଲକ ଅଧୀନ ଯାଦବ ମହାସଭା ପକ୍ଷରୁ ସରେଇ-ଚୁଡ଼ାକୁଟି ପଞ୍ଚାୟତ ଅଧୀନ ସୋରିଷଡିହ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ ଏବଂ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାଦବ ମହାସଭାର ଶତାଧିକ କାର୍ଯ୍ୟକର୍ତ୍ତା ସମ୍ମିଳିତ ହୋଇ ଶିକ୍ଷାନୁଷ୍ଠାନ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ। ବ୍ଲକ୍ ଯାଦବ ମହାସଭାର ସଭାପତି ଶିକ୍ଷାବିତ ସୁବାସ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ଧାମନଗର ଏବିଓ ସତ୍ୟସୁନ୍ଦର ପରିଡ଼ା, ଚୁଡାକୁଟି ସରପଞ୍ଚ କସ୍ତୁରୀ ବିଶ୍ୱାଳ, ଉପସଭାପତି କ୍ଷେତ୍ରବାସୀ ବାରିକ, ଅସୁରାଳି ଜୋନ୍ ସଭାପତି ରବିନ୍ଦ୍ର ନାଥ ଦାସ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରେମାନନ୍ଦ ଯେନା, ପୂର୍ବତନ ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ପତି ଓ ପୂର୍ବତନ ଜିଲ୍ଲା ଯୁବ ଯାଦବ ସଭାପତି ରାଜୀବ ଲୋଚନ ଦାସ, ସାଧାରଣ ସମ୍ପାଦକ ନାଟ୍ୟକାର କୁଳମଣି ବେହେରା, ଦୋବଲ ଜୋନ୍ ସଭାପତି ବିଶ୍ୱନାଥ ବେହେରା ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ସମ୍ପାଦକ ମାଧବ ଚନ୍ଦ୍ର ଖଟୁଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଚଳିତବର୍ଷ ହାଇସ୍କୁଲ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଇପ୍ସିତା ବେହେରା, ପ୍ରତୀକ୍ଷା ପ୍ରିୟଦର୍ଶିନୀ ପଲାଇ, ଦେବଶ୍ରୀ ପରିଡ଼ା, ସୋନାଲି ବେହେରାଙ୍କ ସମେତ କବି ଉଦୟକର ଦାସ ଏବଂ ସମାଜସେବୀ ହାଡ଼ିବନ୍ଧୁ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୌରୀଶ୍ୟାମ ପରିଡ଼ା, ସାନନ୍ଦ ବେହେରା, ରଞ୍ଜନ ବେହେରା, ରାଜେନ୍ଦ୍ର ବେହେରା, ମାନଗୋବିନ୍ଦ ଦାସ, ଖଗେଶ୍ୱର ମହାକୁଡ଼, ନାରାୟଣ ବାରିକ, ଶିଶିର ଦାସ, ତପନ ବେହେରା, କାହ୍ନୁ ଖିଲାର, ଅରୁପା ଦାସ, ବିଭୁତି ବାରିକ, ଧନେଶ୍ୱର ମହାକୁଡ଼, ଭାଗିରଥି ମହାକୁଡ଼, ଗଙ୍ଗାଧର ମହାକୁଡ଼, ପ୍ରଫୁଲ୍ଲ ବେହେରା, ଦୁଃଶାସନ ଦାସ, ଶ୍ରୀରାମ ଦାସ ପ୍ରମୁଖ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ଯୁବ ଯାଦବ ସଭାପତି ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

**ଶ୍ରାବଣର ଦ୍ୱିତୀୟ ସୋମବାର**

# ଜଳଲାଗି ପାଇଁ ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼



ବନ୍ତ/ଆଗରପଡ଼ା,୨୧।୭(ସମିସ)

ବନ୍ତ ବ୍ଲକ୍ ବହୁ ଐତିହ୍ୟ ସମ୍ପନ୍ନ ଶୈବପୀଠକୁ ନିଜ କୋଳରେ ଧରି ଅଞ୍ଚଳର ଗାରିମା ବୃଦ୍ଧି କରିବାସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଯାହାର ଜ୍ୱଳନ୍ତ ଉଦାହରଣ ଶ୍ରାବଣ ମାସ ସୋମବାର। ଶିବଙ୍କ ଉପରେ ଜଳଲାଗିର ପର୍ବ ଆରମ୍ଭ ହୋଇଯାଇଥିବାରୁ ଏହି ବାରରେ ବନ୍ତ ଓ ଏହାର ଆଖପାଖ ଅଞ୍ଚଳରୁ କାଉଡ଼ିଆମାନଙ୍କର ଭିଡ଼ ଲାଗିଥାଏ। ବନ୍ତରେ ବାବା ବରଢ଼େଶ୍ୱର, ଆଡ଼ିଆରେ ବାବା ଆରଢ଼େଶ୍ୱର, ଆଗରପଡ଼ାରେ ପୂଜାପାଉଥିବା ବିଭିନ୍ନ ଶୈବପୀଠ ଯଥା ବିଟିପୁରସ୍ଥିତ ଶିରିଡ଼ି ରାମେଶ୍ୱର, ଅଣିଜୋସ୍ଥିତ ସିଦ୍ଧେଶ୍ୱର ମହାଦେବ, ପୁରୁଷଣ୍ଡସ୍ଥିତ ବାବା ପାରକେଶ୍ୱର ମହାଦେବ ଏବଂ ରାଉତୁରାପୁର-ମହାନ୍ତିପଡ଼ା-ତ୍ରିସାଳିଆ ଗ୍ରାମର ମଧ୍ୟସ୍ଥଳରେ ପୂଜା ପାଉଥିବା ବାବା ସୁବର୍ଣ୍ଣେଶ୍ୱର ମହାଦେବ ଆଦି ପୀଠରେ କାଉଡ଼ିଆଙ୍କ ଭିଡ଼ ଲାଗିରହିଥାଏ। ବନ୍ତ ଓ ଆଗରପଡ଼ାରୁ ବିଭିନ୍ନ ସ୍ଥାନକୁ ସୋମବାର କାଉଡ଼ିଆମାନେ ବସ୍, ବୋଲେରୋ, ମିନିଟ୍ରକ ଆଦିରେ ବିଭିନ୍ନ ଶୈବପୀଠ ଆଡ଼କୁ ଯାଇଥିଲେ। ଆରଡ଼ିସ୍ଥିତ ଆଖଣ୍ଡଳମଣୀ, ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ, ପୁରୀସ୍ଥିତ ଲୋକନାଥ, ନୀଳଗିରିସ୍ଥିତ ପଞ୍ଚଲିଙ୍ଗେଶ୍ୱର ଆଦି ଶୈବପୀଠଗୁଡ଼ିକୁ ଶ୍ରାବଣର ସୋମବାରରେ ଜଳଲାଗି କରିବାକୁ କାଉଡ଼ିଆମାନେ ଯାଉଥିଲେ। ସେହିପରି ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ସାଳନ୍ଦୀ ନଦୀରୁ ଜଳ ଉଠାଇ ବୋଲ୍‌ବମ, ଜଟିଆବାବା ପାର୍ କରେଗା ଧ୍ୱନିଦେଇ ଭକ୍ତିପୂର୍ଣ୍ଣ ପରିବେଶରେ ବନ୍ତରେ ବାବା ବରଢ଼େଶ୍ୱର, ଆଡ଼ିଆରେ ବାବା ଆରଢ଼େଶ୍ୱର, ଆଗରପଡ଼ାରେ ପୂଜାପାଉଥିବା ବିଭିନ୍ନ ଶୈବପୀଠ ଯଥା ବିଟିପୁରସ୍ଥିତ ଶିରିଡ଼ି ରାମେଶ୍ୱର, ଅଣିଜୋସ୍ଥିତ ସିଦ୍ଧେଶ୍ୱର ମହାଦେବ, ପୁରୁଷଣ୍ଡସ୍ଥିତ ବାବା ପାରକେଶ୍ୱର ମହାଦେବ ଏବଂ ରାଉତୁରାପୁର-ମହାନ୍ତିପଡ଼ା-ତ୍ରିସାଳିଆ ଗ୍ରାମର ମଧ୍ୟସ୍ଥଳରେ ପୂଜା ପାଉଥିବା ବାବା ସୁବର୍ଣ୍ଣେଶ୍ୱର ମହାଦେବ ଆଦି ପୀଠରେ ପ୍ରଭୁଙ୍କ ପାଖକୁ ଜଳଲାଗି ପାଇଁ କାଉଡ଼ିଆଙ୍କ ଭିଡ଼ ଲାଗିରହିଥିଲା। କାଉଡ଼ିଆମାନେ ପ୍ରଭୁଙ୍କ ନାମଙ୍କୁ ସ୍ମରଣ କରି ଲକ୍ଷ୍ୟପଥରେ ଅଗ୍ରସର ହେଉଥିବାର ଭାବପୂର୍ଣ୍ଣ ପରିବେଶ ଏକ ସ୍ୱତନ୍ତ୍ର ଧାର୍ମିକ ଭାବନା ସୃଷ୍ଟି କରିଥିଲା। ସେମାନଙ୍କ ପାଇଁ ବିଭିନ୍ନ ଗ୍ରାମର ଛକରେ ଓ ମନ୍ଦିରରେ ବିଶ୍ରାମ ନେବା ଆଦିର ସୁବିଧା କରିଥିବାର ଦେଖିବାକୁ ମିଳିଥିବା ବେଳେ ଏହି ଅବସରରେ ବନ୍ତ ବ୍ଲକର ବିଭିନ୍ନ ଅଞ୍ଚଳରେ ଲୁଗା ଓ ଫଳଫୁଲ ଦୋକାନମାନଙ୍କରେ ଭିଡ଼ ଲାଗିଥିବାର ଦେଖିବାକୁ ମିଳିଛି।

### କୁମ୍ଭୀର ପ୍ରବଣ ନଦୀରୁ ବିପଦପୂର୍ଣ୍ଣ ଭାବେ ଜଳଭାର ଉଠାଉଛନ୍ତି କାଉଡ଼ିଆ

**ସୁରକ୍ଷା ପାଇଁ ପ୍ରଶାସନର ନାହିଁ ନଜର**

ଭଦ୍ରକ/ଅସୁରାଳି: ପ୍ରତିବର୍ଷ ଶ୍ରାବଣ ମାସରେ ଅନୁଷ୍ଠିତ କାଉଡ଼ିଆ ଯାତ୍ରା ଓ ଜଳାଭିଷେକ ଉପଲକ୍ଷରେ ଜିଲ୍ଲା ଓ ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଶିବ ଭକ୍ତମାନେ ବୈତରଣୀ ନଦୀରୁ ଜଳ ଉଠାଇ ଆରଡ଼ି ଅଞ୍ଚଳରେ ଅବସ୍ଥିତ ଶିବ ମନ୍ଦିରରେ ଜଳାଭିଷେକ କରନ୍ତି। ବୈତରଣୀରୁ ଜଳ ଉଠାଇ ଭଦ୍ରକସ୍ଥିତ ଆରଡ଼ିରେ ହଜାର ହଜାର କାଉଡ଼ିଆ ଜଳାଭିଷେକ କରିଥାନ୍ତି। ଜଳଭାର ଉଠାଇବା ସମୟରେ କୁମ୍ଭୀର ଆକ୍ରମଣର ପ୍ରତିବର୍ଷ କେହି ନା କେହି ଶିକାର ହୋଇଥାନ୍ତି। ଗାନ୍ଧିଘାଟ, ସାହୁ ସାହି, ସୁନ୍ଦରପୁରଦୋହରା ପାଟଣା, ଶାଠୀ ବାଙ୍କୁଡ଼ା ଆଦି ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ କାଉଡ଼ିଆମାନେ ଜଳଭାର ଉଠାଉଛନ୍ତି। ପ୍ରଥମତଃ ଏହା କୁମ୍ଭୀର ପ୍ରବଣ ଅଞ୍ଚଳ ଦ୍ୱିତୀୟରେ ଶ୍ରାବଣ ସମୟରେ ଜଳସ୍ତର ଅଧିକ ଥିବା ଯୋଗୁଁ କାଉଡ଼ିଆଙ୍କୁ ଜଳଭାର ଉଠାଇବାରେ ଅତି କଷ୍ଟ ହୋଇଥାଏ। ଭାରା ଦେବା ପାଇଁ କିଛି ବ୍ୟବସ୍ଥା ନାହିଁ କି କୁମ୍ଭୀରମାନଙ୍କଠୁ ସୁରକ୍ଷା ନିମିତ୍ତ ତାର ଜାଲି ନାହିଁ। ସୁରକ୍ଷା ପାଇଁ ବହୁ ଥର ଦାବି କରିଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଆଗାମୀ ଦିନରେ ଆହୁରି ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିବ ଏହି ସମସ୍ୟା ପ୍ରତି ଧ୍ୟାନ କେନ୍ଦ୍ରିତ ନ କଲେ ଅଞ୍ଚଳବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଶୁଭାରମ୍ଭ



ଭଦ୍ରକ,୨୧।୭(ସମିସ): ଭଦ୍ରକ ତହସିଲ ଅଧୀନ କୋରକୋରା ପଞ୍ଚାୟତ କାର୍ଯ୍ୟାଳୟରେ "ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଜିଲ୍ଲାର ପ୍ରଥମ ବୋଲି ଜଣାଯାଇଛି। ଏଥିରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଅତିରିକ୍ତ ତହସିଲଦାର ସୁକାନ୍ତ ଦାଶ, ରାଜସ୍ୱ ପରିଦର୍ଶକ ବିକାଶ କୁମାର ଦାସ ଓ ସାତଭଉଣୀ ରାଜସ୍ୱ ନିରୀକ୍ଷକ ସୁଦର୍ଶନ ପତିଙ୍କ ସମେତ କୋରକୋରା, ବିଲାବାଡ଼ି, ନାଙ୍ଗୁଡ଼ି, ହରିପୁର ଓ ଆଖପାଖ ଅଞ୍ଚଳର ସାଧାରଣ ଗ୍ରାମବାସୀ ଏବଂ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ। ଏଅବସରରେ ମୃତ୍ୟୁ ଆସାମୀଙ୍କ ନାମକୁ ସଂଶୋଧନ ପାଇଁ ପୂର୍ବରୁ ଗ୍ରହଣ କରାଯାଇଥିବା ସଂଶୋଧିତ ନୂତନ ପଟ୍ଟା ତାଙ୍କର ଉତ୍ତରାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା ଏବଂ ନୂତନ ଦରଖାସ୍ତ ଗ୍ରାମବାସୀଙ୍କ ନିକଟରୁ ଗ୍ରହଣ କରାଯାଇଥିଲା। ଏଥିସହ ଶ୍ରୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ପ୍ରକାରର ରାଜସ୍ୱ ସମସ୍ୟାର ଅଭିଯୋଗ ଗୁଡିକର ତ୍ୱରିତ ସମାଧାନ କରାଯାଇଥିଲା। ଭଦ୍ରକ ତହସିଲ ଅଧୀନ ସମସ୍ତ ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ "ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ହେବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପରିଦର୍ଶକ, ଅତିରିକ୍ତ ତହସିଲଦାର ଓ ତହସିଲଦାର ରହିବେ ବୋଲି ସୂଚନା ମିଳିଛି।

## ଶତାୟୁ ମାତାଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା

ଭଦ୍ରକ,୨୧।୭(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ନୂଆଗାଁ ପଞ୍ଚାୟତର ଆଦର୍ଶ ଶତାୟୁ ମାତା କ୍ଷେତ୍ରମଣି ବଳଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ସଭା ବରିଷ୍ଠ ଚାଷୀ ନେତା ଅଭିରାମ ବଳଙ୍କ ସଭାପତିତ୍ୱରେ ନିଜ ଗ୍ରାମ ବିଶ୍ୱନାଥପୁରରେ ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରମଣି ବଳଙ୍କ ଭଦ୍ରକ ଜଗନ୍ନାଥପୁର ସ୍ଥିତ ବାସଭବନରେ ୧୧୨ବର୍ଷ ବୟସରେ ପରଲୋକ ଘଟିଥିଲା। ସେ ଥିଲେ ଜଣେ ଆଦର୍ଶ ମାତା, ପରୋପକାରୀ ଓ ଧର୍ମପରାୟଣା। ସଭାରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଦସ୍ୟ ବିକାଶ ନାଥ, ସିପିଆଇ(ଏମ)ର ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ଗିରିଧାରୀ ନାଥ, ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ସମ୍ପାଦକ ଗୌରାଙ୍ଗ ଯେନା, ଦଳିତ ନେତା ହାକିମ ଦାସ, ଶିକ୍ଷାବିତ ଅନ୍ତର୍ଯ୍ୟାମୀ ବିଲାସ, ଅମୂଲ୍ୟ ବିଲାସ, ମାତା କ୍ଷେତ୍ରମଣିଙ୍କ କନିଷ୍ଠ ପୁତ୍ର ଅବସରପ୍ରାପ୍ତ ଖେଳଶିକ୍ଷକ କମଳାକାନ୍ତ ବଳ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ମାତା କ୍ଷେତ୍ରମଣିଙ୍କ ନାତି ଡା. ବିବେକାନନ୍ଦ ବଳ, ଭାରତୀୟ ବାୟୁସେନା ବିଭାଗର ପାଇଲଟ୍ ଦକ୍ଷରଞ୍ଜନ ବଳ, ଅନିରୁଦ୍ଧ ବଳ, ବିଶ୍ୱରଞ୍ଜନ ବଳ, ସୌମ୍ୟରଞ୍ଜନ ବଳ, ରଘୁନାଥ ନାୟକ, ବଡ଼ ନାତୁଣିବୋହୁ ଡା. କବିତା ରାଉଳ, ଅନସୂୟା ବଳଙ୍କ ସମେତ ଭଦ୍ରକ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



## ୧୦ ଗୋରୁ ଜବତ, ଚାଳକ ଅଟକ

ତିହିଡ଼ି,୨୧।୭(ସମିସ): ତିହିଡ଼ି ଥାନା ଅଧୀନ ତିହିଡ଼ି ବଜାର ସିନେମା ହଲ ସମ୍ମୁଖରେ ଏକ ନମ୍ବର ବିହୀନ ଭ୍ୟାନରେ ଚାଲାଣ ହେଉଥିବା ୧୦ ଗାଈ ଓ ବାଛୁରୀ ଜବତ କରାଯାଇଛି। କୌଣସି ସୂତ୍ରରୁ ଖବର ପାଇ ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ଜଗିରହିଥିଲା। ଅଟକ ଥିବା ଚାଳକ ହେଉଛନ୍ତି ମତୋ ପରମାନନ୍ଦପୁର ଗ୍ରାମର ମଜବୁର ରହେମାନ ବୋଲି ଜଣାପଡ଼ିଛି। ଉଦ୍ଧାର ଗୋରୁମାନଙ୍କୁ ସୟା ସ୍ଥିତ ପତିତପାବନ ଗୋଶାଳାରେ ଛଡ଼ା ଯାଇଛି।

## ଗାନ୍ଧୀବାଦୀ ରାମନାରାୟଣ ରାୟଙ୍କ ଜୟନ୍ତୀ

ବନ୍ତ/ଆଗରପଡ଼ା,୨୧।୭(ସମିସ): ଆଗରପଡ଼ା ଗାନ୍ଧୀ ଭାବେ ପରିଚିତ, ବିଶିଷ୍ଟ ଗାନ୍ଧିବାଦୀ, ବର୍ଷୀୟାନ ରାଜନୈତିକ ଦଳ ନେତା, ସାମ୍ବାଦିକ ରାମନାରାୟଣ ରାୟଙ୍କ ୯୦ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ହେମପଦ୍ମ ଗାଲାକ୍ସିରେ ପାଳନ କରାଯାଇଛି। ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଜାତିର ପିତା ମହାତ୍ମାଗାନ୍ଧିଜୀ ଓ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଆଜି ଯାଏ ଶ୍ରୀ ରାୟ କାର୍ଯ୍ୟକରି ଆସୁଛନ୍ତି ବୋଲି କହିଥିଲେ। ଜିଲ୍ଲାପରିଷଦ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ ଜେନା ଶ୍ରୀ ରାୟଙ୍କ ବିକାଶ ଚିନ୍ତାଧାରା ସଂପର୍କରେ ଆଲୋକପାତ କରିବା ସହ ଦୀର୍ଘାୟୁ କାମନା କରିଥିଲେ। ପ୍ରାକ୍ତନ ସରପଞ୍ଚ ରବିନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ରାମଚନ୍ଦ୍ର ନାୟକ, ଶିକ୍ଷାବିତ ଚିତ୍ତରଂଜନ ସାମନ୍ତରାୟ, ବିଜେପି ଡ.ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ସାହିତ୍ୟିକ ଜଇନୁଲ ଆବେଦିନ, ରବିନ୍ଦ୍ର ଆଇଚ ପ୍ରମୁଖ ଶ୍ରୀ ରାୟଙ୍କ ପ୍ରତିଭା ସଂପର୍କରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ, ସତ୍ୟବ୍ରତ ରାୟ, ଆଡଭୋକେଟ ମନୋଜ ରାୟ, ଆଡଭୋକେଟ ଜଗତମୋହନ ସିଂହ, ନୃସିଂହ ରାୟ, ମାନସ ରାୟ, ତାପସ ରାୟ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ।




## କ୍ୟାମ୍ପସରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦଳୀୟ ପ୍ରଚାର ଅଭିଯୋଗ

ଅସୁରାଳି,୨୧।୭(ସମିସ): ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ତଥା ଧାମନଗର ବ୍ଲକ୍ ଅଧୀନରେ ଥିବା ଦଇପୁର ପଞ୍ଚାୟତ ଇନ୍ଦ୍ରଗୋବିନ୍ଦ ଉଚ୍ଚ ବିଦ୍ୟାଳୟ ଯେଉଁଠି ଏବେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଯୁକ୍ତ ଦୁଇ ପାଠ୍ୟକ୍ରମ ଆରମ୍ଭ କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ରବିବାର ପ୍ରଧାନଶିକ୍ଷକ ଖଗେଶ୍ୱର ଜେନା ଏବଂ ଶିକ୍ଷୟିତ୍ରୀ ମମତାମୟୀ ବେହେରା ଏକ ନିର୍ଦ୍ଦିଷ୍ଟ ଦଳର କାର୍ଯ୍ୟକ୍ରମ ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିନା ଅନୁମତିରେ ସ୍କୁଲ ପରିସର ଭିତରେ ଆୟୋଜନ କରିବା ସହିତ ଦଳୀୟ ବ୍ୟାନର ତଳେ ରହି ତାହାକୁ ପରିଚାଳନା କରିଥିଲେ ବୋଲି ଅଭିଯୋଗ ହେଉଛି। ଏନେଇ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସାହୁ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କୁ ପଚାରିବାରୁ ସେମାନେ କହିଥିଲେ ଯେ, ଆମ ପାଖରେ କୌଣସି ସୂଚନା ନାହିଁ। ପ୍ରମାଣ ଦେଲେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ଖୋଦ ଶିକ୍ଷାମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ମନ୍ତ୍ରୀଙ୍କ ପ୍ରତିନିଧିଙ୍କ ଉପସ୍ଥିତରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍କୁଲ କ୍ୟାମ୍ପସରେ ନିର୍ଦ୍ଦିଷ୍ଟ ଦଳର ପ୍ରଚାର ପ୍ରସାର କରିବେ ତାହାଲେ ସାଧାରଣ ଲୋକ ସରକାରଙ୍କ ନିକଟରୁ ନ୍ୟାୟ କେମିତି ପାଇବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି।




# ବର୍ଷା ଆଣିଦେଲା ଚାଷୀଙ୍କୁ ସଞ୍ଜୀବନୀ

ବନ୍ତ/ଆଗରପଡ଼ା,୨୧।୭(ସମିସ)



ଚଳିତ ବର୍ଷ ରଜ ସରିବା ପରେ ମଧ୍ୟ ମୌସୁମୀ ଆସିନଥିଲା। ମୌସୁମୀର ଲୁଚକାଳି ଖେଳ ଯୋଗୁଁ ପାଗ ନ ଥିବାରୁ ୯୫ ଭାଗ ଜମିରେ ଧାନତଳି କିମ୍ବା ବୁଣା କାର୍ଯ୍ୟ ହୋଇପାରି ନଥିଲା। ଯଦ୍ୱାରା ଚାଷୀ ଚିନ୍ତାରେ ମୁଣ୍ଡରେ ହାତଦେଇ ବସିଥିଲା। କିନ୍ତୁ ଗତକିଛି ଦିନ ହେବ ଲଘୁଚାପ ବର୍ଷା ଯୋଗୁଁ ଚାଷ ଜମିରେ ପାଣି ଜମିଛି। କିଛି ପରିମାଣରେ ବର୍ଷା ହେବାରୁ ଚାଷୀ କିଆରିରେ ଧାନତଳି ପକାଇବା ପାଇଁ କାଦୁଅ କାର୍ଯ୍ୟ ଆରମ୍ଭ କରିଛି। ଫଳରେ ବର୍ଷା ଚାଷୀଙ୍କ ପାଇଁ ସଞ୍ଜୀବନୀ ସଦୃଶ୍ୟ ହୋଇଛି। ବନ୍ତ ବ୍ଲକର ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୮୦ ଭାଗ ଚାଷୀ ଚାଷ ଉପରେ ନିର୍ଭର କରୁଥିବା ବେଳେ ୨୦ ଭାଗ ସରକାରୀ ଚାକିରିଆ ଅଛନ୍ତି। ରଜ ପୂର୍ବରୁ ଜମିରେ ହଳ କରାଯାଇଥାଏ ମାତ୍ର ପ୍ରବଳ ଗରମ ଓ ଗ୍ରୀଷ୍ମ ଋତୁ ଯୋଗୁଁ ଜମି ଟାଣ ହୋଇଯିବା ଫଳରେ ଏହି କାର୍ଯ୍ୟ ସମ୍ଭବପର ହୋଇନଥିଲା। ପାଣିପାଗର ଅନିୟମିତତା ଯୋଗୁଁ ଧାନବୁଣା ଓ ତଳି ପକାରେ ଅହେତୁକ ବିଳମ୍ବ ହୋଇଥିଲା। କିନ୍ତୁ ବର୍ତ୍ତମାନ ବର୍ଷା ହେବା ଯୋଗୁଁ ଚାଷୀ ଚାଷ ପାଇଁ ଅଣ୍ଟା ଭିଡ଼ିଛି। ବର୍ଷାର ଅନିୟମିତତା ଯୋଗୁଁ ପ୍ରାୟ ଏକମାସ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ବର୍ଷା ଚାଷୀମନରେ ଉତ୍ସାହ ସୃଷ୍ଟି କରିଛି। ଶ୍ରାବଣ ମାସ ଆରମ୍ଭରୁ ବର୍ଷା ହେବା ଯୋଗୁଁ ଚାଷୀର ଉତ୍ସାହ ଦ୍ୱିଗୁଣିତ ହୋଇଥିବାର ଦେଖିବାକୁ ମିଳିଛି। ଚାଷୀମାନଙ୍କ ଉପରେ ପ୍ରକୃତି ବାରମ୍ବାର ଦାଉ ସାଧୁଥିବାର ଲକ୍ଷ୍ୟ କରାଯାଉଛି। କେତେବେଳେ ମରୁଡ଼ି ପୁଣି କେତେବେଳେ ବିଭିନ୍ନ ପୋକଦାଉରୁ ଚାଷହାନୀ, ଅମଳ ହେବା ପରେ ବିକ୍ରୀ ପାଇଁ ମଣ୍ଡିରେ ଧାନ ମାସମାସ ଧରି ପଡ଼ି ରହିବା ପୁଣି ଧାନ ବିକ୍ରୀ ଅର୍ଥ ତୁରନ୍ତ ନ ମିଳିବା ଆଦି ସମସ୍ୟା ନେଇ ଚାଷୀକୂଳ ବାରମ୍ବାର ଗତି କରୁଛନ୍ତି। ଏଥି ସହିତ ସରକାରୀ ଆର୍ଥିକ ସହାୟତା ମିଳିବା କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ଟାଳଟୁଳ ନୀତି ଚାଷୀମାନଙ୍କୁ ଆଶାକୁ ଧୂଳିସାତ୍ କରୁଛି।

## ମହରମ ପର୍ବରେ ଶାନ୍ତି ଓ ଭାଇଚାରା ଉପଲକ୍ଷେ ସମ୍ବର୍ଦ୍ଧନା ସଭା

ଭଦ୍ରକ,୨୧।୭(ସମିସ): ଭଦ୍ରକ ପୁରୁଣା ବଜାରସ୍ଥିତ ମଦିନା ମଇଦାନରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଗତ ୬ ତାରିଖରେ ଭାଇଚାରା ସହର ଭଦ୍ରକରେ ପବିତ୍ର ମହରମ ପର୍ବ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ ହୋଇଥିଲା। ଡିଜେ ସାଉଣ୍ଡକୁ ନିଷେଧ କରି ଭଦ୍ରକର ୪୦ଟି କାଫେଲା ସହର ପରିକ୍ରମା କରି ନଂଘା ମହଲ୍ଲା ମସଜିଦ ସାମ୍ନାରେ ଓ ମଦିନା ମଇଦାନରେ ପହଞ୍ଚିଥିଲେ। ସଭାରେ ଭଦ୍ରକର ସମସ୍ତ ମସଜିଦର ମୌଲାନା (ପଣ୍ଡିତ)ମାନେ ଯୋଗଦାନ କରିଥିଲେ। ଜାମା ମସଜିଦର ଇମାମ ମହମ୍ମଦ ସାଦିକ ହୋସେନଙ୍କ କୋରାନ ତିଲାଓ୍ୱତରୁ ଓ ସ୍ୱାଭିମାନ ମଞ୍ଚର ସଭାପତି ତଥା ଆଇନଜୀବୀ ଶେଖ ତାହେର ମହମ୍ମଦଙ୍କ ସଞ୍ଚାଳନରୁ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ଆଡିନାସନାଲ ଏସପି ଡ଼ିଆଇଓ୍ୱି ଅଂଶୁମାନ ଦ୍ୱିବେଦୀ ଏବଂ ସମ୍ମାନିତ ଅତିଥି ଭାବେ ପୁରୁଣା ବଜାର ଥାନା ଅଧିକାରୀ ଶୁଶାନ୍ତ କୁମାର ସାହୁ, ଟାଉନଥାନା ଅଧିକାରୀ ପ୍ରଭାଂଶୁ ମିଶ୍ର, ଗ୍ରାମାଞ୍ଚଳ ଥାନା ଅଧିକାରୀ ଦୟାନିଧି ଦାସ, ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ଭଦ୍ରକ ମୁସଲିମ ଜମାତ ଉପ-ସଭାପତି ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜିଶେଖ ଇନାମ ମହମ୍ମଦ, ଟୋକା ଗଣେଷର ସଭାପତି ହରୀ ନନ୍ଦୀ, ବୁଢା ଗଣେଷର ସଭାପତି ଅଜୟ ସାହୁ ଓ ହାଜି ଇଂ. ମନାଓ୍ୱର ହୋସେନ ଯୋଗଦେଇଥିଲେ ଓ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଙ୍କଦ୍ୱାରା ସ୍ପେସିଆଲ ବ୍ରାଞ୍ଚର ଆବିଦ ହୋସେନ, ମୁସଲିମ ଜମାତର ପ୍ରିଣ୍ଟ ମିଡିଆ ସଂଯୋଜକ ଶେଖ ଅନଓ୍ୱର (ବାବୁ), ଶେଖ ଆମିର, ମୁସଲିମ ଜମାତର ଛଟିଆ ଲୋକମାନ ଖାନ, ଏମଏସଏଫର ସଭାପତି ଶେଖ ଇମଦାଦ ଏବଂ ସମସ୍ତ ବସ୍ତିର ସରଦାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ସମ୍ପାଦକ ଓସୀମ ଅଖତର ଖାନ, ଯୁଗ୍ମ ସମ୍ପାଦକ ଯହିରୁଦ୍ଦିନ ଖାନ, କୋଷାଧ୍ୟକ୍ଷ ଶେଖ ଜଲାଲ, ଶେଖ କଲାମ, ୟାସିନ ଖାନ, ହସନ ଖାନ, ଶେଖ ସାବିର ଓ ଶେଖ ରାଜୁ ପ୍ରମୁଖ ସହଯୋଗ କରିଥିଲେ। ଉପ-ସଭାପତି ସୁରେଶ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।



■ ଘରେ ପଶି ମହିଳାଙ୍କୁ ଛୁରାମାଡ଼

# ଝିଅକୁ ବଞ୍ଚାଇବାକୁ ଯାଇ ମା' ଆହତ

ବାରିପଦା, ୨୧।୭(ସମିସ): ଦିନ ଦି'ପହରେ ୩ ମହଲା ଉପରେ ଥିବା ଘରେ ପଶି ମହିଳାଙ୍କୁ ଛୁରାମାଡ଼। ବାରିପଦା ଭଞ୍ଜପୁର ଥାନା ମୁର୍ଗାବାଡ଼ି ଅଞ୍ଚଳ ଗ୍ରାଣ୍ଡଗଳିରେ ଆଜି ଏହି ଆପରାଧିକ ଘଟଣା ଘଟିଛି। ଆହତ ମହିଳାଜଣଙ୍କ ହେଲେ, ସମୀର ସାହୁଙ୍କ ସ୍ତ୍ରୀ ମମତା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ହାତ ଓ ଆଙ୍ଗୁଳିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଖବର ପାଇ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଦୁର୍ବୃତ୍ତଜଣଙ୍କ ମୁହଁରେ ଗାମୁଛା ଘୋଡ଼ାଇ କଲିଂବେଲ ମାରି ପ୍ରଥମେ ଘର ଭିତରକୁ ପଶିଥିଲା। ଏହା ଦେଖି ମମତା ପାଟି କରିବାରୁ ଦୁର୍ବୃତ୍ତ ତାଙ୍କ ସାନଝିଅ ବେକରେ ଛୁରି ଲଗାଇ ହତ୍ୟା ଧମକ ଦେଇଥିଲା। ମମତା ଝିଅକୁ ଉଦ୍ଧାର କରିବାକୁ ଯାଇ ଦୁର୍ବୃତ୍ତଙ୍କ ଛୁରାମାଡ଼ର ଶିକାର ହୋଇଥିଲେ। ସେ ପାଟି କରିବାରୁ ଦୁର୍ବୃତ୍ତଜଣଙ୍କ ଚପଲ ଛାଡ଼ି ଦୌଡ଼ି ପଳାଇଥିଲା।

■ ପ୍ରକାଶ ପାଇଲା ଏଲ୍ଏଲ୍ବି ମେଧା ତାଲିକା

# 'ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ' ପ୍ରଥମ ପସନ୍ଦ

ଭୁବନେଶ୍ୱର, ୨୧।୭(ସମିସ): ତିନି ବର୍ଷିଆ ଏଲ୍ଏଲ୍ବି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ମୋଟ୍ ୩୬୦ଟି ସିଟ୍‌ରେ ନାମଲେଖା ପାଇଁ ୩୬୦ଜଣ ଚୟନ ହୋଇଛନ୍ତି। ଚୟନ ହୋଇଥିବା ପିଲାଙ୍କ ମଧ୍ୟରେ ୨୦୬ଜଣ ଛାତ୍ର ଥିବା ବେଳେ ୧୫୪ଜଣ ଛାତ୍ରୀ ରହିଛନ୍ତି। ବାଣୀବିହାରସ୍ଥିତ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏହାର କଟ୍-ଅଫ୍ ସର୍ବାଧିକ ୮୨.୭୩% ଯାଇଥିବା ବେଳେ କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୭୯.୪୨% ଓ ବ୍ରହ୍ମପୁରସ୍ଥିତ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର କଟ୍-ଅଫ୍ ୭୫.୧୩% ରହିଛି। ଚୟନ ହୋଇଥିବା ପିଲାମାନେ ୨୪ତାରିଖ ମଧ୍ୟରେ ସ୍ଲାଇଡ୍/ଫ୍ରିଜ୍ ଅପସନ୍ ଦେଇ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରିବେ। ୨୯ ତାରିଖରେ ଦ୍ୱିତୀୟ ତଥା ଫାଇନାଲ୍ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲକା ପ୍ରକାଶ ପାଇବାକୁ ଥିବା ବେଳେ ଅଗଷ୍ଟ ୧ ତାରିଖ ମଧ୍ୟରେ ନାମଲେଖା ସରିବ। ପରେ ୫ ତାରିଖରେ ୱେଟିଂଲିଷ୍ଟ ପ୍ରକାଶ ପାଇବ। ଚୟନ ହୋଇଥିବା ଆଶାୟୀମାନେ ୭ ଓ ୮ ତାରିଖରେ ନାମ ଲେଖାଇବେ। ଅଗଷ୍ଟ ୧୧ ତାରିଖରୁ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ଚଳିତ ବର୍ଷ ୩୬୦ଟି ସିଟ୍‌ରେ ନାମଲେଖା ପାଇଁ ୨୨୦୭ଜଣ ଆବେଦନ କରିଥିଲେ।

■ ଯୁକ୍ତ ୨ ଦ୍ୱିତୀୟ ରାଉଣ୍ଡ ମାଧା ତାଲିକା

# ନାମଲେଖା ପାଇଁ ୫୨,୯୫୫ ଚୟନ

ଭୁବନେଶ୍ୱର, ୨୧।୭(ସମିସ): ଯୁକ୍ତ ୨ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପଇଛି। ଏହି ରାଉଣ୍ଡରେ ନାମଲେଖା ପାଇଁ ୫୨,୯୫୫ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୬,୦୯୨ ଛାତ୍ର ଥିବା ବେଳେ ୨୬,୮୬୦ ଛାତ୍ରୀ ରହିଛନ୍ତି। କଳାରେ ସର୍ବାଧିକ ୩୮,୧୬୫ଜଣ ଛାତ୍ରଛାତ୍ରୀ ଚୟନ ହୋଇଥିବା ବେଳେ ବିଜ୍ଞାନରେ ୧୧୮୭୭, ବାଣିଜ୍ୟରେ ୨୪୦୩, ଧନ୍ଦାମୂଳକ ଶିକ୍ଷାରେ ୩୩୯ ଏବଂ ସଂସ୍କୃତରେ ୧୭୧ ଜଣ ଚୟନ ହୋଇଛନ୍ତି। ସେହିପରି ପ୍ରଥମ ରାଉଣ୍ଡ ନାମଲେଖା ସମୟରେ ସ୍ଲାଇଡ୍-ଅପ୍ ଦେଇଥିବା ୨୮,୩୧୩ଜଣ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଅପରପକ୍ଷେ, ପ୍ରଥମ ରାଉଣ୍ଡରେ ୪ଲକ୍ଷ ୧୩ହଜାର ୮୦୪ ଜଣ ମନୋନୀତ ହୋଇଥିବା ବେଳେ ୩ଲକ୍ଷ ୫୫ହଜାର ୬୮ଜଣ ନାମ ଲେଖାଇଛନ୍ତି। ସେହିପରି, ୫୮,୭୩୬ ଜଣ ନାମ ଲେଖାଇନାହାନ୍ତି। ସମୁଦାୟ ୫ଲକ୍ଷ ୬୮ହଜାର ୬୧୫ଟି ସିଟ୍ ଥିବା ବେଳେ ଆହୁରି ୨ଲକ୍ଷ ୧୩ ହଜାର ୫୪୭ ସିଟ୍ ଫାଙ୍କା ରହିଛି। ସମୁଦାୟ ସିଟ୍ ସଂଖ୍ୟା ଅନୁସାରେ ପ୍ରାୟ ୬୨.୪୫ ପ୍ରତିଶତ ସିଟ୍‌ରେ ନାମଲେଖା ହୋଇଛି।

# ୩୦ ମଧ୍ୟରେ +୨ ଇନଷ୍ଟାଣ୍ଟ ରିଚେକିଂ ଓ ରିଆଡିସନ୍ ଆବେଦନ

ଭୁବନେଶ୍ୱର, ୨୧।୭ (ସମିସ): +୨ଇନ୍‌ଷ୍ଟାଣ୍ଟ ପରୀକ୍ଷାଖାତା ପୁନଃ ଯାଞ୍ଚ (ରିଚେକିଂ) ଓ ମାର୍କ ପୁନଃ ମିଶ୍ରଣ (ରିଆଡିସନ) ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୩୦ ତାରିଖ ମଧ୍ୟରେ ଆଶାୟୀମାନେ ଆବେଦନ କରିପାରିବେ। ସମୟ ଅବଧି ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ କୁହାଯାଇଛି। ଏଥିପାଇଁ ୨୦୦ଟଙ୍କା ଫି' ଧାର୍ଯ୍ୟ କରାଯାଇଛି। ବ୍ୟାଙ୍କ ଚାଲାଣ ମାଧ୍ୟମରେ ଫି' ପୈଠ କରିପାରିବେ ଛାତ୍ରଛାତ୍ରୀ। ପରିଷଦ ପକ୍ଷରୁ ଦିଆଯାଇଥିବା ଫର୍ମାଟ୍‌ରେ ଛାତ୍ରଛାତ୍ରୀମାନେ ଆବେଦନ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ୧୦୦୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୧୩ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସର୍ବାଧିକ ୪୪୯ ପାସ୍ କରିଥିବା ବେଳେ ବିଜ୍ଞାନରେ ୩୧୧, ବାଣିଜ୍ୟରେ ୧୨୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୨୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

ହାଣ୍ଡିଶାଳରେ ଚଡ଼କ; ଶ୍ରାବଣରେ ପରିବା ଦର ଆକାଶଛୁଆଁ

# ମହଙ୍ଗାମାଡ଼ରେ ଖାଉଟି ବେହାଲ

ଖୋର୍ଦ୍ଧା/ବାଲୁଗାଁ,୨୧।୭ (ସମିସ)



ବର୍ତ୍ତମାନ ପରିସ୍ଥିତିରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଘଟିଥିବା ସହ ରାସନ ସାମଗ୍ରୀ, ରନ୍ଧନ ଗ୍ୟାସ୍ ଓ ପନିପରିବା ଦରଦାମ ଆକାଶଛୁଆଁ ବୃଦ୍ଧି ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଏପରିସ୍ଥଳେ ବର୍ତ୍ତମାନ ଶ୍ରାବଣ ମାସ ଚାଲିଥିବାରୁ ପ୍ରାୟତଃ ପରିବାରରେ ଆମିଷ ଭକ୍ଷଣ ନିଷେଧ ହେତୁ ନିରାମିଷ ତଥା ପରିବା ଉପରେ ସମସ୍ତେ ନିର୍ଭର କରିଥାନ୍ତି। ତେବେ ଶ୍ରାବଣ ମାସ ଆରମ୍ଭରୁ ବାଲୁଗାଁ, ବାଣପୁର ତଥା ଆଖପାଖ ବଜାରରେ ପରିବା ଦର ଆକାଶଛୁଆଁ ବୃଦ୍ଧି ଘଟିଥିବା ଜଣାଯାଇଛି। ଏଭଳି ଦରଦାମ୍ ବୃଦ୍ଧି ଦେଖି ଜନସାଧାରଣ ଛାନିଆ ହୋଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଶ୍ରାବଣ ମାସରେ ପ୍ରାୟ ଘରେ ଘରେ ପରିବାର ବହୁଳ ବ୍ୟବହାର ହେଉଥିବାବେଳେ ବର୍ତ୍ତମାନ ଏଭଳି ମହଙ୍ଗା ମାଡ଼ରେ ଖାଉଟି ବେହାଲ ହୋଇପଡ଼ିଛନ୍ତି। ବାଲୁଗାଁ ମୁଖ୍ୟ ବଜାର ହୋଇଥିବାରୁ ବାଣପୁର ଆଖପାଖ ଛୋଟ ବଜାରର ବ୍ୟବସାୟୀ ବାଲୁଗାଁ ଉପରେ ନିର୍ଭର କରିଥା'ନ୍ତି। ଦୈନିକ ବାଲୁଗାଁକୁ ଚାନ୍ଦପୁର, ରମ୍ଭା ଓ ମାଳ ଆଦି ଅଞ୍ଚଳରୁ ତଟକା ପନିପରିବା ଆସିଥାଏ। ଏବେ ବଜାରରେ ଆଳୁ କେଜି ୨୫ ଟଙ୍କା ହୋଇଥିବାବେଳେ ପିଆଜ ୩୦ ଟଙ୍କା ଦରରେ ମିଳୁଛି। ତେବେ ଆଳୁ, ପିଆଜକୁ ବାଦ୍ ଦେଲେ ଅନ୍ୟାନ୍ୟ ପରିବା କିଲୋଗ୍ରାମ ପିଛା ଦର ନାହିଁ ନ ଥିବା ବୃଦ୍ଧି ଘଟିଛି। ପରିବାଦର ଶୁଣି ଖାଉଟି କ'ଣ ଖାଇବେ ସେହି ଚିନ୍ତାରେ ରହିଥିବାବେଳେ କଞ୍ଚା ଲଙ୍କାର ଦର ଶୁଣି ଆପେ ଆପେ ଆଖିରୁ ଲୁହ ବୋହିଯାଉଛି। ବର୍ତ୍ତମାନ ଟମାଟୋ କିଲୋ ୪୦ ଟଙ୍କା, କଞ୍ଚା ଲଙ୍କା ୨୦୦ ଟଙ୍କା, ଅଦା ୧୫୦ ଟଙ୍କା, ବିନ୍‌ସ ୧୫୦, ସଜନାଛୁଇଁ କିଲୋ ୧୫୦, ଦେଶୀ କାଙ୍କଡ଼ ୨୪୦, କ୍ୟାପ୍‌ସିକମ୍ କିଲୋ ୧୨୦ ଟଙ୍କା ଓ ଗାଜର କିଲୋ ୧୦୦ ଟଙ୍କା ଦରରେ ପହଞ୍ଚି ଏସବୁ ପରିବା ଶତକ ପାର୍ ହୋଇଛି। ସେହିଭଳି ବାଇଗଣ କିଲୋ ପିଛା ୭୦, ପୋଟଳ ୭୦, କଲରା ୬୦, ଫୁଲକୋବି ୮୦, ଜହ୍ନି ୬୦, ଭେଣ୍ଡି ୬୦, କଖାରୁ ୪୦, ଝୁଡ଼ଙ୍ଗ ୭୦, ପତ୍ରକୋବି ୬୦, କାକୁଡ଼ି ୫୦ଟଙ୍କା ହୋଇଥିବାବେଳେ କଦଳୀ ଗୋଟାକୁ ୧୫ ଟଙ୍କା ଓ ଶାଗ ବିଡ଼ା ୧୫ ଟଙ୍କା ଦରରେ ପହଞ୍ଚିଛି।

ପୂର୍ବରୁ ପରିବା ବଜାରରୁ ୩୦୦ ଟଙ୍କାରେ ବ୍ୟାଗ୍ ଫୁଲ୍ ପରିବା ଧରି ଲୋକେ ଫେରୁଥିବାବେଳେ ବର୍ତ୍ତମାନ ୫୦୦ ଟଙ୍କାରେ ବ୍ୟାଗ୍ ଅଧା ହେଉ ନ ଥିବା ଦେଖିବାକୁ ମିଳୁଛି। ଏସମ୍ପର୍କରେ କିଛି ପରିବା ବ୍ୟବସାୟୀଙ୍କୁ ପଚାରିବାରେ ତେଲ ଦର ବୃଦ୍ଧି ଯୋଗୁଁ ଗାଡ଼ିଭଡ଼ା ୨ଗୁଣ ହୋଇପଡ଼ିଥିବା ସହ ବଜାର ଚାହିଦା ଅନୁଯାୟୀ ଫସଲ ଆମଦାନୀ ବହୁତ କମ ହେଉଥିବାରୁ ଏଭଳି ଆକାଶଛୁଆଁ ପରିବାଦର ବୃଦ୍ଧି ଘଟିଛି। ତତ୍‌ସହିତ ଚଳିତ ବର୍ଷ ବର୍ଷା ଯୋଗୁଁ ବହୁ ଫସଲ ନଷ୍ଟ ହୋଇଥିବାବେଳେ ପରିବା ଫସଲରେ ସେଭଳି ଲାଭ ହେଉ ନ ଥିବାରୁ ଚାଷୀମାନେ ଆଗ ଭଳି ଚାଷ କାମ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଫଳରେ ଫସଲ ଅମଳରେ ହ୍ରାସ ଘଟିଥିବାରୁ ପରିବାଦର ଏଭଳି ବୃଦ୍ଧି ପାଇଛି ବୋଲି ଚାଷୀ କହୁଛନ୍ତି। ଅନ୍ୟପକ୍ଷେ ପ୍ରଶାସନର ଦରଦାମ୍ ଉପରେ କୌଣସି ଅଙ୍କୁଶ ନ ଥିବାରୁ ଲାଭଖୋର୍ ବ୍ୟବସାୟୀମାନେ ଏହାର ଫାଇଦା ନେବାକୁ ପଛାଉ ନାହାନ୍ତି। ଦିନକୁ ଦିନ ଏଭଳି ଦରଦାମ୍ ବୃଦ୍ଧି ଘଟୁଛି। ତେବେ ଗୋଟେପଟେ ପେଟ୍ରୋଲ, ରାସନ ସାମଗ୍ରୀ ଓ ରନ୍ଧନ ଗ୍ୟାସ୍‌ର ଦର ଆକାଶଛୁଆଁର ମାଡ଼ ଓ ଅନ୍ୟପଟେ ଏପରି ପରିବାଦର ବୃଦ୍ଧି ଯୋଗୁଁ ଲୋକେ ମୁଣ୍ଡରେ ହାତ ଦେଇ ବସିଥିବାବେଳେ ସାଧାରଣ ଲୋକେ ପରିବାର ଏହି ମହଙ୍ଗାମାଡ଼ରେ ବେହାଲ ହୋଇପଡ଼ିଛନ୍ତି।

ବର୍ଦ୍ଧିତ ପରିବା ଦର ପାଇଁ ସାଧାରଣ ଗୃହିଣୀ କେମିତି ଘର ଚଳାଇବେ ସେ ନେଇ ଏବେ ଚିନ୍ତାରେ। ଯେଉଁମାନେ ଆର୍ଥିକ ସ୍ୱଚ୍ଛଳ ସେମାନେ କମ୍ ଓଜନର ପରିବା କିଣୁଥିବାବେଳେ ସାଧାରଣ ଲୋକଟିଏ ଆଳୁ, ପିଆଜ ଓ କଖାରୁରେ କାମ ଚଳାଇ ଦେଉଛନ୍ତି। ଜିଲ୍ଲାରେ ପନିପରିବା ଚାଷ ପାଇଁ ଉପଯୁକ୍ତ ଭିତ୍ତିଭୂମି ରହିଥିଲେ ମଧ୍ୟ ଚାଷୀଙ୍କ ମଧ୍ୟରେ ପନିପରିବା ଚାଷ ପାଇଁ ଆଗ୍ରହ ରହୁନାହିଁ କିମ୍ବା କୃଷି ବିଭାଗର ପ୍ରୋତ୍ସାହନ ନାହିଁ। ଚାଷୀଙ୍କ କହିବା ଅନୁସାରେ, ପରିବା ଚାଷ ପାଇଁ ସରକାରୀ ବିହନ ଠିକ୍ ସମୟରେ ମିଳୁନି। ଯଦିବା ମିଳୁଛି ସେଥିରେ ରୋଗ ପୋକ ଧରୁଛି ବୋଲି ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ପରିବାଦର ବୃଦ୍ଧି ଗ୍ରାହକଙ୍କ ନିମନ୍ତେ ବେଡ଼ି ଉପରେ କୋରଡ଼ା ସଦୃଶ ହୋଇଛି। ବେପାରୀ ଶଙ୍କର୍ଷଣ ସାହୁଙ୍କ କହିବା କଥା ପରିବାଦର ବୃଦ୍ଧି ହୋଇଥିବାରୁ ପର୍ଯ୍ୟାପ୍ତ ପରିମାଣର ରଖିହେଉନି। ପରିବାର ଦର ଉପରେ ନିୟନ୍ତ୍ରଣ ରହୁ ନ ଥିବାରୁ ସାଧାରଣ ଖାଉଟି ପରିବା କିଣିପାରୁ ନାହାନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଗିରଫ ଉଦିତ ପ୍ରଧାନ ଛାତ୍ର କଂଗ୍ରେସରୁ ନିଲମ୍ବିତ

ଭୁବନେଶ୍ୱର,୨୧।୭(ସମିସ): ଦୁଷ୍କର୍ମ ଅଭିଯୋଗ ଆସିବା ପରେ ଛାତ୍ର କଂଗ୍ରେସ ସଭାପତି ପଦରୁ ଉଦିତ୍ ପ୍ରଧାନଙ୍କୁ ଦଳ ଓ ସଙ୍ଗଠନରୁ ନିଲମ୍ବିତ କରିଛନ୍ତି ଏନ୍ଏସ୍‌ୟୁଆଇ ଜାତୀୟ ସଭାପତି ବରୁଣ ଚୌଧୁରୀ। ଜାତୀୟ ଛାତ୍ରକଂଗ୍ରେସ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ବିବୃତି ଜାରି କରାଯାଇଛି। ବୈଷମ୍ୟତା କ୍ଷେତ୍ରରେ ଏନ୍ଏସ୍‌ୟୁଆଇ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରେ; ତେଣୁ ଉଦିତ୍‌ଙ୍କୁ ତାଙ୍କ ପଦରୁ ନିଲମ୍ବିତ କରାଯିବା ସହ ଏହି ଘଟଣାରେ ତଦନ୍ତ କରାଯିବ। ଏହାସହିତ ଆଗକୁ ମଧ୍ୟ ବାଲେଶ୍ୱର ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଜାରିରହିଥିବା ଲଢ଼େଇ ବଳବତ୍ତର ରହିବ ବୋଲି ଶ୍ରୀ ଚୌଧୁରୀ କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ଓଡ଼ିଶା ପ୍ରଦେଶ କମିଟି ଗୁରୁତ୍ୱର ସହ ଗ୍ରହଣ କରିଛି। ଘଟଣାର ଅନୁଧ୍ୟାନ କରିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ୬ ଜଣିଆ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି ୬ ଜଣିଆ ଦଳରେ ପିସିସି ଉପ ସଭାପତି ସସ୍ମିତା ବେହେରା ଅଧ୍ୟକ୍ଷ ରହିଛନ୍ତି। ତାଙ୍କ ବ୍ୟତୀତ ବିଧାୟିକା ସୋଫିଆ ଫିର୍ଦୋସ, ଡା. ଦେବସ୍ମିତା ଶର୍ମା, ସୋନାଲି ସାହୁ, ଜୟଶ୍ରୀ ପାତ୍ର, ଡଃ ମନୀଷା ଦାସ ପଟ୍ଟନାୟକ ପ୍ରମୁଖ ସଦସ୍ୟା ଅଛନ୍ତି। ଏହି କମିଟି ଅଭିଯୋଗକାରିଣୀଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିବା ପରେ ଏକ ରିପୋର୍ଟ ପ୍ରସ୍ତୁତ କରିବ ଓ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦାନ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା ପିସିସି



ଇତିମଧ୍ୟରେ କମିଟିର ସଦସ୍ୟାମାନେ ତଦନ୍ତ ଆରମ୍ଭ କରିଛନ୍ତି। ପୀଡ଼ିତା ଅଭିଯୋଗ କରିଥିବା ମଞ୍ଚେଶ୍ୱର ଥାନା ସମେତ ବିଭିନ୍ନ ସ୍ଥାନକୁ ଯାଇ ଏହି କମିଟି ତଥ୍ୟ ଅନୁଧ୍ୟାନ କରୁଛି। ସୋନାଲି ସାହୁ କହିଛନ୍ତି ଯେ ଦଳ ମହିଳା ବରୋଧୀ ଘଟଣା ଉପରେ ଜିରୋ ଟଲରାନ୍ସ ନୀତି ଆପଣେଇଛି। ଉଦିତଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ତେବେ ଘଟଣା ୪ ମାସ ତଳେ ଘଟିଥିବା କୁହାଯାଉଛି, ତେଣୁ ବର୍ତ୍ତମାନ ଏ ସଂକ୍ରାନ୍ତରେ ଏତଲା ସନ୍ଦେହ ସୃଷ୍ଟି କରିଛି। ଏବିଭିପିର ମୃତ ଛାତ୍ରୀଙ୍କ ପାଇଁ ଆମେ ଯେଉଁ ପଦକ୍ଷେପ ନେଇଥିଲୁ ଏଠି ମଧ୍ୟ ସମାନ ପଦକ୍ଷେପ ନେବୁ। ଝିଅ ଏବଂ ମହିଳାଙ୍କ କ୍ଷେତ୍ରରେ ଅବହେଳାର ପ୍ରଶ୍ନ ଉଠୁନାହିଁ। ସେ ଦଳ ହେଉ କି ଦଳ ବାହାରେ ହେଉ ଆମେ ସବୁବେଳେ ଝିଅ-ମହିଳାଙ୍କ ସପକ୍ଷରେ ରହିଛୁ। ତେବେ ସାଧାରଣତଃ ଏଫ୍ଆଇଆର୍ କପିରେ ଅଭିଯୋଗକାରୀଙ୍କ ଠିକଣା ରୁହେ। ହେଲେ ଉଦିତ ପ୍ରଧାନଙ୍କ ଏଫ୍ଆଇଆର୍ କପିରେ ଝିଅର କୌଣସି ଠିକଣା ନାହିଁ; ଯାହା ସନ୍ଦେହକୁ ଅଧିକ ଦୃଢୀଭୂତ କରୁଛି। ରାଜନୈତିକ ଦଳ ଭାବେ ଝିଅକୁ ଭେଟିବା ଆମର ଉତ୍ତର ଦାୟିତ୍ୱ ରହିଛି। ବାସ୍ତବରେ ଝିଅ ସାଙ୍ଗରେ କଣ ହେଇଛି ଜାଣିବା ପାଇଁ ଥାନାକୁ ଯାଇ ଆମେ ବୁଝିବୁ। ରାଜନୈତିକ ଅଭିସନ୍ଧି ରଖି ଏହା କରାଯାଇଛି କି ନାହିଁ ସେ ନେଇ ସନ୍ଦେହ ସୃଷ୍ଟି ହେଲେ ବି ନୈତିକତା ଦୃଷ୍ଟିରୁ ଆକ୍ସନ ହୋଇଛି। କମିଟି ତା କାମ ସରିବା ପରେ ମତ ରଖିବ ବୋଲି ସୋନାଲି ସାହୁ କହିଛନ୍ତି।

# ଆର୍‌ଏସ୍‌ପିରେ ଦୁର୍ଘଟଣା ଠିକା ଶ୍ରମିକ ମୃତ

ରାଉରକେଲା, ୨୧।୭ (ସମିସ): ରାଉରକେଲା ଇସ୍ପାତ କାରଖାନାର ଏସ୍ଏମ୍ଏସ୍-୨ରେ ଦୁର୍ଘଟଣା ଘଟି ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ, ଅଭିରାମ ମାହାତୋ (୫୨)। ତାଙ୍କ ଘର ବିଶ୍ରା ଥାନା ଅନ୍ତର୍ଗତ ଜରେଇକେଲାରେ। ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସୂଚନାନୁଯାୟୀ, ଅଭିରାମ ମେସର୍ସ ଲକି କନ୍‌ଷ୍ଟ୍ରକ୍ସନ୍ ଠିକା ସଂସ୍ଥାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଆଜି ସେ ଏ ସିଫ୍ଟରେ ଡ୍ୟୁଟିରେ ଯାଇଥିବା ବେଳେ ଏସ୍ଏମ୍ଏସ୍-୨ ବିଓଏଫ୍ ସପ୍‌ରେ ଏକ ଶାବଳ ଦ୍ୱାରା ଲାନ୍ସ ଜାମ ସଫା କରୁଥିବା ବେଳେ ଶାବଳଟି ଛିଟିକି ତାଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଆଇଜିଏଚକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା ଅଭିରାମଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଆର୍‌ଏସ୍‌ପିର ନିୟମ ଅନୁସାରେ, ସମସ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଆର୍‌ଏସ୍‌ପିରେ ନିଯୁକ୍ତି ଦିଆଯିବା ସହ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

# ଶିମିଳିପାଳରୁ ପୁଣି ୨ ଶିକାରୀ ଗିରଫ



ସମ୍ବର ମାଂସ, ଶିଙ୍ଘ, ଧନୁତୀର ଜବତ

ମହୁଲଡିହା,୨୧।୭(ସମିସ): ଶିମିଳିପାଳ ଅଭୟାରଣ୍ୟରୁ ବନବିଭାଗ ପୁଣି ୨ ଶିକାରୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ସମ୍ବର ମାଂସ, ଶିଙ୍ଘ ଏବଂ ଧନୁ ଜବତ କରିଛି। ଗିରଫ ଶିକାରୀଦ୍ୱୟ ହେଲେ, ଅସନକୁଦର ଗ୍ରାମର ଫକୀର ଚକିଆ(୪୪) ଏବଂ ରାଣୀଭୋଳ ଗ୍ରାମର କମଳା ଡାଙ୍ଗିଲ(୨୧)। ସୋମବାର ଦୁହିଁଙ୍କୁ କୋର୍ଟରେ ହାଜର କରାଯାଇଛି। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏଆଇ କ୍ୟାମେରା ଫୁଟେଜ୍ ଆଧାରରେ ଶିମିଳିପାଳ ବନ୍ୟପ୍ରାଣୀ ଡିଭିଜନ୍ ଏବଂ କରଞ୍ଜିଆ ବନଖଣ୍ଡର ବନ କର୍ମଚାରୀମାନେ ଗତକାଲି ଠାକୁରମୁଣ୍ଡା ବନାଞ୍ଚଳ ଅଧୀନ ଅସନକୁଦର ଏବଂ ରାଣୀଭୋଳ ଗ୍ରାମରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଅସନକୁଦର ଫକୀର ଏବଂ ରାଣୀଭୋଳର କମଳାଙ୍କୁ ଘରୁ ଧନୁ, ତୀର, ବାର୍ହା ଦାନ୍ତ, ପକ୍ଷୀ ଅଂଶବିଶେଷ, ସମ୍ବର ଶିଙ୍ଗ, ମୁଣ୍ଡ ସହ ସମ୍ବର ମାଂସ ଏବଂ ବାଉଁଶ ପଟି ଆଦି ଜବତ କରିଥିଲେ। ଏତେ ପରିମାଣରେ ପଶୁ ଦେହାବଶେଷ ଦେଖି ବନ ବିଭାଗ ତାଜୁବ ହୋଇଯାଇଥିଲା। ଉଭୟଙ୍କୁ ଆଜି କୋର୍ଟରେ ହାଜର କରାଯାଇଥିଲା।

# ମନ୍ଦିର କୂଅରେ ପଡ଼ି ସେବାୟତ ମୃତ

ପୁରୀ,୨୧।୭(ସମିସ): ଶ୍ରାବଣ ସୋମବାରରେ ମହାଦେବଙ୍କ ପୀଠରେ ଘଟିଛି ଅଘଟଣ। ମନ୍ଦିର କୂଅରେ ପଡ଼ି ଜଣେ ପାଳିଆ ସେବାୟତଙ୍କ ମୃତ୍ୟୁ ଘଟିଛି। ଟାଉନ୍ ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହିରେ ଥିବା ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ମଧ୍ୟରୁ ଅନ୍ୟତମ ଯମେଶ୍ୱର ମହାଦେବ ମନ୍ଦିରରେ ସୋମବାର ସକାଳୁ ଏହି ଦୁଃଖଦ ଘଟଣା ଘଟିଛି। ମନ୍ଦିର କୂଅରେ ପଡ଼ି ପାଳିଆ ସେବାୟତ ଝାଡ୍ରୁ ପଣ୍ଡା (୭୦)ଙ୍କ ମୃତ୍ୟୁ ହୋଇଛି। ସୋମବାର ଭୋର୍ ପ୍ରାୟ ୫ଟା ୧୫ରେ ମନ୍ଦିରର ପାଳିଆ ସେବାୟତ ଝାଡ୍ରୁ ପଣ୍ଡା ଠାକୁରଙ୍କ ନୀତିକାନ୍ତି ପାଇଁ କୂଅରୁ ପାଣି କାଢୁଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ କୂଅରେ ପଡ଼ି ଯାଇଥିଲେ।

# ଏନ୍‌ସିଇଆର୍‌ଟି ବହିରୁ ବାଦ୍ ପଡ଼ିବନି 'ପାଇକ ବିଦ୍ରୋହ'

ଭୁବନେଶ୍ୱର, ୨୧।୭(ସମିସ): ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ଓଡ଼ିଶାର ପାଇକ ବିଦ୍ରୋହ ବିଷୟବସ୍ତୁ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ବାଦ୍ ପଡ଼ିଥିବା ନେଇ ଅଭିଯୋଗ ହୋଇଛି। ନିକଟରେ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିର ଭଲ୍ୟୁମ୍-୧ ପୁସ୍ତକ ପ୍ରକାଶ ପାଇଥିବାବେଳେ ପାଇକ ବିଦ୍ରୋହ ସ୍ଥାନ ପାଇ ନ ଥିବାରୁ ଏପରି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋହ୍ଲ ବିଦ୍ରୋହ ଓ ସାନ୍ତାଳଙ୍କ ବିଦ୍ରୋହ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦେବା ବୀର ପାଇକଙ୍କ ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ ବୋଲି ଅଭିଯୋଗ ହୋଇଛି। ତେବେ ସମସ୍ତ ଅଭିଯୋଗ ଓ କଳ୍ପନାଜଳ୍ପନାର ଅନ୍ତ ଘଟାଇ ରାଷ୍ଟ୍ରୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ବା ଏନ୍‌ସିଇଆର୍‌ଟି ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ ୮ମ ଶ୍ରେଣୀର ସାମାଜିକ ବିଜ୍ଞାନ ବହିର ଭଲ୍ୟୁମ୍-୧ ପ୍ରକାଶ ପାଇଛି। ଏହାର ଭଲ୍ୟୁମ୍-୨ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଏହା ପ୍ରକାଶ ପାଇବାର ସମ୍ଭାବନା ରହିଛି। ତହିଁରେ ଆଞ୍ଚଳିକ ଆନ୍ଦୋଳନ ଏବଂ ସଶସ୍ତ୍ର ବିଦ୍ରୋହ ସ୍ଥାନିତ ହୋଇଛି। ଓଡ଼ିଶାର ପାଇକ ବିଦ୍ରୋହ ବା ଖୋର୍ଦ୍ଧା ବିଦ୍ରୋହ, ପଞ୍ଜାବରେ କୁକା ଆନ୍ଦୋଳନ ବା ଶିଖ୍ ବିଦ୍ରୋହ ଆଦି ବିଷୟଗୁଡ଼ିକ ତହିଁରେ ସ୍ଥାନ ପାଇବ ବୋଲି ସ୍ପଷ୍ଟ କରାଯାଇଛି।

ଡିଏଚ୍ଏଚ୍ ଖୋର୍ଦ୍ଧା

# ବାଇକ୍ ପାର୍କିଂସ୍ଥଳକୁ ମାଡ଼ି ବସିଛନ୍ତି ଘରୋଇ ଆମ୍ବୁଲାନ୍ସ

ବାହାରେ ରହୁଛି ବାଇକ୍; ବଢୁଛି ଚୋରି



ଖୋର୍ଦ୍ଧା,୨୧।୭(ସମିସ): ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଦିଗରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିନା ପ୍ରତିବନ୍ଧକରେ ରୋଗୀଟିଏ କିପରି ଡାକ୍ତରଖାନାରେ ପହଞ୍ଚିପାରିବ ତାକୁ ଆଖି ଆଗରେ ରଖି ୧୦୮ ଏବଂ ସରକାରୀ ଆମ୍ବୁଲାନ୍ସ ସେବା ପ୍ରଚଳିତ ହେଉଛି। ଖାଲି ଏତିକିରେ ସରକାରଙ୍କ ପଦକ୍ଷେପ ସୀମିତ ନାହିଁ ବରଂ ଅଗ୍ନିଶମ ଗାଡ଼ି ଏବଂ ଜାତୀୟ ରାଜପଥ ଆମ୍ବୁଲାନ୍ସ ମଧ୍ୟ ବିଭିନ୍ନ ସମୟରେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ପହଞ୍ଚାଇବା ଦାୟିତ୍ୱ ମୁଣ୍ଡକୁ ନେଇଛି। ମାତ୍ର ପରିତାପର ବିଷୟ ଲକ୍ଷାଧିକ ଟଙ୍କା ବ୍ୟୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ବାଇକ୍ ଷ୍ଟାଣ୍ଡ ନିର୍ମାଣ ହୋଇଥିବାବେଳେ ଏହାକୁ ବାଇକ୍ କମ୍ ବରଂ ଘରୋଇ ଆମ୍ବୁଲାନ୍ସ ମାଡ଼ି ବସିଛନ୍ତି। ମେଡିକାଲ ପରିସରରେ ଶତାଧିକ ବାଇକ୍ ରହୁଥିବାବେଳେ ଅନେକ ସମୟରେ ଉକ୍ତ ବାଇକ୍‌ଗୁଡ଼ିକ ଚୋରି ହେଉଛି। ମେଡିକାଲରେ ଚୋରି ରୋକିବାକୁ ଯଦିଓ ପୁଲିସ ନିୟୋଜିତ ଅଛନ୍ତି, ତଥାପି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ବାଇକ୍‌ଗୁଡ଼ିକ ଏଣେତେଣେ ରହୁଛି। ଫଳରେ ବେଳକୁ ବେଳ ବାଇକ୍ ଚୋରି ବୃଦ୍ଧି ପାଉଛି। ତେଣୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ବାଇକ୍ ଷ୍ଟାଣ୍ଡ ପରିସରରେ ବାଇକ୍‌ଗୁଡ଼ିକୁ ରଖିବା ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

ସୂଚନାଯୋଗ୍ୟ, ୨୦୦୭ ସେପ୍ଟେମ୍ବର ୨ରେ ୩ କୋଟି ଟଙ୍କା ବ୍ୟୟରେ ପ୍ରାୟ ୨୭ଏକର ପରିମିତ ଜମିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାପନ କରାଯାଇଥିଲା। ସ୍ଥାପନ ହେବା ଦିନଠାରୁ କୌଣସି ନା କୌଣସି କାରଣ ଲାଗି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚର୍ଚ୍ଚାରେ ରହିଆସିଛି। କେତେବେଳେ ରୋଗୀଙ୍କୁ ଚିକିତ୍ସା ଅବହେଳା ତ ଆଉ କେତେବେଳେ ବାଇକ୍ ଚୋରି। ମେଡିକାଲରେ ବାଇକ୍ ଚୋରି ରୀତିମତ ଘଟଣା ହେଲାଣି। ମେଡିକାଲ ପରିସରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ବାଇକ୍ ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଉକ୍ତ ଷ୍ଟାଣ୍ଡର ଚତୁଃପାଶ୍ୱର୍ ପାଚେରି ବୁଲିଥିବାବେଳେ ଗୋଟିଏ ଗେଟ୍ ରଖାଯାଇଛି। ତନ୍ମଧ୍ୟରେ ମେଡିକାଲ ପକ୍ଷରୁ ଏକ ସିସିଟିଭି ଲଗାଯାଇଥିବା ଜଣାଯାଇଛି। ମାତ୍ର ଉକ୍ତ ପାର୍କିଂସ୍ଥଳରେ ରହୁଛି ଘରୋଇ ଅମ୍ବୁଲାନ୍ସ। ଅଧାରୁ ଅଧିକ ଜାଗାରେ ଆମ୍ବୁଲାନ୍ସ ରହୁଥିବାବେଳେ ଅବଶିଷ୍ଟ ସ୍ଥାନ ଖାଲିପଡୁଛି। ମେଡିକାଲ ପରିସରରେ ଘରୋଇ ଆମ୍ବୁଲାନ୍ସ ନ ରଖିବାକୁ ବିଗତ ଦିନରେ ତତ୍କାଳୀନ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ପରେ କିଛିଦିନ ବାହାରେ ରହୁଥିଲା ଘରୋଇ ଆମ୍ବୁଲାନ୍ସ। କିନ୍ତୁ ଉକ୍ତ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବଦଳିବା ପରେ ମେଡିକାଲ ପରିସରରେ ହୋଇଥିବା ପାର୍କିଂସ୍ଥଳକୁ ଘରୋଇ ଆମ୍ବୁଲାନ୍ସ ସଂଘ ମାଡ଼ି ବସିବା ଫଳରେ ରୋଗୀଙ୍କ ସମ୍ପର୍କୀୟ ରାସ୍ତାର ଦୁଇପାଶ୍ୱର୍ରେ



ଗାଡ଼ି ରଖି ଜାମ୍ କରୁଛନ୍ତି। ଫଳରେ ମେଡିକାଲକୁ ଆସୁଥିବା ଲୋକଙ୍କ ଯାତାୟାତ ଲାଗି ବିଭିନ୍ନ ସମସ୍ୟା ଉପୁଜୁଛି। ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୁରକ୍ଷା କର୍ମୀ ରଖାଯାଇଥିଲେ ହେଁ ସେମାନେ ମେଡିକାଲ ଆସୁଥିବା ଲୋକଙ୍କୁ ପାର୍କିଂସ୍ଥଳରେ ବାଇକ୍ ରଖିବାକୁ କହୁନଥିବା ଅଭିଯୋଗ ହେଉଛି। ଯିଏ ଯେଉଁଠି ପାଇଲା ସୁବିଧା ହେବା ଭଳି ରାସ୍ତାରେ ଗାଡ଼ି ରଖି ଗଲେ। ଯାହାଫଳରେ ଗାଡ଼ି ଚୋରି ମଧ୍ୟ ବୃଦ୍ଧି ହେଉଥିବା କୁହାଯାଉଛି। ଯଦିଓ ମେଡିକାଲରେ ପୁଲିସ ରହିଛନ୍ତି, ତଥାପି ବାଇକ୍ ଚୋରି ରୋକିବାକୁ ସକ୍ଷମ ହେଉନାହାନ୍ତି। ସପ୍ତାହେ ମଧ୍ୟରେ ୨ଟି ବାଇକ୍ ଏଠାରୁ ଚୋରି ହୋଇଥିବାବେଳେ ୧ ମାସ ମଧ୍ୟରେ ପ୍ରାୟ ୫/୭ଟି ବାଇକ୍ ଚୋରି ହୋଇଥିବା ଅଭିଯୋଗ ହେଉଛି। ମେଡିକାଲ କର୍ତ୍ତୃପକ୍ଷ ଏନେଇ ପଦକ୍ଷେପ ନେଉ ନ ଥିବାବେଳେ ବାଇକ୍ ଚୋରି କିନ୍ତୁ ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି। ସେପଟେ ବାଇକ୍ ହରାଉଥିବା ଲୋକ ଅବସ୍ଥା ନ କହିଲେ ଭଲ। ତେଣୁ ବାଇକ୍ ପାର୍କିଂସ୍ଥଳରେ ବାଇକ୍ ରଖିବା ଲାଗି ମେଡିକାଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦିଅନ୍ତୁ ବୋଲି ବରିଷ୍ଠ ନାଗରିକ ଦାବି କରିଛନ୍ତି। ସେମାନଙ୍କ କହିବାନୁସାରେ ପାର୍କିଂସ୍ଥଳ ଚାରିପଟେ ପାଚେରି ଓ ସିସିଟିଭି ଲାଗିଥିବାରୁ ବାଇକ୍ ଚୋରି ହେବାର ଆଶଙ୍କା ନାହିଁ। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟଙ୍କ ଦୃଷ୍ଟି ଆକର୍ଷଣ କରିବାରେ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଛନ୍ତି।

ଘୋଷଣା ପତ୍ର



ମୁଁ ସାବିତ୍ରୀ ମାଝୀ, ସ୍ୱାମୀ - ଗୁନଧର ମାଝୀ, ଗ୍ରାମ - ବଡ଼ଧନାଡ଼ି, ପୋଷ୍ଟ - କୁସୁଡ଼ିହା, ଜିଲ୍ଲା - ବାଲେଶ୍ୱର, ପିନ ନଂ - ୭୫୬୦୨୯ ର ବାସିନ୍ଦା। ମୁଁ ଗୋଟେ ଏଲ୍.ଆଇ.ସି କରିଥିଲି ପଲିସି ନଂ - 585985535, ଏହି ପଲିସିଟି ଇନ୍ଦିରା ମାଝୀ (Indira Majhi), ସ୍ୱାମୀ - ଗୁନାଧର ମାଝୀ (Gunadhar Majhi), ନାମରେ କରାଯାଇଥିଲା। ଏହି ପଲିସିଟି 19/01/25 ତାରିଖରେ ପରିପକ୍ୱତା ହୋଇସାରିଛି। ଏହାର ଅଗ୍ରୀମ ରାଶି ଇନ୍ଦିରା ମାଝୀ ନାମରେ ଥିବା ଏସ୍.ବି. ଆଇ ଜମା ଖାତା ନଂ. 34482233579 କୁ ଆସିଥିଲା ପରନ୍ତୁ ଏହି ଜମା ଖାତାଟି ବନ୍ଦ ହୋଇଯାଇଥିବାରୁ ପୁଣି ସମସ୍ତ ଅଗ୍ରୀମ ରାଶି ଏଲ.ଆଇ.ସି ଅଫିସକୁ ଫେରସ୍ତ ହୋଇଯାଇଛି | କାରଣ ଇନ୍ଦିରା ମାଝୀ ନାମ ରେ ଥିବା ଏସ.ବି.ଆଇ ଜମା ଖାତା ନଂ 34482233579 ଟି ବନ୍ଦ ହୋଇଯାଇଥିବାରୁ ବର୍ତ୍ତମାନ ସାବିତ୍ରୀ ମାଝୀ (SABITRI MAJHI) ନାମରେ ଅନ୍ୟ ଏକ ଜମା ଖାତା ନଂ 43395855322 ଖୋଲା ଯାଇଅଛି । ବର୍ତ୍ତମାନ ଇନ୍ଦିରା ମାଝୀ ନାମରେ ଥିବା ସମସ୍ତ ଡକ୍ୟୁମେଣ୍ଟ ଯଥା ଆଧାର କାର୍ଡ, ଭୋଟର କାର୍ଡ, ପ୍ୟାନ୍ କାର୍ଡ, ରାସନ କାର୍ଡ ଇତ୍ୟାଦି ସବୁଥିରେ ସାବିତ୍ରୀ ମାଝୀ ନାମରେ ପରିବର୍ତ୍ତନ ହୋଇସାରିଛି । ଇନ୍ଦିରା ମାଝୀ ଏବଂ ସାବିତ୍ରୀ ମାଝୀ ହେଉଛନ୍ତି ଜଣେ ଓ ଅଭିନ୍ନ। ତାହା ମୁଁ ନିଜେ ଏବଂ ମୁଁ ଏହାର ସତ୍ୟ ସତ୍ୟାତା ପାଇ କୋର୍ଟ ରେ ମଧ୍ୟ ଏଫିଡେଭିଟ କରିସାରିଛି ।

ଏଣୁ ବିନିତ ଅନୁରୋଧ ମୋର ଏହି ଏଲ.ଆଇ.ସି. ମେଚୁରୁଟିର ଅଗ୍ରୀମ ରାଶିକୁ ସାବିତ୍ରୀ ମାଝୀ ନାମରେ ଥିବା ଏସ.ବି.ଆଇ ଜମାଖାତା ନଂ - 43395855322 ଶାଖା - ଶ୍ରୀରାମପୁରରେ ପଠେଇବାରେ ସାହାଯ୍ୟ କରନ୍ତୁ ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୧୬- ବିଶ୍ୱର ସବୁଠୁ ବଡ଼ ଏରୋସ୍ପେସ୍ କମ୍ପାନି 'ବୋଇଂ'ର ଆରମ୍ଭ।
- ୧୯୨୬- ମୁମ୍ବାଇରେ ପ୍ରଥମେ ମୋଟର୍ ବସ୍ ସେବା ଆରମ୍ଭ ହେଲା।
- ୧୯୬୨- ଆଲ୍‌ଜେରିଆ ଆରବ ଲିଗ୍‌ର ଅଂଶ ହେଲା।
- ୧୯୭୯- ପ୍ରଧାନମନ୍ତ୍ରୀ ମୋରାର୍ଜୀ ଦେଶାଇ ନିଜ ପଦରୁ ଇସ୍ତଫା ଦେଲେ।
- ୨୦୧୨- ନେପାଳ ପାରସିରେ ବସ୍ ଦୁର୍ଘଟଣା ଯୋଗୁ ୪୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।



## ଆମ୍ବ ପାଇଁ ଦିନଟିଏ

ପ୍ରତିବର୍ଷ ଜୁଲାଇ ୨୨ ତାରିଖକୁ 'ଜାତୀୟ ଆମ୍ବ ଦିବସ' ଭାବେ ପାଳନ କରାଯାଉଛି। ଔଷଧୀୟ ଗୁଣରେ ଭରପୂର ଆମ୍ବର ପ୍ରଚାର ପ୍ରସାର ପାଇଁ ଏହି ଦିବସର ପରିକଳ୍ପନା। ଆମ୍ବ ହେଉଛି ଏକ ପ୍ରକୃତି ଦତ୍ତ ସମୃଦ୍ଧ ଏବଂ ଆକର୍ଷଣୀୟ ମିଠା ଫଳ । ଆମ୍ବର ସ୍ୱାଦ ପାଇଁ ତାକୁ ଫଳର ରାଜା ବୋଲି କୁହାଯାଏ। ଏହାକୁ ଉଭୟ କଞ୍ଚା ଓ ପାଚିଲା ଭାବେ ଖିଆଯାଏ। ଖରାଦିନେ ଭାତ, ରୁଟି ସହିତ ସବୁଠୁ ଅଧିକ ଖୋଜା ପଡ଼ିଥାଏ ପାଚିଲା ଆମ୍ବକୁ । ଓଡ଼ିଆ ଘରେ ରଜ ଓ ସାବିତ୍ରୀ ଭାରରେ ସ୍ଥାନ ପାଏ ଆମ୍ବ। ଭାରତର ଜାତୀୟ ଫଳ ଆମ୍ବ । ଏହି ସ୍ୱାଦିଷ୍ଟ ଓ ରସାଳ ଫଳଟିକୁ ସବୁ ବୟସର ଲୋକେ ଖାଇବାକୁ ପସନ୍ଦ କରନ୍ତି। ଏଥିରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। ସ୍ୱାଦ ଓ ବାସ୍ନା ଯୋଗୁ ଆମ୍ବ ଯୁଗ ଯୁଗ ଧରି ଭାରତର ଖାଦ୍ୟ ସଂସ୍କୃତି ସହିତ ଓତପ୍ରୋତ ଭାବେ ଜଡ଼ିତ ହୋଇ ରହିଛି। ଐତିହାସିକମାନଙ୍କ ତଥ୍ୟ ଅନୁସାରେ, ଭାରତୀୟମାନେ ୪୦୦୦ ବର୍ଷରୁ ଅଧିକ କାଳ ଧରି ଏହି ରସାଳ ଫଳ ଚାଷ କରୁଥିବାବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହା ମାତ୍ର ୪୦୦ ବର୍ଷ ପୁରୁଣା। ଆମ୍ବର ପୁରାତନ ନାମ ଥିଲା ଆମ୍ରଫଳ। ବେଦରେ ଏହାକୁ 'ରସାଳ' ଓ 'ସହକାର' ନାମରେ ନାମିତ କରାଯାଇଛି। ସାଧାରଣତଃ ଖରାଦିନେ ଏହା ବଜାରରେ ଉପଲବ୍ଧ ହୋଇଥାଏ। ଏବେ କିନ୍ତୁ ବର୍ଷର ସବୁ ସମୟରେ ବଜାରରେ ଅଳ୍ପ ବହୁତେ ଆମ୍ବ ମିଳୁଛି। ଆମ୍ବରେ ପାଖାପାଖି ୨୦ ପ୍ରକାରର ଭିଟାମିନ୍ ଓ ଖଣିଜ ତତ୍ତ୍ୱ ରହିଛି, ଯେଉଁଥିପାଇଁ ଏହା ଏକ ସୁପର୍‌ଫୁଡ୍ ଭାବେ ମଧ୍ୟ ପରିଗଣିତ ହୋଇଥାଏ। ହିନ୍ଦୁ ଧର୍ମ, ଧାର୍ମିକ ବିଶ୍ୱାସ ଓ ପରମ୍ପରାରେ ଆମ୍ବ ଓ ଆମ୍ବ ଡାଳର ବହୁତ ମହତ୍ତ୍ୱ ଅଛି। କଳସ ବା ଘଟ ସ୍ଥାପନ ଉପଲକ୍ଷେ ଆମ୍ବଡାଳ ଓ ପଇଡ଼ ଅପରିହାର୍ଯ୍ୟ ବସ୍ତୁ। ବିଭିନ୍ନ ମେଳାସ୍ଥଳୀ ଓ ସ୍ୱାଗତ ତୋରଣକୁ ଆମ୍ବ ଡାଳଦ୍ୱାରା ସଜା ଯାଇଥାଏ। ଦୋଳଯାତ ବେଳେ ପ୍ରଭୁ ଶ୍ରୀଦୋଳଗୋବିନ୍ଦଙ୍କ ପାଖରେ ଆମ୍ବ କଷି ଲାଗି କରାଯାଏ। ଆମ୍ବ ଏକ ଅତ୍ୟନ୍ତ ପବିତ୍ର ବୃକ୍ଷ। ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ଆମ୍ବପତ୍ର ବ୍ୟବହାର ହେତୁ ଏହା ଅନ୍ୟାନ୍ୟ ବୃକ୍ଷ ଯଥା ତୁଳସୀ, ବେଲଅଁଳା, ଅଶ୍ୱତ୍ଥ, ବର, ପଳାଶ, କଦଳୀ ଇତ୍ୟାଦି ଭଳି ପୂଜନୀୟ। ସେହିଭଳି ବୃକ୍ଷ ପୂଜା ପରମ୍ପରାରେ ଆମ୍ବ ଗଛକୁ ପୂଜା କରିବାର ପର୍ବ ହେଉଛି ବଉଳ ଅମାବାସ୍ୟା। ପୌଷ ମାସର ଅମାବାସ୍ୟା ବକୁଳ ଅମାବାସ୍ୟା ନାମରେ ଖ୍ୟାତ। ବସନ୍ତ ପଞ୍ଚମୀ ତିଥିରେ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜାରେ ମଧ ଲାଗି ହୁଏ ଆମ୍ବର ବଉଳ।

## ବାଲିରେ ଘଟୁଛି ବ୍ରେକ୍‌ଅପ୍!



ଇଣ୍ଡୋନେସିଆର ବାଲି ହେଉଛି ଅତ୍ୟନ୍ତ ସୁନ୍ଦର ଏବଂ ମନୋରମ ପର୍ଯ୍ୟଟନସ୍ଥଳୀ। ଏଠାକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଛୁଟି କାଟିବାକୁ ଯାଆନ୍ତି। ଏବେ ଏହି ସ୍ଥାନ ତାର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ଅଜବ ଲୋକବିଶ୍ୱାସକୁ ନେଇ ଚର୍ଚ୍ଚାରେ ରହିଛି। ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ବାଲିକୁ ନେଇ ଅଜବ କଥା ଭାଇରାଲ ହେଉଛି। ଲୋକଙ୍କ କହିବା କଥା, ଅବିବାହିତ ଯୁବକ-ଯୁବତୀ ବାଲି ବୁଲିକି ଯିବାର କିଛି ଦିନ ମଧ୍ୟରେ ସେମାନଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇ ଯାଉଛି। ତେବେ ଏହି କଥାର ଚର୍ଚ୍ଚା ଏକ ପଡକାଷ୍ଟ ଭିଡିଓରୁ ଆରମ୍ଭ ହୋଇଛି। ଏହି ଭିଡିଓଟି ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଏହି ପଡକାଷ୍ଟର ହୋଷ୍ଟ କହିଛନ୍ତି ଯେ, ଅନେକ ପ୍ରେମୀଯୁଗଳ ସେମାନଙ୍କ ବ୍ରେକ୍‌ଅପ୍ କାହାଣୀ ସୋସିଆଲ ମିଡିଆରେ ସେୟାର୍ କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହି ପ୍ରେମୀଯୁଗଳମାନେ ବ୍ରେକ୍‌ଅପ୍ ପୂର୍ବରୁ ବାଲି ଯାଇଥିଲେ। ବାଲି ଟ୍ରିପ୍ ପରେ ପ୍ରେମୀ ଯୁଗଳଙ୍କ ସମ୍ପର୍କରେ ତିକ୍ତତା ଦେଖାଯାଇ ଶେଷରେ ବ୍ରେକ୍‌ଅପ୍ ହେଉଥିବା କୁହାଯାଉଛି। ତେବେ ଏଭଳି ବ୍ରେକ୍‌ଅପ୍‌କୁ ବାଲିରେ ଥିବା tanah lot ମନ୍ଦିର ସହିତ ଯୋଡ଼ା ଯାଇଛି। ଏହି ମନ୍ଦିର ଖୁବ୍ ଲୋକପ୍ରିୟ। ଏହା ସମୁଦ୍ରକୂଳରେ ଥିବା ଏକ ଚଟାଣ ଉପରେ ରହିଛି। ଏହି ମନ୍ଦିରରେ ଏକ ବିଶେଷ ପ୍ରକାର ଶକ୍ତି ଅଛି ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏହା ପ୍ରେମ ସମ୍ପର୍କର ପରୀକ୍ଷା ନେଇଥାଏ। ସମ୍ପର୍କ ମଜଭୁତ ନ ଥିଲେ, ମନ୍ଦିର ଯିବା ପରେ ସମ୍ପର୍କ ଭାଙ୍ଗିଯାଏ ବୋଲି କୁହାଯାଏ। ତେଣୁ ଅବିବାହିତଙ୍କୁ ଏହି ମନ୍ଦିର ଯିବା ଉଚିତ ନୁହେଁ ବୋଲି ସ୍ଥାନୀୟ ଲୋକେ ମତ ଦିଅନ୍ତି। ସେହିପରି ପ୍ରଶ୍ନ ଉଠୁଛି, ଏହି କଥାର ସତ୍ୟାସତ୍ୟ କେତେ? ଏସମ୍ପର୍କରେ ରିଲେସନ୍‌ସିପ୍ ଏକ୍ସପର୍ଟଙ୍କ କହିବା କଥା, ପ୍ରେମୀ ଯୁଗଳ ଯେତେବେଳେ ଏକାଠି ଯାତ୍ରା କରନ୍ତି ଓ ଦୀର୍ଘ ସମୟ ଏକାଠି ରହନ୍ତି, ପରସ୍ପରର ଅଭ୍ୟାସ, ଦୋଷ, ଦୁର୍ବଳତା ଆଦି ବାବଦରେ ଜାଣନ୍ତି। ଏହାସହ ଯାତ୍ରାର ଥକ୍କାପଣ, ଟଙ୍କା ଚିନ୍ତା, ଭବିଷ୍ୟତ ଚିନ୍ତା କରିବାବେଳେ କଳି, ଝଗଡ଼ା ଆଦି ମିଶି ସମ୍ପର୍କରେ ତିକ୍ତତା ଆସେ। ଯଦି ସମ୍ପର୍କ ପୂର୍ବରୁ ଦୁର୍ବଳ ଥାଏ, ଏହି ତିକ୍ତତା ଅଧିକ ବୃଦ୍ଧି ପାଏ। ତେଣୁ ଏଭଳି ସ୍ଥିତିରେ ବାଲିକୁ ଦୋଷ ଦେବା ଭୁଲ୍ ହେବ।

## କାହାଣୀ ପାଇଁ ଅଟକିଛି 'ଏସ୍‌ଏସ୍‌ଏମ୍‌ବି୨୯'ର ସୁଟିଂ

'ରାମାୟଣ' ପରେ ଏସ୍. ଏସ୍ ରାଜମୌଳିଙ୍କ 'ଏସ୍‌ଏସ୍‌ଏମ୍‌ବି୨୯'କୁ ଭାରତୀୟ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ କୁହାଯାଉଛି। ଏଥିରେ ଲିଡ୍ ରୋଲରେ ମହେଶବାବୁ ଓ ପ୍ରିୟଙ୍କା ଚୋପ୍ରା ନଜର ଆସିବେ। କିଛି ଦିନ ପୂର୍ବରୁ ଲୋକେସନ ପାଇଁ ଏହାର ସୁଟିଂ ଅଟକିଥିବା କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ପ୍ରକୃତରେ ଫିଲ୍ମର କାହାଣୀ ପାଇଁ ଏବେ ସୁଟିଂ ଅଟକି ଯାଇଥିବା ଜଣାପଡ଼ିଛି। ଫିଲ୍ମର ଗୋଟିଏ ପାର୍ଟର ସୁଟିଂ ମହେଶବାବୁ ସାରି ଦେଇଛନ୍ତି। କିନ୍ତୁ ଏଥିରେ ଆହୁରି ମସଲା ଦିଆଯାଇ ପାରିଥାନ୍ତା ବୋଲି ସେ ଅନୁଭବ କଲେ। ଏବେ ସେ ସୁଟିଂରୁ ବ୍ରେକ୍ ନେଇ ଏହାର କାହାଣୀ ଉପରେ କାମ କରୁଛନ୍ତି। ଫିଲ୍ମଟିକୁ ହିଟ୍ କରିବା ପାଇଁ ରାଜମୌଳି ମହେଶବାବୁଙ୍କର ଏକ ସୋଲୋ ଡ୍ୟାନ୍ସ ନମ୍ବର ରଖିଛନ୍ତି। 'ଏସ୍‌ଏସ୍‌ଏମ୍‌ବି୨୯'ର କାହାଣୀ ହଲିଉଡ୍‌ର 'ଇଣ୍ଡିଆନା ଜୋନ୍‌ସ' ସିରିଜ୍‌ରୁ ପ୍ରେରିତ ବୋଲି କୁହାଯାଉଛି। ଫିଲ୍ମରେ ଅଧିକ ଆକ୍ସନ୍ ଓ ଜଙ୍ଗଲ ସିନ୍ ରହିବ ବୋଲି କୁହାଯାଉଛି।






## କମ୍ ଖର୍ଚ୍ଚରେ ଅଧିକ ଲାଭ ସିଟ୍ରୋନେଲା



**ଆଜିକାଲି ପାରମ୍ପରିକ ଚାଷ ବଦଳରେ ବହୁ ଲୋକ ଔଷଧୀୟ ବଗିଚା କରିବା ଟ୍ରେଣ୍ଡକୁ ଆପଣାଇଛନ୍ତି। ତୁଳସୀ, ଘି-କୁଆଁରୀ, ପୁଦିନା, ଗିଲୟ, ଜୁଆଣି, ନିମ, ହଳଦୀ ଆଦି ଗଛ ସହିତ ଅଧିକାଂଶ ସୁଗନ୍ଧିତ ଘାସ ଚାଷ କରି ଆତ୍ମନିର୍ଭରଶୀଳ ହେଉଛନ୍ତି। ତେବେ କମ୍ ଖର୍ଚ୍ଚରେ ଜାଭା ସିଟ୍ରୋନେଲା ଚାଷରୁ ଜଣେ ଆୟ ବୃଦ୍ଧି କରିପାରିବ। ଏହି ଔଷଧୀୟ ଗଛରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟିଆମୋଏବିକ୍ ଏବଂ ଆଣ୍ଟିସେପ୍‌ଟିକ୍ ଗୁଣ ଭରପୁର ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ସେହିପରି ଏହି ଚାଷ ପରିବେଶ ଅନୁକୂଳ।**

ଜାଭା ସିଟ୍ରୋନେଲା ପତଳା ଓ ଲେମ୍ବୁ ପରି ସୁଗନ୍ଧ ଆସୁଥିବା ସୁଗନ୍ଧିତ ଘାସ। ଏଥିରୁ ବାହାରୁଥିବା ତେଲ ପରଫ୍ୟୁମ୍, ମଶାମାରିବା ପାଇଁ ଉତ୍ପାଦ, ସାନିଟାଇଜର, ଧୂପ, ସାବୁନ୍ ଏବଂ ହର୍ବାଲ୍ କ୍ରିମ୍ ବ୍ୟବହାର ପାଇଁ ଉପଯୋଗୀ ହୋଇଥାଏ। ବଜାରରେ ଏହାର ମୂଲ୍ୟ ପ୍ରତି ଲିଟର ପିଛା ୧୪୦୦ ଟଙ୍କା। ଏହି ଚାଷ ପାଇଁ କମ୍ ଖର୍ଚ୍ଚ ହୋଇଥାଏ। ଏହା ଏକ ବହୁବର୍ଷୀୟ ଫସଲ। ଅର୍ଥାତ୍ ଏହାକୁ ଥରେ ଲଗାଇଲେ, ପାଞ୍ଚ ବର୍ଷ ପର୍ଯ୍ୟନ୍ତ ୩ରୁ ୪ଥର କାଟି ପାରିବେ। ପ୍ରଥମ ବର୍ଷରେ ହେକ୍ଟର ପିଛା ୧୫୦ରୁ ୨୦୦ କିଗ୍ରା ତେଲ ମିଳିଥାଏ। ଏହି ଚାଷ ପାଇଁ ବାଲିଆ ଦୋରସା ମାଟି ଉପଯୁକ୍ତ। ଅମ୍ଳୀୟ ଏବଂ କ୍ଷାରୀୟ ମାଟିରେ ବି ସଫଳତା ପୂର୍ବକ ଏହି ଚାଷ କରାଯାଇପାରିବ। ଏହାର ଉନ୍ନତ କିସମ ହେଉଛି, ଜୋର ଲ୍ୟାବ୍ ସି-୫, ଜୋର ଲ୍ୟାବ ସି-୨ ଏବଂ ବାୟୋ-୧୩ ଇତ୍ୟାଦି। ଏହି ଚାଷରୁ ଅଧିକ ଲାଭ ପାଇବା ପାଇଁ ଜମିକୁ ତିନିରୁ ଚାରି ଥର ଗଭୀର ହଳ କରି ହେକ୍ଟର ପିଛା ୨୦ରୁ ୨୫ ଟନ୍ ସଢ଼ା ଖତ ମିଶାଯାଇଥାଏ। ଚାଷ ପାଇଁ ଫେବୃୟାରୀ-ମାର୍ଚ୍ଚ କିମ୍ବା ଜୁଲାଇରୁ ଅଗଷ୍ଟ ମାସ ଭଲ ସମୟ। ଏହି ଫସଲରେ ରୋଗ ପୋକ ଲାଗିବାର ଭୟ କମ୍ ଥାଏ। ସିଟ୍ରୋନେଲା ଚେର ମାଟିର ଅଧିକ ଗଭୀରକୁ ଯାଉନଥିବାରୁ ଏହି ଫସଲରେ ନିୟମିତ ଜଳ ସିଞ୍ଚନ ଆବଶ୍ୟକ। ଗ୍ରୀଷ୍ମଋତୁରେ ୧୦ରୁ ୧୫ ଦିନ ଏବଂ ଶୀତଋତୁରେ ୨୦ରୁ ୩୦ ଦିନ ଅନ୍ତରରେ ଜଳ ସିଞ୍ଚନ ଜରୁରି। ସିଟ୍ରୋନେଲା ମୂଳଚାରା ଲଗାଯିବାର ୬ ମାସ ମଧ୍ୟରେ ଘାସ କଟାଯାଇ ଏଥିରୁ ତେଲ କଢ଼ାଯାଇଥାଏ।

## ଧାନ ଫସଲରେ ରୋଗ ନିୟନ୍ତ୍ରଣ ପାଇଁ ପ୍ରଭାବୀ ଫିମ୍ପିନାଶକ



ଆମ ରାଜ୍ୟର ମୁଖ୍ୟ ଫସଲ ହେଉଛି ଧାନ। ହେଲେ ଧାନ ଫସଲରେ ରୋଗପୋକ ପ୍ରାଦୁର୍ଭାବରୁ ଧାନ ଅମଳ ଶତକଡ଼ା ୩୦ ପ୍ରତିଶତ ହ୍ରାସ ପାଇଥାଏ। ଖରିଫ ଧାନ ଫସଲରେ ପିଲ ଦେବା ପରଠାରୁ ଥୋଡ଼ ଆସିବା ମଧ୍ୟରେ ପତ୍ରଛଦା ପୋଡ଼ାରୋଗ ସଂକ୍ରମଣ କରିଥାଏ। ସଂକ୍ରମିତ ରୋଗାକ୍ରାନ୍ତ ଗଛର ପତ୍ର ମୂଳେ ଧୂସର ସବୁଜ ରଙ୍ଗର ଏକ ଦାଗ ଦେଖାଯାଇ କ୍ରମେ ଆକାର ବୃଦ୍ଧି ପାଏ। ରୋଗର ପ୍ରାଦୁର୍ଭାବ ଅଧିକ ହେଲେ ପତ୍ର ସଂକ୍ରମିତ ହୋଇ ବୋଡ଼ା ସାପ କାତି ପରି ଚିହ୍ନ ବ୍ୟାପି ଚାଷୀଙ୍କ ଚିନ୍ତା ବୃଦ୍ଧି କରେ। ତେଣୁ ଏହି ରୋଗ ନିୟନ୍ତ୍ରଣ ପାଇଁ ନିକଟରେ ଆନ୍ତର୍ଜାତୀୟ ଉଦ୍ୟୋଗ ବାୟର ପକ୍ଷରୁ ଏକ ପ୍ରଭାବୀ ଫିମ୍ପିନାଶକ 'ଫେଲୁଜିତ'ର ଶୁଭାରମ୍ଭ କରାଯାଇଛି। ଏହା ଫସଲରେ ପତ୍ରଛଦା ପୋଡ଼ା ରୋଗ(ସିଥ୍ ବ୍ଲାଇଟ) କୁ ନିୟନ୍ତ୍ରଣ କରି ଫସଲକୁ ସୁରକ୍ଷା ଦେବ। ଖୁବ୍‌ଶୀଘ୍ର ଦେଶର ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟଗୁଡିକରେ ଏହି କବକନାଶକ ଉପଲବ୍ଧ ହେବ। ଫେଲୁଜିତ, ପେନ୍‌ଫ୍ଲୁଫେନ୍ ଓ ଟେବୁକୋନାଜୋଲକୁ ମିଶ୍ରଣ କରିଛି। ଏହା ଫସଲ ଅମଳ ଓ ଗୁଣବତ୍ତାକୁ ଉନ୍ନତ କରୁଥିବା ଏକ ନିର୍ଭରଯୋଗ୍ୟ ସମାଧାନ ପ୍ରଦାନ କରିପାରିବ। ଅନ୍ୟ ଫିମ୍ପିନାଶକ ଭଳି ଏହାକୁ ଫସଲରେ ବାରମ୍ବାର ପ୍ରୟୋଗ କରିବାକୁ ପଡୁନଥିବାରୁ ଚାଷୀଙ୍କ ସମୟ ବଞ୍ଚିବ। ଶ୍ରମ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ବାୟରର କ୍ରପ ସାଇନ୍ସ ଡିଭିଜନର କ୍ଲଷ୍ଟର କମର୍ସିଆଲର ପ୍ରମୁଖ ମୋହନ ବାବୁଙ୍କ କହିବାନୁସାରେ, "ବିଶ୍ୱ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଆମର ଉଦ୍ଭାବନ ଚାଷୀଙ୍କୁ କମ୍ ପ୍ରୟୋଗ ସହିତ ପ୍ରଭାବୀ ରୂପେ ରୋଗ ପରିଚାଳନା କରିବା, ନିଜର ସଂଶାଧନକୁ ଉନ୍ନତ କରିବା ଏବଂ ବର୍ଦ୍ଧିତ କୃଷି ଆହ୍ୱାନ ମଧ୍ୟରେ ସେମାନଙ୍କର ଲାଭ ବୃଦ୍ଧି କରିବା ପାଇଁ ସଶକ୍ତ କରିଥାଏ।" ୩୨୦ ମିଲି ଓ ୧ ଲିଟରରେ ଉପଲବ୍ଧ ଫେଲୁଜିତ ସିଥ୍ ବ୍ଲାଇଟ ବିରୋଧି ଲଢେଇରେ ଏକ ପ୍ରଭାବୀ ଫିମ୍ପିନାଶକ ଏଥିରେ ଅତ୍ୟୁକ୍ତି ନାହିଁ।

## ସ୍ମାର୍ଟ ଆଲୋକ ଯନ୍ତ୍ର

ଫସଲର ପୋକ ନିୟନ୍ତ୍ରଣ ପାଇଁ ଚାଷୀମାନେ କୀଟନାଶକ, ସାର, ଔଷଧ ଆଦି ପ୍ରୟୋଗ କରନ୍ତି। ପୋକ ନିୟନ୍ତ୍ରଣ କରିବାକୁ ଆଲୋକଯନ୍ତ୍ର ଏକ ଉତ୍ତମ ବିକଳ୍ପ। ତେବେ ପାରମ୍ପରିକ ଆଲୋକଯନ୍ତ୍ର ସମସ୍ତ ପ୍ରଜାତିର ପୋକକୁ ଆକର୍ଷିତ କରୁଥିବାରୁ ଫସଲ ବୃଦ୍ଧି ପାଇଁ ଆବଶ୍ୟକୀୟ ଉପକାରୀ କୀଟ ଲୋପ ପାଇଯାଆନ୍ତି। ଏନେଇ ଡେଲ୍‌ଟା ଥିଙ୍ଗସ୍ ପ୍ରା ଲିଃ ଜୟଶଙ୍କର ତେଲେଙ୍ଗାନା ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ (ପିଜେଟିଏସ୍ଏୟୁ)ର ବୈଜ୍ଞାନିକଙ୍କ ସହ ମିଳିତ ଭାବେ ଏକ ସ୍ମାର୍ଟ ଉପକରଣ ବିକଶିତ କରିଛନ୍ତି। ଆଇଟ୍ରାପର ନାମକ ଏହି ଆଲୋକଯନ୍ତ୍ରଟି ଏକ ଇଣ୍ଟେଲିଜେଣ୍ଟ ଆଲୋକ ଯନ୍ତ୍ର। ବିଶେଷକରି ଏକ ନିର୍ଦ୍ଦିଷ୍ଟ ସମୟରେ କପାର ବକରା ବିନ୍ଧା ପୋକ ଏବଂ ଧାନ ଫସଲରେ ଲାଗୁଥିବା ନିର୍ଦ୍ଦିଷ୍ଟ ପୋକକୁ ଏହି ଯନ୍ତ୍ର ଅଧିକ ଆକୃଷ୍ଟ କରିଥାଏ। ଏଥିରେ ଅତି ବାଇଗଣୀ ରଶ୍ମି ଏବଂ ଦୃଶ୍ୟମାନ ଆଲୋକର ଉପଯୋଗ କରାଯାଇଛି। ଏହି ଆଲୋକଯନ୍ତ୍ରରେ ଏକ ମଲଟି ୱେଲନଥ୍ ଏଲ୍‌ଇଡି ବଲ୍‌ବ ଏବଂ ଆଇଓଟି ଯୁକ୍ତ ମାଇକ୍ରୋ କଣ୍ଟ୍ରୋଲର ଥାଏ। ଯାହାକି କେଉଁ ସମୟରେ କେଉଁ ରଙ୍ଗର ଆଲୋକ ଜଳିବ ତାହା ନିର୍ଦ୍ଧାରଣ କରିଥାଏ। ଏହି ଆଲୋକଯନ୍ତ୍ର କ୍ଷତିକାରୀ କୀଟକୁ ଆକର୍ଷିତ କରୁଥିବାବେଳେ ଉପକାରୀ କୀଟକୁ ଆଦୌ ଆକର୍ଷିତ କରେ ନାହିଁ। ଫସଲର ଉପକାରୀ କୀଟ ସକ୍ରିୟ ହେଲେ, ଉପକରଣଟି ବନ୍ଦ ହୋଇ କୀଟକୁ ସୁରକ୍ଷା ପ୍ରଦାନ କରିଥାଏ। ଫଳରେ ଚାଷୀଙ୍କୁ ଫସଲରେ ବାରମ୍ବାର କୀଟନାଶକ ସିଞ୍ଚନ କରିବାକୁ ପଡ଼େ ନାହିଁ। ପରିଶ୍ରମ କମ୍ ହୁଏ। ଏହା ପରିବେଶ ଅନୁକୂଳ ହୋଇଥିବାରୁ ଭଲ ଅମଳ ମିଳିଥାଏ।



## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଖାଲୁଆ ଜମିରେ ଧାନ ଯଦି ୨୧ ଦିନର ହୋଇ ଯାଇଥାଏ, ମୁଖ୍ୟ ଜମିରେ ପ୍ରତିରୋପଣ କରି ଦିଅନ୍ତୁ।
- ମକା ଓ ନଳିତାରେ ବର୍ଷା ଛାଡ଼ିଲା ପରେ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।
- ମାଟିର ଆର୍ଦ୍ରତାର ସଦୁପଯୋଗ ପାଇଁ ଅଣ ଧାନ ଫସଲ ଯଥା- ଚିନାବାଦାମ, ହରଡ଼, ଜଡ଼ା, ମୁଗ, ବିରି ଓ ରାଶି ଇତ୍ୟାଦି ଫସଲ ଲଗାନ୍ତୁ।
- ମୁଗ କିମ୍ବା ବିରି ଚାଷରେ ବିହନ ବୁଣିବାର ୭ ଦିନ ପୂର୍ବରୁ ଏକ କିଗ୍ରା ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ ଓ ଥିରାମର ମିଳିତ ଫିମ୍ପିନାଶକ ମିଶାଇ ବିହନ ବିଶୋଧନ କରନ୍ତୁ।



- ବାଇଗଣଚାରା ମୁଖ୍ୟ ଜମିରେ ଲଗାଇ ସାରିଥିଲେ କୋଡ଼ାଖୋସା ପରେ ଏକର ପ୍ରତି ୩୦ କିଗ୍ରା ୟୁରିଆ ଏବଂ ୨୦ କିଗ୍ରା ମ୍ୟୁରେଟ ଅଫ୍ ପଟାସ ସାର ପ୍ରୟୋଗ କରନ୍ତୁ।
- ପନିପରିବାରେ ସାହେବୀ ରୋଗ ପ୍ରତିରୋଧ ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ୍ ଇମିଡାକ୍ଲୋପ୍ରିଡ ସହ ବିହନ ବିଶୋଧନ ନିହାତି ଜରୁରି।


## ଭାରତ-ଇଂଲଣ୍ଡ ଚତୁର୍ଥ ଟେଷ୍ଟ ବୁଧବାର

# ବୁମ୍ରା, ପନ୍ତ ଓ କାମ୍ବୋଜ ଖେଳିବେ

ଓଲ୍ଡ ଟ୍ରାଫୋର୍ଡ, ୨୧।୭ (ଏଜେନ୍ସି)

ଭାରତ ସ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଆସନ୍ତା ବୁଧବାରଠାରୁ ଖେଳାଯିବ। ଏହା ପୂର୍ବରୁ ୧-୨ରେ ସିରିଜ୍ ପଛୁଆ ଥିବା ଭାରତକୁ ବରାବର ସ୍ଥିତିକୁ ଆଣିବା ଲାଗି ଏହି ମ୍ୟାଚ୍ ଜିତିବା ନିହାତି ଆବଶ୍ୟକ। ଏଭଳି ସ୍ଥିତିରେ ଦୁଇ ଫାଷ୍ଟ ବୋଲରଙ୍କ ମଧ୍ୟରୁ ବାମହାତୀ ଅର୍ଶଦୀପ ସିଂହ ଏହି ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସହ ପେସ୍ ବୋଲିଂ ଅଲରାଉଣ୍ଡର ନୀତୀଶ ରେଡ୍ଡି ସିରିଜ୍‌ରୁ ବିଦା ହୋଇଛନ୍ତି। ଭାରତର ଏକମାତ୍ର ବିଜୟରେ ୧୦ଟି ୱିକେଟ ନେଇଥିବା ଆକାଶ ଦୀପ୍‌ଙ୍କ ଫିଟ୍‌ନେସ ଠିକ୍ ନ ଥିବାରୁ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ଭଲ ପ୍ରଦର୍ଶନ କରି ନ ଥିବା ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁରଙ୍କ ନାମ ବିଚାରକୁ ନିଆଯାଉ ନାହିଁ। ୱିକେଟ ରକ୍ଷକ ଋଷଭ ପନ୍ତ ଆଜି କିପିଂ କରିଛନ୍ତି। ଖେଳିଲାବେଳେ ଆଘାତ ପାଇଥିବା ଆଙ୍ଗୁଠିରେ ସାମାନ୍ୟ ଯନ୍ତ୍ରଣା ହୋଇଥିଲା। ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରାଙ୍କୁ ଅଧିକ ବୋଲିଂ ନ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହାର ଅର୍ଥ ପ୍ରଥମ ଓ ତୃତୀୟ ଟେଷ୍ଟ ଖେଳିଥିବା ବୁମ୍ରାଙ୍କୁ ଚତୁର୍ଥ ଟେଷ୍ଟରେ ବିଶ୍ରାମ ଦିଆଯିବା କଥା। ଏଭଳି ସ୍ଥିତିରେ ଚତୁର୍ଥ ଟେଷ୍ଟ ଲାଗି କାହାକୁ ଦଳରେ ସାମିଲ କରାଯିବ, କାହାକୁ ବାହାରେ ରଖାଯିବ ତାହାକୁ ନେଇ ଚାପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ଏମାନଙ୍କ ସହ ଦ୍ୱନ୍ଦ୍ୱରେ ମଧ୍ୟ ଭାରତୀୟ କ୍ରିକେଟ ଦଳର ବଡ଼ ସମର୍ଥକ ଗୋଷ୍ଠୀ।





**ଯଶୀ ଭାଇ ଖେଲେଙ୍ଗେ** : କିନ୍ତୁ ଏସବୁ ଉପରୁ ପରଦା ଉଠାଇଛନ୍ତି ଭାରତର ଅନ୍ୟତମ ଫିଟ୍ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ। ଆଜି ଏଠାରେ ସାମ୍ବାଦିକଙ୍କ ଆଲୋଚନା ବେଳେ ସେ ଅନେକ କଥା ସ୍ପଷ୍ଟ କରିଛନ୍ତି। 'ଯଶୀ ଭାଇ ଖେଲେଙ୍ଗେ। (ଏହାର ଅର୍ଥ ଯଶପ୍ରୀତ୍ ବୁମ୍ରା ଏହି ମ୍ୟାଚ୍‌ରେ ଖେଳିବେ। ଆକାଶଦୀପଙ୍କ ମାଂସପେସୀରେ ଆଘାତ ଲାଗିଛି। ଟ୍ରେନର ଓ ଫିଜିଓ ତାଙ୍କ ଉପରେ ନିଷ୍ପତ୍ତି ନେବେ। ସେ ଯାହା ହେଉ ଠିକଣା ଏରିଆରେ ଆମକୁ ବୋଲିଂ କରିବାକୁ ହେବ' ବୋଲି ସିରାଜ କହିଛନ୍ତି। ସିରାଜଙ୍କ ସୂଚନାରୁ ଯଶପ୍ରୀତ୍ ବୁମ୍ରା ଏହି ଟେଷ୍ଟରେ ଖେଳିବା ସ୍ପଷ୍ଟ ହୋଇଛି। ଏଠାରେ ଯଦି ଭାରତ ହାରିଯାଏ ତେବେ ସିରିଜ୍‌ରେ ପରାଜିତ ହେବ। ଏଣୁ ମ୍ୟାଚ୍ ବଞ୍ଚାଇବା କିମ୍ବା ବିଜୟ ହାସଲ କରିବା ଭାରତର ପ୍ରାଥମିକତା। ବୁମ୍ରାଙ୍କ ପାର୍ଟନର ଆକାଶ ଦୀପ୍‌ଙ୍କ ଖେଳିବା ନେଇ ସନ୍ଦେହ ରହିଛି। ଦଳରେ ଆଉ ଦୁଇଜଣ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ଥିଲେ ମଧ୍ୟ ଭାରତ-'ଏ' ପକ୍ଷରୁ ନିକଟରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ଖେଳିଥିବା ହରିୟାଣାର ଅଂଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରାଯାଇଛି। ଯାହା ଆଶା କରାଯାଉଛି କାମ୍ବୋଜ୍‌ଙ୍କୁ ଏଠାରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ସିରାଜଙ୍କ ସୂଚନାକୁ ବିଶ୍ୱାସ କରାଗଲେ ଏହି ମ୍ୟାଚ୍‌ରେ ବୁମ୍ରା, ପନ୍ତଙ୍କ ଖେଳିବା ନିଶ୍ଚିତ। ଆଜି ପ୍ରସିଦ୍ଧ ଓ ଶାର୍ଦ୍ଦୁଳଙ୍କୁ ଯେପରି ନେଟ୍‌ସରୁ ଏଡ଼ାଇ ରଖାଯାଇଛି, ସେଥିରୁ ଉଭୟ ଖେଳାଳିଙ୍କର ଚତୁର୍ଥ ଟେଷ୍ଟରେ ଖେଳିବା ସମ୍ଭାବନା କମ୍। କିନ୍ତୁ ନୀତୀଶ କୁମାର ରେଡ୍ଡିଙ୍କ ସ୍ଥାନରେ କିଏ ଖେଳିବେ ତାହାକୁ ନେଇ ସନ୍ଦେହ ରହିଛି।

**ଡେବ୍ୟୁ କରିପାରନ୍ତି କାମ୍ବୋଜ୍** : ଭାରତୀୟ ଦଳରେ ଜଣେ ନବାଗତ ଫାଷ୍ଟ ବୋଲର ହରିୟାଣାର ଅଂଶୁଲ କାମ୍ବୋଜ୍‌ଙ୍କୁ ସାମିଲ କରାଯାଇଛି। ଶନିବାର ସେ ଟିମ୍ ସହ ଯୋଗଦେଇଥିଲେ ଓ ରବିବାର ମାଞ୍ଚେଷ୍ଟର ୟୁନାଇଟେଡ୍‌ରେ ଟିମ୍ ସହ ରହିଥିଲେ। ଆଜି ସୋମବାର ସେ ନେଟ୍ ପ୍ରାକ୍ଟିସ୍ କରିଥିଲେ। କୋଚ୍ ଗୌତମ ଗମ୍ଭୀର, ବୋଲିଂ କୋଚ୍ ମୋର୍ଣ୍ଣ ମୋର୍କେଲ, ଅଧିନାୟକ ଗିଲ୍ ଓ ବରିଷ୍ଠ ଫାଷ୍ଟ ବୋଲର ବୁମ୍ରାଙ୍କ ସହ ଆଲୋଚନା କରିବା ଦେଖାଯାଇଥିଲା। ଏହା ପରେ ସେ ୪୫ ମିନିଟ୍‌କାଳ ବୋଲିଂ କରିଥିଲେ। ଲୋକେଶ ରାହୁଲ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ସେ ଦୀର୍ଘ ଏକଘଣ୍ଟା ଧରି ନେଟ୍‌ସରେ ବୋଲିଂ କରିଥିଲେ। ସିରାଜଙ୍କ କହିବା ଅନୁଯାୟୀ ସେ ଠିକଣା ସ୍ଥାନରେ ବଲ ପକାଇଥିଲେ। ଭଲ ଲାଇନ୍ ଓ ଲେନ୍ଥ ଲାଗି ଜଣା ଥିବା କାମ୍ବୋଜ ଏଠାରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

**ୱିକେଟ କିପିଂ କଲେ ପନ୍ତ** : ଭାରତ ଲାଗି ସବୁଠାରୁ ଉଲ୍ଲେଖନୀୟ ଖବର ହେଲା ଋଷଭ ପନ୍ତ ୱିକେଟ କିପିଂ କରିବା। ଆଘାତପ୍ରାପ୍ତ ଆଙ୍ଗୁଳିରେ ବେଳେ ବେଳେ ଯନ୍ତ୍ରଣା ପାଉଥିଲେ ମଧ୍ୟ ପନ୍ତ କିପିଂ କରିଥିଲେ। ଏଣୁ ସେ ତାଙ୍କ ସ୍ଥାନ ବଜାୟ ରଖିବେ ବୋଲି ଆଶା କରିବା ସ୍ୱାଭାବିକ୍।

## ୮ ବର୍ଷ ପରେ ଟେଷ୍ଟ ଖେଳିବେ ଡାଓ୍ୱସନ



ଓଲ୍ଡ ଟ୍ରାଫୋର୍ଡ,୨୧।୭ (ଏଜେନ୍ସି): ଦୀର୍ଘ ୮ ବର୍ଷ ପରେ ବାମହାତୀ ସ୍ପିନର ଲିଆମ ଡାଓ୍ୱସନ ଇଂଲଣ୍ଡ ପକ୍ଷରୁ ଟେଷ୍ଟ ମ୍ୟାଚ୍ ଖେଳିବେ। ଏଠାରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ଲାଗି ଇଂଲଣ୍ଡ ପକ୍ଷରୁ ଘୋଷଣା କରାଯାଇଥିବା ଦଳରୁ ଏହା ସ୍ପଷ୍ଟ ହୋଇଛି। ସେ ଆହତ ସ୍ପିନର ସୋଏବ ବସିରଙ୍କ ସ୍ଥାନରେ ଖେଳିବେ ଓ ଇଂଲଣ୍ଡ ଦଳରେ ଏହା ଏକମାତ୍ର ପରିବର୍ତ୍ତନ। ଇଂଲଣ୍ଡ ଏବେ ୨-୧ରେ ସିରିଜ୍ ଆଗୁଆ ରହିଛି।

ଇଂଲଣ୍ଡ ଦଳ: ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚର ଓ ଲିଆମ ଡାଓ୍ୱସନ।

## ଆସନ୍ତାବର୍ଷ ଚାମ୍ପିଅନ୍ସ ଲିଗ୍ କ୍ରିକେଟ



ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଦୀର୍ଘ ଏକ ଦଶନ୍ଧିପରେ ଟି-୨୦ ଫର୍ମାଟରେ ଖେଳାଯାଉଥିବା ଚାମ୍ପିଅନ୍ସ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୁଣିଥରେ ଆରମ୍ଭ ହୋଇପାରେ। ଏଥିଲାଗି ସିଙ୍ଗାପୁରରେ ଅନୁଷ୍ଠିତ ଆଇସିସି ବୈଠକରେ ଆଲୋଚନା ହୋଇଛି ଓ ବିଭିନ୍ନ ଦେଶର ପ୍ରତିନିଧିଭାବେ ଆୟୋଜନ ସପକ୍ଷରେ ସମ୍ମତି ଜଣାଇଛନ୍ତି। ୨୦୧୪ରେ ଶେଷଥର ଏହା ଭାରତରେ ଆୟୋଜିତ ହୋଇଥିଲା ଓ ଚେନ୍ନଇ ସୁପର କିଙ୍ଗ୍‌ସ ଟାଇଟଲ ଜିତିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତରୁ ୩ଟି, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାରୁ ୨ଟି ଲେଖାଏଁ, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡରୁ ଗୋଟିଏ ଲେଖାଏଁ ଟି-୨୦ ଟିମ୍ ଭାଗନେଇଥିଲେ। ଏହାର ୬ଟି ସଂସ୍କରଣ ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ୪ଥର ଭାରତୀୟ ଦଳ ଓ ଦୁଇଥର ଅଷ୍ଟ୍ରେଲୀୟ ଦଳ ଚାମ୍ପିଅନ ହୋଇଥିଲେ।

**ଦୁଇଥାକିଆ ଟେଷ୍ଟ ଚାମ୍ପିଅନସିପ୍:** କ୍ରିକେଟରେ ଏବେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌କୁ ଦୁଇ ଥାକିଆ କରିବାକୁ ଆଇସିସିର ନୂଆ ସିଇଓ ସଂଯୋଗ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଏକ ୮ଜଣିଆ କମିଟି ଗଠନ କରାଯାଇଛି। ଏହାର ରିପୋର୍ଟ ପାଇବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ଆଇସିସି ଚେୟାରମ୍ୟାନ୍ ଜୟ ଶାହ କହିଛନ୍ତି।


● ଦ୍ୱିତୀୟ ୟୁଥ୍ ଟେଷ୍ଟ

## ଏକାଂଶଙ୍କ ଶତକ ଇଂଲଣ୍ଡର ସମ୍ମାନ ରଖିଲା

ଚେଲମ୍ସଫୋର୍ଡ, ୨୧।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ୟୁଥ୍ (୧୯୧ ବର୍ଷରୁ କମ୍) ଟେଷ୍ଟରେ ଇଂଲଣ୍ଡ ପ୍ରଥମ ପାଳିରେ ୩୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଇଂଲଣ୍ଡ ୟୁଥ୍ ଦଳ ପ୍ରଥମ ଦିବସ ସୁଦ୍ଧା ୭ ୱିକେଟ୍‌ରେ ୨୨୯ ରନ କରିଥିଲା। ସୋମବାର ୨ୟ ଦିବସରେ ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଇଂଲଣ୍ଡ ୩୦୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତୀୟ ବଂଶୋଦ୍ଭବ ଖେଳାଳି ଏକାଂଶ ସିଂହ ଶତକୀୟ ପାଳି ଖେଳି ଘରୋଇ ଦଳର ସମ୍ମାନ ରକ୍ଷା କରିଛନ୍ତି। ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ଏକାଂଶ ୧୫୫ ବଲ୍ ଖେଳି ୧୪ ଚୌକା ଓ ୩ ଛକା ସହ ୧୧୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଥୋମାସ ରିଉ ୫୯, ଜେମ୍ସ ମିଣ୍ଟୋ ୪୬ ରନ କରିଥିଲେ। ଭାରତୀୟ ୟୁଥ୍ ଦଳ ପକ୍ଷରୁ ଲେଗ୍-ସ୍ପିନର ନମନ ପୁଷ୍ପକ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଭାରତ ଶେଷ ଖବର ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୩୭ ରନ କରିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଡ୍ର ରହିଥିଲା।

## ଏସିଆ କପ୍ ହକି: ଭାରତ ଆସିବାକୁ ପାକିସ୍ତାନ ଅନିଚ୍ଛୁକ

କରାଚି,୨୧।୭ (ଏଜେନ୍ସି): ଭାରତରେ ଆସନ୍ତାବର୍ଷ ଏସିଆ କପ୍ ହକି ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ଚାମ୍ପିଅନ ହୋଇଥିବା ଦଳ ସିଧାସଳଖ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏଭଳି ସ୍ଥିତିରେ ସୁରକ୍ଷା କାରଣରୁ ପାକିସ୍ତାନର ହକି ଟିମ୍ ଭାରତରେ ଏସିଆ କପ୍ ଖେଳିବା ଲାଗି ଯିବ ନାହିଁ ବୋଲି ଏହି ଦେଶର ହକି ସଂଘ ସଭାପତି ତାରିକ୍ ବୁଗତି କହିଛନ୍ତି। ଆମେ ଏ ସମ୍ପର୍କରେ ଏସିଆ ହକି ମହାସଂଘ (ଏଏଚ୍ଏଫ୍) ଓ ଫେଡେରେସନ ଅଫ୍ ଇଣ୍ଟରନ୍ୟାସନାଲ ହକି (ଏଫ୍ଆଇଏଚ୍)କୁ ଜଣାଇଦେଇଛୁ। ସରକାର ମଧ୍ୟ ସମାନ କାରଣରୁ ଭାରତକୁ ପାକିସ୍ତାନୀ ଖେଳାଳିଙ୍କୁ ଛାଡ଼ିବାକୁ ନାରାଜ। ଏଣୁ ଏ ସମ୍ପର୍କରେ ଏଏଚ୍ଏଫ୍ ଓ ଏଫ୍ଆଇଏଚ୍ ଯେଉଁ ନିଷ୍ପତ୍ତି ନେବ ତାହାକୁ ଆମେ ଗ୍ରହଣ କରିବୁ ବୋଲି ବୁଗତି କହିଛନ୍ତି।



## ୨୩ ବର୍ଷ ପରେ ଭାରତରେ ହେବ ଚେସ୍ ବିଶ୍ୱକପ୍

ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଦୀର୍ଘ ୨୩ ବର୍ଷର ବ୍ୟବଧାନ ପରେ ଭାରତରେ ଚେସ୍ ବିଶ୍ୱକପ୍ ଚଳିତବର୍ଷ ଆୟୋଜିତ ହେବ ବୋଲି ଚେସ୍ ଖେଳର ସର୍ବୋଚ୍ଚ ସଂସ୍ଥା ଫିଡେ ପକ୍ଷରୁ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତା ଅକ୍ଟୋବର ୩୧ରୁ ଆରମ୍ଭ ହୋଇ ନଭେମ୍ବର ୨୭ରେ ଶେଷ ହେବ ଏବଂ ଏଥିରେ ବିଶ୍ୱର ଶ୍ରେଷ୍ଠ ୨୦୬ ଜଣ ଖେଳାଳି ଅଂଶଗ୍ରହଣ କରିବେ। କିନ୍ତୁ ଏହା ଭାରତର କେଉଁ ସହରରେ ଆୟୋଜିତ ହେବ ତାହା ଘୋଷଣା କରାଯାଇନାହିଁ। ଶେଷଥର ଏହି ବିଶ୍ୱକପ୍ ୨୦୦୨ ହାଇଦରାବାଦ୍‌ରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଭାରତ ଚାମ୍ପିଅନ ହୋଇଥିଲା। ଏହି ପ୍ରତିଯୋଗିତାରେ ଭାରତରୁ ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ୍ ଡି ଗୁକେଶ, ଆର୍ ପ୍ରଜ୍ଞାନନ୍ଦ, ୨୦୨୩ ରନର୍ସଅପ୍ ଅର୍ଜୁନ ଏରିଗାଏସି ଶୀର୍ଷ ଖେଳାଳିଭାବେ ଅଂଶଗ୍ରହଣ କରିବେ। ବିଶ୍ୱର ନମ୍ବର-୧ ଖେଳାଳି ତଥା ୨୦୨୩ ଚାମ୍ପିଅନ୍ ମ୍ୟାଗ୍ନସ କାର୍ଲସେନ୍ ମଧ୍ୟ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରୁ ମଧ୍ୟ କ୍ୟାଣ୍ଡିଡେଟ ଚେସ୍-୨୦୨୬ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଏହି ପ୍ରତିଯୋଗିତାରେ ଭାଗନେବାକୁ ଥିବା ୨୦୬ ଜଣ ଖେଳାଳିଙ୍କ ମଧ୍ୟରୁ ମାନ୍ୟତାରେ ପ୍ରଥମ ୫୦ଜଣ ଖେଳାଳି ସିଧାସଳଖ ଦ୍ୱିତୀୟ ରାଉଣ୍ଡରେ ଖେଳିବେ। ଟୁର୍ଣ୍ଣାମେଣ୍ଟ ନକ୍‌ଆଉଟ ଭିତ୍ତିରେ ଖେଳାଯିବ ଓ ଅବଶିଷ୍ଟ ଖେଳାଳି ଏଥିରେ ଭାଗନେବେ। ଏହି ଟୁର୍ଣ୍ଣାମେଣ୍ଟ ଭାରତରେ ଚେସ୍ ଖେଳକୁ ଅଧିକ ଲୋକପ୍ରିୟ କରାଇବ।

## ଜାତୀୟ କୁସ୍ତି ଲାଗି ୧୬ ମନୋନୀତ

ଭୁବନେଶ୍ୱର, ୨୧।୭ (ସମିସ): ୨୩ ବର୍ଷରୁ କମ୍ ଜାତୀୟ କୁସ୍ତି ପ୍ରତିଯୋଗିତା ମଙ୍ଗଳବାରଠାରୁ ରାଞ୍ଚିରେ ଆୟୋଜିତ ହେବାକୁ ଯାଉଛି। ଏହି ୩ ଦିନିଆ ପ୍ରତିଯୋଗିତାରେ ଓଡ଼ିଶାର ୧୬ଜଣ କୁସ୍ତି ଖେଳାଳି ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶା କୁସ୍ତି ସଂଘ ଆନୁକୂଲ୍ୟରେ କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଏହି ଖେଳାଳିମାନେ ମନୋନୀତ ହୋଇଛନ୍ତି। ପୁରୁଷ ଫ୍ରିଷ୍ଟାଇଲ ଓ ମହିଳା କୁସ୍ତି ଲାଗି ଅନୁଷ୍ଠିତ ଏହି ଚୟନ ଶିବିରରେ ରାଜ୍ୟ ସଂଘ ଅନୁବନ୍ଧିତ ଓ ଅଣ ଅନୁବନ୍ଧିତ ଜିଲ୍ଲାର ୫୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚୟନ ଶିବିର ଶେଷରେ ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ରାଜ୍ୟ କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା, ବିଜୟ ଦାସ, ଲଲାଟେନ୍ଦୁ ବଡୁ, କ୍ରୀଡ଼ା ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଆଗାମୀ ଜାତୀୟ ପ୍ରତିଯୋଗିତା ଲାଗି ଶୁଭକାମନା ଜଣାଇଥିଲେ।

## ସେମିରେ ପହଞ୍ଚିବାରେ ହମ୍ପି ପ୍ରଥମ ଭାରତୀୟ



ମହିଳା ଚେସ୍ ବିଶ୍ୱକପ୍

ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଭାରତର ନଂ-୧ ଖେଳାଳି କୋନେରୁ ହମ୍ପି ମହିଳା ଚେସ୍ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ସେ ଦେଶର ପ୍ରଥମ ଖେଳାଳି ଭାବେ ଏହି ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ପୂର୍ବରୁ ୨୦୨୩ ବିଶ୍ୱକପ୍‌ରେ ହାରିକା ଦ୍ରୋଣାଭାଲି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ଭାରତ ଲାଗି ଶ୍ରେଷ୍ଠ ସଫଳତା ଥିଲା। ଜର୍ଜିଆର ବାଟୁମିଠାରେ ଚାଲିଥିବା ଏହି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ସେ ଚୀନ୍‌ର ୟୁଜିନ ସଙ୍ଗ୍‌ଙ୍କୁ ୧.୫-୦.୫ ପଏଣ୍ଟରେ ପରାସ୍ତ କରି ସେମିକୁ ଉଠିଛନ୍ତି। ସେମିଫାଇନାଲରେ ସେ ଟପ୍ ସିଡ୍ ଚୀନ୍‌ର ଲେଇ ତିଙ୍ଗଜିଏଙ୍କୁ ଭେଟିବେ। ଚୀନ୍‌ର ଆଉ ଜଣେ ଖେଳାଳି ତାନ ଝୋଙ୍ଗୟି ଭାରତର ଆର୍ ବୈଶାଳୀଙ୍କୁ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି। ସେମିରେ ସେ ଆଉ ଜଣେ ଭାରତୀୟ ହାରିକା କିମ୍ବା ଦିବ୍ୟା ଦେଶମୁଖଙ୍କୁ ଭେଟିବେ। ହାରିକା ଓ ଦିବ୍ୟାଙ୍କ ମଧ୍ୟରେ କ୍ୱାର୍ଟରଫାଇନାଲ ମୁକାବିଲା ଟାଇବ୍ରେକରରେ ନିଷ୍ପତ୍ତି ହେବ। ଏଣୁ ଏହି ପ୍ରତିଯୋଗିତାରେ ଭାରତର ଦୁଇ ମହିଳା ସେମିଫାଇନାଲ ଖେଳିବେ।

## ୨ ମାସରେ ୧୭ କିଲୋ ଓଜନ କମାଇଲେ ସର୍ଫରାଜ



ମୁମ୍ବାଇ, ୨୧।୭ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ଖେଳାଳି ସର୍ଫରାଜ ଖାନ ବେଶ୍ କିଛି ଦିନ ଧରି ଜାତୀୟ ଦଳରୁ ବାଦ୍ ପଡ଼ିଆସୁଛନ୍ତି। ଘରୋଇ କ୍ରିକେଟ୍‌ରେ ଲଗାତର ପ୍ରଭାବୀ ପ୍ରଦର୍ଶନ କରିଆସୁଥିଲେ ମଧ୍ୟ ସର୍ଫରାଜଙ୍କ ପାଇଁ ତାଙ୍କ ଫିଟ୍‌ନେସ ତଥା ପୃଥୁଳାକାୟ ଶରୀର ସର୍ବଦା ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଥାଏ। ଯେଉଁଥି ପାଇଁ ତାଙ୍କୁ ଅନେକ ସମୟରେ ସମାଲୋଚନାର ଶିକାର ହେବାକୁ ମଧ୍ୟ ପଡ଼ିଥାଏ। କିନ୍ତୁ ୨୭ ବର୍ଷୀୟ ଏହି ମୁମ୍ବାଇ ୱିକେଟ୍‌କିପର ତାଙ୍କ ସମାଲୋଚକଙ୍କୁ ମୁହଁତୋଡ଼ ଜବାବ ଦେଇଛନ୍ତି। ଏହି ଜବାବ ସେ ବ୍ୟାଟ୍‌ରେ ନ ଦେଇ ନିଜର ବଳିଷ୍ଠ ପରିବର୍ତ୍ତିତ ଫିଟ୍‌ନେସ ଜରିଆରେ ଦେଇଛନ୍ତି। ସର୍ଫରାଜ ଗଲା ଦୁଇ ମାସରେ ଜିମ୍‌ରେ କଠିନ ଅଭ୍ୟାସ କରି ଝାଳ ବୁହାଇ ୧୭ କିଲୋ ଓଜନ କମାଇଦେଇଛନ୍ତି। ସୋମବାର ସେ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ପୋଷ୍ଟ କରିଥିଲେ। ଏହି ଫଟୋରେ କ୍ୟାପସନରେ ସେ ଉଲ୍ଲେଖ କରିଥିଲେ ଯେ ୨ ମାସ ମଧ୍ୟରେ ସେ ୧୭ କିଲୋ ଓଜନ କମାଇବାରେ ସଫଳ ହୋଇଛନ୍ତି। ନୂଆ ଲୁକ୍‌ରେ ସର୍ଫରାଜ ବେଶ୍ ଫିଟ୍ ନଜର ଆସୁଛନ୍ତି।

## ଅଷ୍ଟ୍ରେଲିଆକୁ ଜିତାଇଲେ ପଦାର୍ପଣକାରୀ ଓନ୍

କିଙ୍ଗ୍‌ସଟନ୍, ୨୧।୭ (ଏଜେନ୍ସି): ପଦାର୍ପଣକାରୀ ମାଇକେଲ୍ ଓନ୍‌ଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ (୫୦ ରନ ଓ ୧ ୱିକେଟ୍) ବଳରେ ବଳରେ ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ରେ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ଘରୋଇ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ ପ୍ରଦତ୍ତ ୧୯୦ ରନର ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ୭ ୱିକେଟ୍ ହରାଇ ୭ ବଲ୍ ପୂର୍ବରୁ ବିଜୟୀ ହୋଇଥିଲା। କାମେରନ ଗ୍ରୀନ ୫୧, ଅଧିନାୟକ ମିଚେଲ ମାର୍ଶ ୨୪, ଗ୍ଲେନ ମ୍ୟାକ୍ସୱେଲ ୧୧ ରନ କରିଥିଲେ। ପୂର୍ବରୁ ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍ (୫୫) ଓ ରୋଷ୍ଟନ ଚେଜ୍ (୬୦)ଙ୍କ ଅର୍ଦ୍ଧଶତକ ସହାୟତାରେ ୮ ୱିକେଟ୍‌ରେ ୧୮୯ ରନ କରିଥିଲା।

## ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ୬ ବ୍ୟାଡ୍‌ମିଣ୍ଟନ ଖେଳାଳି ବାଦ୍ ପଡ଼ିଲେ




ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଏଆଇୟୁ ବା ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟି ଭାରତରେ କ୍ରୀଡ଼ା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିଚାଳନା କରିବାର ସର୍ବୋଚ୍ଚ ସଂସ୍ଥା। ଏହି ସଂସ୍ଥାକୁ ପ୍ରତିନିଧିତ୍ୱ କରୁଥିବା କର୍ମକର୍ତ୍ତାମାନଙ୍କ ଖାମଖିଆଲି ଓ ଦାୟିତ୍ୱହୀନତା ଯୋଗୁଁ ଜର୍ମାନୀରେ

**ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରୁ ୬ଜଣ ଭାଗ ନେବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶା ତଥା କିଟ୍ ବିଶ୍ୱବିଦ୍ୟାଳୟର ଅବିନାଶ ମହାନ୍ତି ମଧ୍ୟ ଅଛନ୍ତି। ଏହି କ୍ରୀଡ଼ାରେ ଭାରତ ଏକ ପଦକ ଜିତିଛି। ସମସ୍ତ ଯୋଗ୍ୟ ଖେଳାଳି ଅଂଶଗ୍ରହଣ କରିଥିଲେ ଭାରତକୁ ଆହୁରି ଅଧିକ ସଫଳତା ମିଳିଥାନ୍ତା ବୋଲି କୁହାଯାଉଛି।

ଘଟଣା ଅନୁଯାୟୀ ଏହି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଜୁଲାଇ ୧୬ରେ ମ୍ୟାନେଜରଙ୍କ ବୈଠକ ହୋଇଥିଲା। ଏହି ବୈଠକରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଥିବା ୧୨ ଜଣ ଖେଳାଳିଙ୍କ ନାମ ଦୁଇ ପ୍ରତିନିଧି ବିଭି ରାଓ ଓ ଅଜିତ ମୋହନ ଠିକ୍ ଭାବେ ଉପସ୍ଥାପନ କରିପାରି ନ ଥିଲେ। କିଟ୍‌ରେ ଯେଉଁମାନଙ୍କୁ ଚୟନ କରାଯାଇଥିଲା ସେଥିରେ କିଛି ଖେଳାଳିଙ୍କୁ ଆହତ କିମ୍ବା ଅନ୍ୟ କାରଣ ଲାଗି ବାଦ୍ ଦିଆଯାଇଥିଲା। କିନ୍ତୁ ତାଙ୍କ ବଦଳରେ ସାମିଲ ହୋଇଥିବା ଖେଳାଳିଙ୍କ ନାମ ଭାରତର ଦୁଇ ପ୍ରତିନିଧି ଠିକ୍ ଭାବେ ପଢ଼ି ପାରି ନ ଥିଲେ କିମ୍ବା ତାଲିକା ଯୋଗାଇ ପାରି ନ ଥିଲେ। ଯାହା ଫଳରେ ୬ଜଣ ଖେଳାଳି ଯଥା ଓଡ଼ିଶାର ଅବିନାଶ ମହାନ୍ତିଙ୍କ ସହ ରୋହନ କୁମାର, ଦର୍ଶନ ପୂଜାରୀ, ଅଦିତି ଭଟ୍ଟ, ବିରାଜ କୁଭାଲେ ଓ ଅଲିଶା ଖାନ୍ ଭାଗ ନେଇ ପାରି ନ ଥିଲେ। 'ଏହାକୁ ମୋ ଦୁର୍ଭାଗ୍ୟ କହିବି ନା ଏଆଇୟୁ ଆମ କ୍ୟାରିୟର ସହ ଖେଳୁଛି' ବୋଲି କହିଛନ୍ତି ଅଲିଶା। ଏ ସମ୍ପର୍କରେ ଏଆଇୟୁ ପକ୍ଷରୁ କିଛି ସ୍ପଷ୍ଟିକରଣ ଦିଆଯାଇନାହିଁ।

## ସାହାଣୀ କପ୍: କ୍ୱାର୍ଟରରେ କୋରାପୁଟ -ଭୁବନେଶ୍ୱର

ଭୁବନେଶ୍ୱର, ୨୧।୭ (ସମିସ)



ବ୍ରହ୍ମପୁର ଜୋନ

ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ସିନିଅର ଆନ୍ତଃଜିଲ୍ଲା ବରିଷ୍ଠ ପୁରୁଷ ଫୁଟ୍‌ବଲ ପ୍ରତିଯୋଗିତାର ୬ଷ୍ଠ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜୋନରେ ଅନୁଷ୍ଠିତ ମ୍ୟାଚରେ ଖୋର୍ଦ୍ଧା ୫-୦ ଗୋଲ୍‌ରେ ପୁରୀକୁ ପରାସ୍ତ କରିଛି। ଜଳଧର ନାୟକ ହ୍ୟାଟ୍ରିକ ସହ ସର୍ବାଧିକ ୪ଟି ଗୋଲ୍ ଦେଇଥିଲେ। ସେହିଭଳି ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ କଟକ ୬-୦ ଗୋଲରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ହରାଇଛି। ସେହିଭଳି କେନ୍ଦୁଝରେ ଜୋନରେ ସୁନ୍ଦରଗଡ଼ ୧-୦ ଗୋଲ୍‌ରେ ବାଲେଶ୍ୱର ବିପକ୍ଷରେ ବିଜୟୀ ହୋଇଛି। ଢେଙ୍କାନାଳ ଓ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଡ୍ର ରହିଥିଲା। ବ୍ରହ୍ମପୁର ଜୋନରେ ମଧ୍ୟ ଆଜି ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କୋରାପୁଟ ୪-୦ ଗୋଲରେ ରାୟଗଡ଼ାକୁ ଓ ମୟୂରଭଞ୍ଜ ୫-୦ ଗୋଲ୍‌ରେ ମାଲକାନଗିରିକୁ ମାତ୍ ଦେଇଛି।

ଏଥିସହ ୩ଟି ଜୋନରେ କ୍ୱାର୍ଟର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଯାଇଛି। ରାଜକନିକା ଜୋନରେ କଟକ ଓ ଝାରସୁଗୁଡ଼ା, ବ୍ରହ୍ମପୁର ଜୋନରେ ଭୁବନେଶ୍ୱର ଓ କୋରାପୁଟ ଏବଂ କେନ୍ଦୁଝର ଜୋନରେ ସୁନ୍ଦରଗଡ଼ ଓ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ମଧ୍ୟରେ କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହେବ। ସେହିଭଳି ବୌଦ୍ଧ ଜୋନରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ସମାପ୍ତ ହେଲେ ଏଠାରେ କେଉଁ ଦଳ କ୍ୱାର୍ଟର ଫାଇନାଲ ଖେଳିବ ତାହା ସ୍ପଷ୍ଟ ହେବ ବୋଲି ଫାଓ ପକ୍ଷରୁ କୁହାଯାଇଛି।

**କ୍ୱାର୍ଟର କାର୍ଯ୍ୟସୂଚୀ**

| ଜୋନ୍ | ମ୍ୟାଚ୍ |
| --- | --- |
| କେନ୍ଦ୍ରାପଡ଼ା | କଟକ ବନାମ ଝାରସୁଗୁଡ଼ା |
| ବ୍ରହ୍ମପୁର | ଭୁବନେଶ୍ୱର ବନାମ କୋରାପୁଟ |
| କେନ୍ଦୁଝର | ସୁନ୍ଦରଗଡ଼ ବନାମ ଆର୍‌ଏସ୍‌ପି |
| ବୌଦ୍ଧ | ନିର୍ଦ୍ଧାରିତ ହୋଇନାହିଁ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS